# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁନ୍ ୨୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 22/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 207 | ମୂଲ୍ୟ₹୭/-




**ନୀରଜଙ୍କୁ ଡାଇମଣ୍ଡ ଲିଗ୍ ଟାଇଟଲ**

ପ୍ୟାରିସରେ ଡାଇମଣ୍ଡ ଲିଗ୍ ଟାଇଟଲ ଜିତିଛନ୍ତି ଭାରତୀୟ ଜାଭେଲିନ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା।

୧୪

୦୨

**ନୂଆ ଲୁକ୍‌ରେ ଗୋବିନ୍ଦା**

ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତା ଗୋବିନ୍ଦା ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



# ଝାଡ଼ଖଣ୍ଡରେ ବର୍ଷା, ବାଲେଶ୍ୱରରେ ବନ୍ୟା

■ ସୁବର୍ଣ୍ଣରେଖା ବନ୍ୟାପାଣିରେ ଭାସିଗଲେ ଯୁବକ ■ ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ■ ଭାଙ୍ଗିଲା ଖାଲଯୋଡ଼ି ସ୍ଲୁଇସ ଗେଟ୍



ଭୋଗରାଇ ବ୍ଲକ ମନୁନଗର ଗ୍ରାମରେ ବନ୍ୟାଘେରରେ ରହିଥିବା ଘର।

ବିନା ବଡ଼ ବର୍ଷାରେ ବାଲେଶ୍ୱର ଜିଲାରେ ସୃଷ୍ଟି ହୋଇଛି ବନ୍ୟା। ବହୁ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ସୁବର୍ଣ୍ଣରେଖା ବନ୍ୟାଜଳ ସ୍ରୋତରେ ଶନିବାର ମଧ୍ୟାହ୍ନରେ ଭୋଗରାଇ ବ୍ଲକର ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ଝାଡ଼ଖଣ୍ଡରେ ହୋଇଥିବା ପ୍ରବଳ ବର୍ଷାର ପରିଣାମ ସ୍ୱରୂପ ଏଭଳି ସ୍ଥିତି ଉପୁଜିଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ଝାଡ଼ଖଣ୍ଡରେ ଗାଲୁଡିହି ବ୍ୟାରେଜ୍‌ର ୮ ଗେଟ୍ ଖୋଲି ଦିଆଯାଇଥିଲା। ଫଳରେ ସୁବର୍ଣ୍ଣରେଖା ନଦୀ ଫୁଲି ଉଠିଛି। ଏଥିଯୋଗୁ ତଳମୁଣ୍ଡରେ ଥିବା ଅଞ୍ଚଳ ବନ୍ୟାପ୍ଲାବିତ ହୋଇଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲାର ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ ହୋଇଯାଇଛି। ମୁଖ୍ୟ ରାସ୍ତାଗୁଡ଼ିକରେ ଆଣ୍ଠୁଏରୁ ଅଣ୍ଟାଏ ଯାଏ ପାଣି ଜମି ରହିଛି। ସେହିପରି ଭୋଗରାଇ ବ୍ଲକ୍‌ରେ ବ୍ରିଟିଶ ଅମଳରେ ନିର୍ମିତ ଖାଲଯୋଡ଼ି ସ୍ଲୁଇସ୍ ଗେଟ୍ ବନ୍ୟାସ୍ରୋତରେ ଭାଙ୍ଗିଯାଇଛି।

**ଭୋଗରାଇ, ୨୧।୬ (ପ୍ରଦୀପ ଦାସ)**

ଝାଡ଼ଖଣ୍ଡ ମାଳାଞ୍ଚଳରେ ଭୀଷଣ ବର୍ଷା ଓ ଗାଲୁଡିହି ବ୍ୟାରେଜ୍‌ର ପ୍ରାୟ ୮ ଗେଟ୍‌ରେ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୨ କ୍ୟୁସେକ ଉଦ୍‌ବୃତ୍ତ ବର୍ଷାପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ କରାଯିବାରୁ ନଦୀରେ ଆକସ୍ମିକ ବନ୍ୟା ଆସିଛି। ଶୁକ୍ରବାର ସନ୍ଧ୍ୟାରୁ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧିପାଇ ରାଜଘାଟ ଗେଜ୍‌ଠାରେ ବିପଦସଙ୍କେତ ୧୦.୩୬ମିଟର ଊର୍ଦ୍ଧ୍ୱରେ ପ୍ରବାହିତ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

କେବଳ ପ୍ରହେଳିକା







No. T-43

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା23.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ


OIPR-09014/11/0151/2526


## ଯୋଗ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ସ୍କୁଲ ପାଠ୍ୟକ୍ରମରେ ରହିବ ଯୋଗ

**ଭୁବନେଶ୍ୱର, ୨୧।୬ (ସୁନିତ୍ ମିଶ୍ର)**

ପିଲାଙ୍କ ଶାରୀରିକ, ମାନସିକ ଓ ଆବେଗିକ ସୁସ୍ଥତା ପାଇଁ ସ୍କୁଲ ପାଠ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗକୁ ସାମିଲ କରାଯିବ। ଏହା ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଓ ସମର୍ଥ ଭାରତ ଗଢ଼ି ତୋଳିବାରେ ସହାୟକ ହେବ। ଏଥିସକାଶେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଉଛୁ। ସ୍କୁଲ, କଲେଜ, ହଷ୍ଟେଲ, ସ୍ପୋର୍ଟିଂ ସେଣ୍ଟର ଆଦିରେ ସଚେତନତା ଅଭିଯାନର ଆୟୋଜନ କରାଯାଉଛି। ତେଣୁ ସ୍କୁଲ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।



## ଆଜିର ମନ୍ତବ୍ୟ

"ନିର୍ବାଚନ କମିଶନ ସ୍ୱଚ୍ଛତା ପ୍ରଦର୍ଶନ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣ ନଷ୍ଟ କରୁଛନ୍ତି। ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ବଢ଼ିଲା ଓମଫେଡ୍ କ୍ଷୀର ମୂଲ୍ୟ

........୫.........

## ନୋବେଲ ଶାନ୍ତି ପାଇଁ ଟ୍ରମ୍ପ୍‌ଙ୍କ ନାମ ସୁପାରିସ କଲା ପାକିସ୍ତାନ

**ଇସ୍‌ଲାମାବାଦ/ନ୍ୟୁୟର୍କ, ୨୧।୬**

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ଇସ୍‌ଲାମାବାଦ ଆନୁଷ୍ଠାନିକ ଭାବେ ସୁପାରିସ କରିଛି। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଆପ୍ୟାୟିତ କରିବାର ୩ ଦିନ ନ ବିତୁଣୁ ପାକିସ୍ତାନ ସରକାର ଉପରୋକ୍ତ ଘୋଷଣା କରିଛନ୍ତି। ଏପ୍ରିଲ୍ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାର ଜବାବରେ ଭାରତୀୟ ସେନା ମେ' ୭ରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଉଭୟ ଦେଶ ପରସ୍ପର ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପରେ ମେ' ୧୦ରେ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ(ଡିଜିଏମ୍‌ଓ) ସ୍ତରୀୟ ଆଲୋଚନା ହୋଇ ଅସ୍ତ୍ରବିରତି ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଭାରତ-ପାକ୍ ଯୁଦ୍ଧକୁ ବନ୍ଦ କରାଇଥିବା ନେଇ ଟ୍ରମ୍ପ୍ କ୍ରମାଗତ ଭାବେ ଦାବି କରିଆସୁଛନ୍ତି। ତାଙ୍କ ଦାବିକୁ ଭାରତ ଖଣ୍ଡନ କରିବା ସହ ଅସ୍ତ୍ରବିରତିରେ କେହି ମଧ୍ୟସ୍ଥତା କରି ନ ଥିବା ସ୍ପଷ୍ଟ କରିଛି। ଭାରତୀୟ ସେନାର ଜୋର୍‌ଦାର ଆକ୍ରମଣରେ ଭୟଭୀତ ପାକ୍ ☞ପୃଷ୍ଠା-୪









# ଇସ୍ଫାହାନ୍ ଆଣବିକ କେନ୍ଦ୍ରରେ ଇସ୍ରାଏଲ୍‌ର ଆକ୍ରମଣ

**ତେଲ୍ ଆଭିଭ୍, ୨୧।୬**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଇସ୍ରାଏଲୀ ସେନା ଇରାନର ଇସ୍ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣରେ ଇରାନର ୩ ଜଣ ବରିଷ୍ଠ କମାଣ୍ଡର ନିହତ ହୋଇଛନ୍ତି। ଶନିବାର ଭୋର ସମୟରେ ଇସ୍ଫାହାନ୍‌ର ଏକ ପର୍ବତ ନିକଟ ଅଞ୍ଚଳରୁ ଧୂଆଁ ଉଠୁଥିବା ଦେଖାଯାଇଥିଲା। ସେଠାରେ ଥିବା ଆଣବିକ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲ୍ ୨ ଥର ଆକ୍ରମଣ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ଲକ୍ଷ୍ୟରେ ଥିବା ଇସ୍ରାଏଲ୍‌ର ଇସ୍ଫାହାନରେ ଏହା ଦ୍ୱିତୀୟ ଆକ୍ରମଣ। ଯୁଦ୍ଧ ଆରମ୍ଭ କରିବାର ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ଉକ୍ତ କେନ୍ଦ୍ରରେ ଆକ୍ରମଣ କରିଥିଲା। ଶୁକ୍ରବାର ରାତିରେ ହୋଇଥିବା ଆକ୍ରମଣ ଯୋଗୁ ନ୍ୟୁକ୍ଲିୟର ଫାସିଲିଟି କ୍ଷତିଗ୍ରସ୍ତ ହୋଇଥିବା ଇସ୍ଫାହାନ୍ ପ୍ରଦେଶର ସୁରକ୍ଷା ବ୍ୟାପାର ଡେପୁଟି ଗଭର୍ନର ସ୍ପଷ୍ଟ କରିଛନ୍ତି। ତେବେ ଏଥିରେ କେହି ପ୍ରାଣ ହରାଇ ନ ଥିବା ସେ କହିଛନ୍ତି।

ଇରାନ ମଧ୍ୟ ଇସ୍ରାଏଲ୍ ଉପରେ ଜୋର୍‌ଦାର ମିଶାଇଲ୍ ଓ ଡ୍ରୋନ ଆକ୍ରମଣ କରିଥିବାବେଳେ ଇସ୍ରାଏଲୀ ସେନା ଅଧିକାଂଶକୁ ପ୍ରତିହତ କରିଥିବା କହିଛି। ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ସେପଟେ ଯୁଦ୍ଧ ବନ୍ଦ ପାଇଁ ସୁଇଜରଲାଣ୍ଡର ଜେନେଭାରେ ହୋଇଥିବା ବୈଠକରୁ କୌଣସି କୂଟନୈତିକ ନିଷ୍କର୍ଷ ବାହାରିନାହିଁ। ଭବିଷ୍ୟତ ଆଲୋଚନା ପାଇଁ ୟୁରୋପୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଥିବାବେଳେ ଏଥିପାଇଁ ଦ୍ୱାର ଖୋଲା ରହିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘାଚି କହିଛନ୍ତି। ତେବେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାରୁ ଆମେରିକା ସହ ବୁଝାମଣା ପାଇଁ ତେହରାନ ଆଗ୍ରହୀ ନୁହେଁ ବୋଲି କହିଛି। ଆକ୍ରମଣ ବନ୍ଦ ହେଲେ ଏବଂ ଆକ୍ରମଣକାରୀ ଏହି ଅପରାଧ ପାଇଁ ନିଜକୁ ଦାୟୀ କଲେ କୂଟନୈତିକ ମାର୍ଗ ଗ୍ରହଣ କରିବାକୁ ରାଜି ଥିବା ଇରାନ କହିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ-ଇସ୍ରାଏଲ୍ ଯୁଦ୍ଧରେ ସାମିଲ ହେବାକୁ ବିଚାର କରୁଥିବାବେଳେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆରାଘାଚି କହିଛନ୍ତି। ଏହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ସେ ଇସ୍‌ଲାମିକ୍ ସହଯୋଗ ସଂଗଠନର ବୈଠକ ଅବସରରେ ଇସ୍ତାନବୁଲ୍‌ରେ କହିଛନ୍ତି।

ଗତ ୧୩ ତାରିଖରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲୀ ସେନା ଇରାନର ଆଣବିକ ଏବଂ ସାମରିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିବାରୁ ଏହାର କେତେଜଣ ଶୀର୍ଷ ଜେନେରାଲ ଏବଂ ପରମାଣୁ ବିଜ୍ଞାନୀ ନିହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଯୁଦ୍ଧରେ ଇରାନର ୨୬୩ ଜଣ ସାଧାରଣ ନାଗରିକଙ୍କ ସମେତ ୬୫୭ ଜଣ ପ୍ରାଣ ହରାଇଲେଣି ଓ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଇରାନୀୟ ମାନବାଧିକାର ସଂଗଠନ କହିଛି। ଇସ୍ରାଏଲୀ ଆକ୍ରମଣ ଜବାବ ଇରାନ ୪୫୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ୧,୦୦୦ ଡ୍ରୋନ୍‌ରେ ଦେଇଛି। ସେଥିରୁ ଅଧିକାଂଶକୁ ଇସ୍ରାଏଲ୍‌ର ବହୁସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଥିବାରୁ ସେଠାରେ ଅନ୍ୟୁନ ୨୪ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।



ଇରାନର ଇସ୍ଫାହାନ ନ୍ୟୁକ୍ଲିୟର ରିସର୍ଚ୍ଚ ଫାସିଲିଟି ଥିବା ଅଞ୍ଚଳର ଉପଗ୍ରହ ଚିତ୍ର।

## ଏୟାର ଇଣ୍ଡିଆର ୩ ଅଫିସରଙ୍କୁ ବହିଷ୍କାର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୧।୬**

ଗମ୍ଭୀର ତଥା ବାରମ୍ବାର ତ୍ରୁଟି ପାଇଁ ଏୟାର ଇଣ୍ଡିଆ ଫ୍ଲାଇଟ୍ ଅପରେଶନ ବିଭାଗର ୩ ଶୀର୍ଷ ଅଧିକାରୀଙ୍କୁ ବହିଷ୍କାର ପାଇଁ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଡିଜିସିଏ ଏୟାରଲାଇନ୍ସକୁ ଭର୍ତ୍ସନା କରିଛି। ନିୟମ ଉଲ୍ଲଂଘନ କରିଥିବା ଅଫିସରମାନେ ହେଲେ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୁରାହ ସିଂ, ଦୈନିକ ଉଡ଼ାଣ ପରିଚାଳନାର ମୁଖ୍ୟ ପରିଚାଳକ ପିଙ୍କି ମିତ୍ତଲ ଏବଂ କ୍ରିଉ ସମୟ ନିର୍ଦ୍ଧାରଣ ଓ ଯୋଜନା ପ୍ରସ୍ତୁତି ବିଭାଗର ପାୟଲ ଆରୋରା। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏୟାରଲାଇନ୍ସର ଲାଇସେନ୍ସ ରଦ୍ଦ ହେବ ଡିଜିସିଏ ଚେତାବନୀ ଦେଇଛି।

## ଅହମଦାବାଦ ବିମାନ ଦୁର୍ଘଟଣାରେ ଫିଲ୍ମ ନିର୍ମାତାଙ୍କ ମୃତ୍ୟୁ ସ୍ପଷ୍ଟ

**ଅହମଦାବାଦ, ୨୧।୬**

ଅହମଦାବାଦ ବିମାନ ଦୁର୍ଘଟଣାରେ ଗୁଜରାଟୀ ଫିଲ୍ମ ନିର୍ମାତା ମହେଶ ଜିରାୱାଲାଙ୍କ ମୃତ୍ୟୁ ହୋଇଥିବା ନେଇ ଶନିବାର ଡିଏନ୍‌ଏ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। ଦୁର୍ଘଟଣା ପରଠାରୁ ମହେଶ ନିଖୋଜ ଥିଲେ। ମହେଶଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ଲେନ୍ କ୍ରାଶ୍ ସମୟରେ ମହେଶ ଦୁର୍ଘଟଣାସ୍ଥଳ ନିକଟରେ ଥିଲେ।

## ଇରାନରେ ଭୂକମ୍ପ: ଅଣୁଅସ୍ତ୍ର ପରୀକ୍ଷା ଚର୍ଚ୍ଚା

**ତେହରାନ, ୨୧।୬**

ଉତ୍ତର ଇରାନର ସେମନାନ ଅଞ୍ଚଳରେ ଶୁକ୍ରବାର ରାତିରେ ୫.୧ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ସେମନାନଠାରୁ ଉତ୍ତରପଶ୍ଚିମ ଦିଗରେ ୨୭ କିଲୋମିଟର ଦୂରରେ ଏବଂ ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ତେବେ ଏହି ଭୂକମ୍ପକୁ ନେଇ ଅନେକ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ତେହରାନ ଅଣୁଅସ୍ତ୍ର ପରୀକ୍ଷା କରିଥିବା ସନ୍ଦେହ କରାଯାଉଛି। ସେମ୍‌ନାନ ମହାକାଶ ଓ ମିଶାଇଲ୍ କମ୍ପ୍ଲେକ୍ସ ନିକଟରେ ଏହି ଭୂକମ୍ପ ହୋଇଥିବାରୁ ଚିନ୍ତା ବଢ଼ାଇ ଦେଇଛି। ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ନବମ ଦିନରେ ପହଞ୍ଚିଥିବାବେଳେ ଆଣବିକ କାର୍ଯ୍ୟକ୍ରମକୁ ନେଇ ବୁଝାମଣା କରିବ ନାହିଁ ବୋଲି ତେହରାନ କହିଛି। ଇରାନରେ ବର୍ଷକୁ ପାଖିପାଖି ୨,୧୦୦ ଭୂକମ୍ପ ହେଉଥିବାବେଳେ ସେଥିରୁ ୧୫ରୁ ୧୬ଟି ୫.୦ କିମ୍ବା ଏହାଠାରୁ ଅଧିକ ତୀବ୍ରତା ବିଶିଷ୍ଟ। ୨୦୦୬ରୁ ୨୦୧୫ ମଧ୍ୟରେ ସେଠାରେ ୯୬,୦୦୦ ଥର ଭୂକମ୍ପ ହୋଇଥିଲା।

## ବଙ୍କରରେ ଖାମେନେଇ

### ସମ୍ଭାବ୍ୟ ଉତ୍ତରାଧିକାରୀ ଚୟନ

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ୍ ଧମକ ଦେଇଥିବାରୁ ସେ ଏବେ ବଙ୍କରରେ ଆଶ୍ରୟ ନେଇଛନ୍ତି। ଏଥିସହିତ ସେ ୩ ଜଣ ବରିଷ୍ଠ ମୌଲବୀଙ୍କୁ ନିଜର ସମ୍ଭାବ୍ୟ ଉତ୍ତରାଧିକାରୀ ମନୋନୀତ କରିଥିବା ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି। ସଦ୍ଦାମ ହୁସେନ୍‌ଙ୍କ ୮ ବର୍ଷର ଯୁଦ୍ଧରେ ଇରାନର ଯେତିକି କ୍ଷତି ହୋଇ ନ ଥିଲା, ଇସ୍ରାଏଲ୍‌ର ୮ ଦିନର ଆକ୍ରମଣରେ ତା'ଠାରୁ ଅଧିକ କ୍ଷତି ଘଟିଛି। ଇସ୍ରାଏଲ୍ କିମ୍ବା ଆମେରିକା ତାଙ୍କୁ ହତ୍ୟା କରିପାରନ୍ତି ବୋଲି ୮୬ ବର୍ଷୀୟ ଖାମେନେଇ ଜାଣିଛନ୍ତି। ସେଥିପାଇଁ ସେ ବଙ୍କରରେ ଆଶ୍ରୟ ନେବା ସହ ଉତ୍ତରାଧିକାରୀ ଚୟନ କରିଥିବା କେତେଜଣ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟ ପ୍ରକାଶ ପାଇଛି।

## ତଥ୍ୟ ପ୍ରମାଣ ନଷ୍ଟ କରୁଛନ୍ତି ଇସି: ରାହୁଲ



ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୨୧।୬**

ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ୱଚ୍ଛତା ପ୍ରଦର୍ଶନ କରିବା ପରିବର୍ତ୍ତେ ତଥ୍ୟ ପ୍ରମାଣକୁ ଲିଭାଇ ଦେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ୪୫ ଦିନ ମଧ୍ୟରେ ଯଦି କୌଣସି ଆଇନଗତ ଚ୍ୟାଲେଞ୍ଜ କରା ନ ଯାଏ, ତେବେ ନିର୍ବାଚନ ପ୍ରକ୍ରିୟାର ସିସିଟିଭି, ୱେବ୍‌କାଷ୍ଟିଂ ଏବଂ ଭିଡିଓ ଫୁଟେଜ୍ ନଷ୍ଟ କରିଦେବାକୁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପରେ ରାହୁଲ ଏଭଳି ଅଭିଯୋଗ ଆଣିଛନ୍ତି। ଇସିଙ୍କ ଏଭଳି ପଦକ୍ଷେପ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱକୁ ଦୁର୍ବଳ କରିଦେବ ବୋଲି ସେ ଏକ୍ସ'ରେ ଲେଖିଛନ୍ତି।

ରାହୁଲ କହିଛନ୍ତି, ଭୋଟର ତାଲିକାକୁ ମେଶିନ୍-ରିଡେବଲ୍ ଫର୍ମାଟରେ ଦିଆଯାଉ ନାହିଁ। ଆଇନ ପରିବର୍ତ୍ତନ କରି ସିସିଟିଭି ଫୁଟେଜ୍‌କୁ ଲୁଚାଯାଉଛି। ନିର୍ବାଚନ ବେଳର ଫଟୋ ଓ ଭିଡିଓକୁ ଡିଲିଟ୍ କରିଦେବାକୁ ଏବେ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଯିଏ ଉତ୍ତରଦାୟୀ ରହିବା କଥା, ସେ ପ୍ରମାଣ ନଷ୍ଟ କରେ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ହୋଇଥିବା ଏଥିରୁ ସ୍ପଷ୍ଟ ହେଉଛି। ଫଳାଫଳ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିଷ। ନିର୍ବାଚନ କମିଶନଙ୍କ କାର୍ଯ୍ୟ ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ରାହୁଲ ଲେଖିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅନିୟମିତତା ଅଭିଯୋଗକୁ ନେଇ ରାହୁଲ ନିର୍ବାଚନ କମିଶନଙ୍କଠାରୁ ଭୋଟର ତାଲିକା, ମତଦାନ ତଥ୍ୟ ଓ ବୁଥ୍‌ର ଭିଡିଓ ଫୁଟେଜ୍ ପାଇଁ ଦାବି କରିଆସୁଥିଲେ।

ଭୋଟଗ୍ରହଣ କେନ୍ଦ୍ରର ଫୁଟେଜ୍‌କୁ ୪୫ ଦିନରୁ ଅଧିକ ସମୟ ରଖିବା ଦାବିକୁ ଅଗ୍ରାହ୍ୟ କରି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, ସେଗୁଡ଼ିକ ଭୋଟରଙ୍କ ପ୍ରିଭେସି ଏବଂ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଜନପ୍ରତିନିଧି ଆଇନ ୧୯୫୦/୧୯୫୧ରେ ଆଇନଗତ ବ୍ୟବସ୍ଥା ଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟରେ ଦର୍ଶାଯାଇଥିବା ଏକ ସୂତ୍ରରୁ କୁହାଯାଇଛି। ଭୋଟକେନ୍ଦ୍ରର ଫୁଟେଜ୍ ଶେୟାର କରାଗଲେ ମତଦାତାମାନଙ୍କୁ କୌଣସି ସଂଗଠନ ବା ବ୍ୟକ୍ତି ସହଜରେ ଚିହ୍ନିପାରିବେ। ଏହାଦ୍ୱାରା ସମ୍ପୃକ୍ତ ଭୋଟର ଏବଂ ଅସାମାଜିକ ତତ୍ତ୍ୱଙ୍କ ଚାପ ଓ ଧମକର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ଚିହ୍ନଟ ହୋଇଯିବେ। କୌଣସି ବୁଥ୍‌ରେ ନିର୍ଦ୍ଦିଷ୍ଟ ଦଳ କମ୍ ଭୋଟ ପାଇଥିଲେ, ଭିଡିଓ ଫୁଟେଜ୍‌ରୁ କେଉଁମାନେ ଭୋଟ ଦେଇଛନ୍ତି ଓ କିଏ ଦେଇ ନାହାନ୍ତି, ତାହା ଜଣାପଡ଼ିଯିବ। ଏହା ପରେ ସମ୍ପୃକ୍ତ ଭୋଟରଙ୍କୁ ହଇରାଣ କରାଯାଇପାରେ କିମ୍ବା ଧମକ ମିଳିପାରେ। ସିସିଟିଭି ଫୁଟେଜ୍‌କୁ ସଂରକ୍ଷିତ ରଖିବା ବାଧ୍ୟତାମୂଳକ ନୁହେଁ ବୋଲି ନିର୍ବାଚନ କମିଶନ ସୂତ୍ରରୁ କୁହାଯାଇଛି।

## ଯୋଗ ବିଶ୍ୱରେ ଶାନ୍ତିର ଦିଶା: ମୋଦି



**ନୂଆଦିଲ୍ଲୀ, ୨୧।୬**

ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ବିଶ୍ୱବ୍ୟାପୀ ପାଳିତ ହୋଇଯାଇଛି। ଆମେରିକା, ବ୍ରିଟେନ, ଚାଇନା ସମେତ ବିଭିନ୍ନ ଦେଶରେ ହଜାର ହଜାର ଯୋଗପ୍ରେମୀ ଉତ୍ସାହର ସହ ଯୋଗାଭ୍ୟାସ କରୁଥିବା ଦେଖାଯାଇଥିଲା। ଭାରତର ଏହି ପାରମ୍ପରିକ ଅଭ୍ୟାସର ସାର୍ବଜନିକ ଆବଶ୍ୟକତା ବୋଲି ୨୦୧୪ ଡିସେମ୍ବରରେ ସ୍ୱୀକୃତି ମିଳିବା ସହ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗଦିବସ ଭାବେ ପାଳନ ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ୧୧ତମ

### ବିଶ୍ୱବ୍ୟାପୀ ଯୋଗଦିବସ ପାଳିତ

ଅନ୍ତର୍ଜାତୀୟ ଯୋଗଦିବସ ପାଳନର ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉତ୍ତେଜନା, ଅସ୍ଥିରତା ଓ ଅଶାନ୍ତି ମଧ୍ୟରେ ଗତି କରୁଥିବା ବିଶ୍ୱରେ ଯୋଗ ହେଉଛି ଶାନ୍ତିର ଦିଶା। ଦେଶ, ବୟସ ଓ ସାମର୍ଥ୍ୟ ନିର୍ବିଶେଷରେ ଯୋଗ ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ। ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ତାଙ୍କ ପ୍ରସ୍ତାବକୁ ଅନ୍ୟୁନ ୧୭୫ଟି ଦେଶ ଗ୍ରହଣ କରିବା ସହ ଏହା ସାରା ବିଶ୍ୱକୁ ଏକାଠି କରିଥିଲା। ଏଥର ଯୋଗ ଦିବସର ଶୀର୍ଷକ ଥିଲା, 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ'।

## ଇଂଲଣ୍ଡ, ୱେଲ୍ସ: ଆଇନରେ ପରିଣତ ହେବ ସହାୟତାପ୍ରାପ୍ତ ମୃତ୍ୟୁ

**ଲଣ୍ଡନ, ୨୧।୬**

ଇଂଲଣ୍ଡ ଏବଂ ୱେଲ୍ସରେ ଅତ୍ୟଧିକ ଅସୁସ୍ଥ ଥିବା ବ୍ୟକ୍ତିମାନଙ୍କୁ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ। ବ୍ରିଟେନ୍‌ର ନିମ୍ନ ସଦନ ହାଉସ୍ ଅଫ୍ କମନ୍ସରେ ଶୁକ୍ରବାର ଅନେକ ଘଣ୍ଟାର ବିତର୍କ ପରେ ଏମ୍‌ପିମାନେ 'ଟର୍ମିନାଲି ଇଲ୍ ଆଡଲ୍ଟସ୍ (ଏଣ୍ଡ ଅଫ୍ ଲାଇଫ୍) ବିଲ୍' ସପକ୍ଷରେ ଭୋଟ ଦେଇଛନ୍ତି। ଲେବର ପାର୍ଟିର କିମ୍ ଲିଡ୍‌ବିଟରଙ୍କ ଦ୍ୱାରା ଆଗତ ହୋଇଥିବା ଏହି ବିଲ୍ ହାଉସ ଅଫ୍ କମନ୍ସରେ ବହୁମତର ସହ ପାସ୍ ହୋଇଛି। ବିଲ୍ ସପକ୍ଷରେ ୩୧୪ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୨୯୧ ଭୋଟ୍ ପଡ଼ିଥିଲା। ଏହି ଐତିହାସିକ ବିଲ୍‌ର ଭୋଟିଂ ପାଇଁ ଦଳୀୟ ଭାବନାରୁ ଊର୍ଦ୍ଧ୍ୱକୁ ଯାଇ ସ୍ୱତନ୍ତ୍ର ଭାବେ ମତଦାନ କରିବାକୁ ଏମ୍‌ପିମାନଙ୍କୁ ଅନୁମତି ମିଳିଥିଲା। ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ବିଲ୍ ସପକ୍ଷରେ ଭୋଟ୍ ଦେଇଥିଲେ।

ହାଉସ୍ ଅଫ୍ କମନ୍ସରେ ପାସ୍ ହୋଇଥିବାରୁ ଏବେ ବିଲ୍‌କୁ ହାଉସ୍ ଅଫ୍ ଲର୍ଡ୍ସରେ ଆଗତ କରାଯିବ। ଉଚ୍ଚ ସଦନରେ ଅନୁମୋଦନ ମିଳିଲେ ଏହାକୁ ରାଜକୀୟ ସ୍ୱୀକୃତି ପାଇଁ ପଠାଯିବ। ଏହାପରେ ଇଂଲଣ୍ଡ ଏବଂ ୱେଲ୍ସରେ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀମାନେ ସର୍ବାଧିକ ୪ ବର୍ଷ ସମୟ ପାଇବେ। ତେଣୁ ଏହି ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ଏହା ୨୦୨୯ରେ କାର୍ଯ୍ୟକାରୀ ହେବ ବୋଲି ଆକଳନ କରାଯାଉଛି।

ବିଲ୍‌କୁ ହାଉସ୍ ଅଫ୍ ଲର୍ଡ୍ସରେ ସଂଶୋଧନ କରାଯିବାର ସମ୍ଭାବନା ରହିଛି। ତେବେ ବିଲ୍‌କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିବେ ନାହିଁ। ଅନ୍ୟପକ୍ଷେ, ବିଲ୍ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ବିଭିନ୍ନ ବିରୋଧୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ବିଲ୍ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେଲେ ରୋଗୀଙ୍କୁ ସହାୟତାପ୍ରାପ୍ତ ମୃତ୍ୟୁ ପାଇଁ ବାଧ୍ୟ କରାଯାଇପାରେ ବୋଲି ଅନେକେ ଆଶଙ୍କା କରିଛନ୍ତି। ବିଲ୍‌ରେ ଥିବା ବିଭିନ୍ନ ପ୍ରାବଧାନ ଅନୁଯାୟୀ ଏପରି ଆଶଙ୍କା ଭିତ୍ତିହୀନ ବୋଲି ସେ କହିଛନ୍ତି। ବିଲ୍ ଅନୁଯାୟୀ, ୬ ମାସରୁ କମ୍ ସମୟ ବଞ୍ଚିବାକୁ ଥିବା ରୋଗୀଙ୍କୁ ତାଙ୍କର ଏବଂ ତାଙ୍କ ପରିବାରର ସମ୍ମତିକ୍ରମେ ୨ ଜଣ ଡାକ୍ତର, ଜଣେ ମନସ୍ତତ୍ତ୍ୱବିତ୍, ସାମାଜିକ କର୍ମୀ ଏବଂ ବରିଷ୍ଠ ଓକିଲ ଥିବା ପ୍ୟାନେଲର ଅନୁମୋଦନ ପରେ ସହାୟତାପ୍ରାପ୍ତ ମୃତ୍ୟୁର ଅଧିକାର ଦିଆଯିବ।

### ହାଉସ୍ ଅଫ୍ କମନ୍ସରେ ବିଲ୍ ପାସ୍




ସହାୟତାପ୍ରାପ୍ତ ମୃତ୍ୟୁ ସମ୍ପର୍କିତ ବିଲ୍ ହାଉସ ଅଫ୍ କମନ୍ସରେ ପାସ୍ ହେବା ପରେ ବିଲ୍‌ର ସମର୍ଥକମାନେ ଉତ୍ସବ ପାଳନ କରୁଛନ୍ତି।

**ଫୁରସତ୍**

## ଟାଟୁ ପାଇଁ ୧.୩ କୋଟି ଖର୍ଚ୍ଚ

**ୱାଶିଂଟନ୍**

ଆମେରିକାର କାଲିଫର୍ନିଆ ନିବାସୀ ଜଣେ ୬୫ ବର୍ଷୀୟା ମହିଳା ଏଲିଜାବେଥ୍ ବ୍ୟୁଭାଇସ୍ ନିଜ ଶରୀରରେ ଏକାଧିକ ଟାଟୁ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ଏଲିଜାବେଥ୍ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ସମ୍ପ୍ରତି ତାଙ୍କ ଶରୀରର ପ୍ରାୟ ୮୫% ଅଂଶ ଟାଟୁ ଦ୍ୱାରା ଆଚ୍ଛାଦିତ। ବର୍ତ୍ତମାନ ସୁଦ୍ଧା ନିଜ ଶରୀରରେ ଟାଟୁ ଆଙ୍କିବା ପାଇଁ ସେ ୧,୧୦,୦୦୦ ପାଉଣ୍ଡ ଷ୍ଟେର୍‌ଲିଙ୍ଗ (ପ୍ରାୟ ୧.୩ କୋଟି ଟଙ୍କା ) ଖର୍ଚ୍ଚ କରିଛନ୍ତି। ଏଲିଜାବେଥ୍‌ଙ୍କ ଏହି ଟାଟୁ ନିଶାକୁ ଅନେକ ଲୋକ ଭୟଙ୍କର ବୋଲି କହିବା ସହ ତାଙ୍କୁ ସମାଲୋଚନା କରନ୍ତି। ତେବେ ଏଲିଜାବେଥ୍ ତାଙ୍କ ଟାଟୁକୁ ନିଜ ଜୀବନର ଆତ୍ମଜୀବନୀ ବୋଲି କୁହନ୍ତି।



ଏଲିଜାବେଥ୍ ବ୍ୟୁଭାଇସ୍

ଏଲିଜାବେଥ୍ କହିଛନ୍ତି, ଯେତେବେଳେ ସେ ୩୧ ବର୍ଷ ବୟସର ହୋଇଥିଲେ, ସେ ତାଙ୍କ ଶରୀରରେ ପ୍ରଥମ ଟାଟୁ କରିଥିଲେ। ସେତେବେଳେ ସେ ତାଙ୍କ ଡାହାଣ କାନ୍ଧରେ ଏକ ଛୋଟ ଫୁଲ ଆକୃତିର ଟାଟୁ କରିଥିଲେ। ସମ୍ପ୍ରତି ତାଙ୍କ ଶରୀରରେ ଏକାଧିକ ଟାଟୁ ରହିଛି, ଯାହା ତାଙ୍କ ସଫଳତା ଏବଂ ବିଭିନ୍ନ ଉପଲବ୍ଧିକୁ ଦର୍ଶାଉଛି। ସେହିପରି ଏହି ଟାଟୁଗୁଡ଼ିକ ତାଙ୍କ ମୁକ୍ତ ଚିନ୍ତାଧାରାର ପ୍ରତୀକ ବୋଲି ଏଲିଜାବେଥ୍ କହିଛନ୍ତି। ମୁହଁ ଏବଂ ଶରୀରର ପଛ ଭାଗ ବ୍ୟତୀତ ତାଙ୍କ ପୂରା ଶରୀର ଟାଟୁରେ ପରିପୂର୍ଣ୍ଣ ରହିଛି।

ଏଲିଜାବେଥ୍ ଆହୁରି କହିଛନ୍ତି, ତାଙ୍କ ଶରୀରରେ ଥିବା ପ୍ରତ୍ୟେକ ଟାଟୁର କୌଣସି ଅର୍ଥ ଏବଂ ଇତିହାସ ରହିଛି। ସେ ନିଜ ଜୀବନର ବ୍ୟଥା ଏବଂ ଆନନ୍ଦର ଗଭୀରତାକୁ ବୁଝିବା ପାଇଁ ନିଜ ଶରୀରରେ ଥିବା ଟାଟୁଗୁଡ଼ିକୁ ଦେଖିଥାନ୍ତି। ନିକଟରେ ସେ ତାଙ୍କ ଡାହାଣ ଜଂଘରେ ଏକ ଗାରିବାଲ୍‌ଡି ମାଛର ଟାଟୁ କରିଥିଲେ। ଏହା ତାଙ୍କର ସଦ୍ୟତମ ଟାଟୁ ହୋଇଥିବା ଏଲିଜାବେଥ୍ କହିଛନ୍ତି। ତେବେ ଯେତେବେଳେ ସେ ତାଙ୍କ ଆଣ୍ଠୁ ପଛରେ ଏକ ଗୋଲାପର ଟାଟୁ କରିଥିଲେ, ସେତେବେଳେ ସେ ସବୁଠାରୁ ଅଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସେହିପରି ଡାହାଣ ହାତର ଉପର ପାର୍ଶ୍ୱରେ ଏକ ଫୁଲ ଡିଜାଇନର ଟାଟୁ କରିଥିବା ସମୟରେ ତାଙ୍କୁ ସବୁଠାରୁ କମ୍ ଯନ୍ତ୍ରଣା ଅନୁଭବ ହୋଇଥିଲା ବୋଲି ଏଲିଜାବେଥ କହିଛନ୍ତି। ସେ ପୂର୍ବରୁ ବହୁ ନିଶା ଦ୍ରବ୍ୟ ସେବନ କରୁଥିଲେ। ତେବେ ୮ ବର୍ଷ ତଳେ ଏଲିଜାବେଥ୍ ନିଶା ସେବନରୁ ମୁକ୍ତି ପାଇଥିଲେ। ତେଣୁ ତାଙ୍କର ଅନେକ ଟାଟୁ ଉକ୍ତ ନିଶା ମୁକ୍ତିର କାହାଣୀକୁ ପ୍ରକାଶ କରୁଛି। ଏହାବ୍ୟତୀତ ସେ ତାଙ୍କ ଶରୀରରେ ନିଜ ସ୍ୱାମୀ ଏବଂ ପିଲାମାନଙ୍କ ନାମର ମଧ୍ୟ ଟାଟୁ କରିଛନ୍ତି।

## ନୂଆ ଲୁକ୍‌ରେ ଗୋବିନ୍ଦା

**ମୁମ୍ବାଇ**

ବଲିଉଡ୍ ଅଭିନେତା ଗୋବିନ୍ଦା ଶୁକ୍ରବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜର ଏକ ନୂଆ ଲୁକ୍‌କୁ ଶେୟାର କରିଛନ୍ତି। ଏହାକୁ ଦେଖି ତାଙ୍କର ଅନେକ ପ୍ରଶଂସକ ଦ୍ୱନ୍ଦ୍ୱରେ ପଡ଼ିବା ସହ ଗୋବିନ୍ଦାକୁ ଚିହ୍ନିପାରି ନ ଥିଲେ। ଏହି ଲୁକ୍‌ରେ ଗୋବିନ୍ଦା ଘନ କେଶ ସହ ନିଶ ରଖିଥିବାର ଦେଖିବାକୁ ମିଳିଥିଲା। ସେ ଧଳା ଶାର୍ଟ, କଳା ଚଷମା ଏବଂ ଏକ ସୁଟ୍ ପିନ୍ଧିଥିବାର ଏହି ଫଟୋରେ ନଜରକୁ ଆସିଛନ୍ତି। ଗୋବିନ୍ଦାଙ୍କ ଏହି ପରିବର୍ତ୍ତିତ ଲୁକ୍‌କୁ ଦେଖି ଏହା ତାଙ୍କର କୌଣସି ନୂତନ ଫିଲ୍ମର ଲୁକ୍ ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି। ତେବେ ଗୋବିନ୍ଦାଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ପ୍ରକାଶ ଯେ, ୯୦ ଦଶକରେ ବଲିଉଡ୍‌କୁ ଅନେକ ସୁପରହିଟ ଫିଲ୍ମ ଦେଇଥିବା ଗୋବିନ୍ଦା ୨୦୦୦ ମସିହା ପରଠାରୁ ଫିଲ୍ମ ଜଗତରେ ବିଶେଷ ସଫଳତା ପାଇନାହାନ୍ତି। ଏହି ଅବଧିରେ ସେ କେତେକ ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ସେଗୁଡ଼ିକ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇ ନ ଥିଲା।



# ଓଡ଼ିଶା ପିଲାଙ୍କୁ ପଢ଼ାଉଛି ଆନ୍ଧ୍ର

## ଏକକ ଆପାର ଆଇଡି କରି ବଢ଼ାଉଛି ଛାତ୍ରୀଛାତ୍ର ସଂଖ୍ୟା

ନନ୍ଦପୁର,୨୧।୬(ତୁଷାରକାନ୍ତ ମହାନ୍ତି)

ଓଡ଼ିଶା ସୀମାନ୍ତବାସୀଙ୍କୁ ଆନ୍ଧ୍ରପ୍ରଦେଶ ଶିକ୍ଷା ଓ ମଙ୍ଗଳ ବିଭାଗର ବିଭିନ୍ନ ଯୋଜନାର ପ୍ରଲୋଭନ ଦେଖାଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହେଉଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ସମଗ୍ର ଦେଶର ଛାତ୍ରୀଛାତ୍ରଙ୍କ ଏକକ ଆପାର ଆଇଡି କରିବାକୁ ପଦକ୍ଷେପ ନେଇଛି। ଏହାର ସୁଯୋଗ ନେଇ ଓଡ଼ିଶା ପିଲାଙ୍କୁ ଆନ୍ଧ୍ରର ଦର୍ଶାଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଉଛି। ବିଦ୍ୟାଳୟରେ ନାମ ଲେଖାଇଲେ ଆନ୍ଧ୍ର ସରକାରଙ୍କ ଆମ୍ମାବାଡି ଯୋଜନାରେ ଛାତ୍ରୀଛାତ୍ରଙ୍କ ମା'ଙ୍କ ନାଁରେ ୧୫ ହଜାର ଟଙ୍କା ଜମା, ଉଚ୍ଚସ୍ତରୀୟ ଭିତ୍ତିଭୂମି, ଶିକ୍ଷା ଓ ଆବାସିକ ବ୍ୟବସ୍ଥାର ପ୍ରଲୋଭନ ଦେଖାଉଛି। ଆନ୍ଧ୍ର ସ୍କୁଲ ବସ୍ ପଠାଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ନେବା ଆଣିବା ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳୁଛି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପାଡୁଆ, କୁଲାବିର, ଚାଟୁଆ, ପାଙ୍ଗଲୁଙ୍ଗ, କୁଲାରସିଂ, ଗୋଲୁର, ଖ୍ରିନବର ଆଦି ପଞ୍ଚାୟତର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲରେ ପଢୁଛନ୍ତି। ସେମାନଙ୍କ ଅଭିଭାବକଙ୍କୁ ପ୍ରଲୋଭନ ଦେଖାଇ ପାଡୁଆ ଓ କୁଲାବିର ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବସ୍ ପଠାଇ ଆରକୁ ବିଦ୍ୟାଳୟ ନେବା ଆଣିବା କରୁଥିବା ଦେଖିବାକୁ ମିଳିଛି। ପାଙ୍ଗଲୁଙ୍ଗ, ଗୋଲୁର ଓ କୁଲାରସିଂ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ପେଦାବାଇଲିରେ ଥିବା ୧୦ ଆବାସିକ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଅଟୋ ଓ ଅନ୍ୟ ଗାଡ଼ି ଯୋଗେ ସେମାନଙ୍କ ସ୍କୁଲକୁ ଯାତାୟାତ ବ୍ୟବସ୍ଥା କରାଯାଇଛି। ବିଲାପୁଟ ପଞ୍ଚାୟତର ଜୋଲାପୁଟ ଓ ଖ୍ରିନମୁଙ୍ଗ ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆନ୍ଧ୍ର ମୁଚିଙ୍ଗପୁଟରେ ଥିବା ସରକାରୀ ଓ ବେସରକାରୀ ସ୍କୁଲରେ ପାଠ ପଢୁଛନ୍ତି। ଏହା ଦେଖିବା ସତ୍ତ୍ୱେ ନନ୍ଦପୁର ବ୍ଲକ୍, କୋରାପୁଟ ଜିଲା ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନୀରବତା ଅବଲମ୍ବନ କରୁଥିବାରୁ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଖରାଛୁଟିରେ ଆନ୍ଧ୍ର ସ୍କୁଲ କର୍ତ୍ତୃପକ୍ଷ ସୀମାନ୍ତ ନନ୍ଦପୁର ବ୍ଲକ୍‌ର ୭ ପଞ୍ଚାୟତ ବୁଲି ଅଭିଭାବକଙ୍କୁ ବିଭିନ୍ନ ଯୋଜନାର ପ୍ରଲୋଭନ ଦେଖାଇ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହୋଇଛି। ଅଭିଭାବକଙ୍କୁ ଆମ୍ମାବାଡ଼ି, ଭାସତି ବେଦନା ଯୋଜନାରେ ୧୫ ହଜାର ଲେଖାଏ ଆନ୍ଧ୍ର ପ୍ରଦାନ କରୁଛି। ଏ ସମ୍ପର୍କରେ ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଆନ୍ଧ୍ର ସୀମାନ୍ତ ପଞ୍ଚାୟତରେ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଘର ଘର ବୁଲି ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକଙ୍କୁ ଓଡ଼ିଶା ସ୍କୁଲରେ ପିଲାଙ୍କ ନାମ ଲେଖାଇବାକୁ ସଚେତନ କରାଯାଉଛି। କିନ୍ତୁ ଆନ୍ଧ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରୁଛନ୍ତି। ଆନ୍ଧ୍ର ବିଦ୍ୟାଳୟ ବସ୍ ବିନା ପର୍ମିଟ୍‌ରେ ସୀମା ପାରହୋଇ ଆସି ଛାତ୍ରୀଛାତ୍ରଙ୍କୁ ନେଉଛି। ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

ଏ ନେଇ ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁଙ୍କୁ ପଚାରିବାରୁ ୧୦ ବର୍ଷ ତଳେ ବିଲାପୁଟ ପଞ୍ଚାୟତର ଜୋଲାପୁଟ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଶିକ୍ଷା ବିଭାଗ ପକ୍ଷରୁ ତେଲୁଗୁ ଶିକ୍ଷକ ନିଯୁକ୍ତ ଥିଲେ। ଜୋଲାପୁଟ ଅଞ୍ଚଳର ସମସ୍ତ ତେଲୁଗୁ ଭାଷୀ ପରିବାର ପିଲାଙ୍କୁ ଉକ୍ତ ବିଦ୍ୟାଳୟରେ ପଢ଼ାଇ ତେଲୁଗୁ ସମେତ ଓଡ଼ିଆ ଭାଷାରେ ଶିକ୍ଷା ଗ୍ରହଣ କରୁଥିଲେ। ଉକ୍ତ ସ୍କୁଲକୁ ଅପ୍‌ଗ୍ରେଡ୍ କରି ଉଚ୍ଚ ବିଦ୍ୟାଳୟ କରାଯାଇ ତେଲୁଗୁ ଶିକ୍ଷକ ପଦବୀ ହଟାଇ ଦିଆଗଲା। ଏଥିପାଇଁ ସ୍ଥାନୀୟ ବାସିନ୍ଦା(ତେଲୁଗୁ ଭାଷୀ) ପିଲାଙ୍କୁ ଆନ୍ଧ୍ର ସ୍କୁଲରେ ପାଠ ପଢ଼ାଉଛନ୍ତି। ଆନ୍ଧ୍ର ସୀମାକୁ ଲାଗିଥିବା ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ତେଲୁଗୁ ଶିକ୍ଷା ସହ ଶିକ୍ଷକ ନିଯୁକ୍ତି ଦିଆଗଲେ ପିଲା ତେଲୁଗୁ ସହ ଓଡ଼ିଆ ଭାଷାରେ ଶିକ୍ଷା ଓଡ଼ିଶା ସରକାରଙ୍କ ବିଦ୍ୟାଳୟରେ ପଢ଼ିପାରିବେ।

କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ଜିଲାର ଆନ୍ଧ୍ର ସୀମାବର୍ତ୍ତୀ ନନ୍ଦପୁର ବ୍ଲକ୍‌ର ୮ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ୍‌ର କୋଟିଆ ସମେତ ୭ ପଞ୍ଚାୟତ, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ୍‌ର ୬ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖା ଯାଇଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ ସମସ୍ତ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଚେଷ୍ଟା କରାଯାଉଛି। ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି। ଅଭିଭାବକଙ୍କୁ ଆନ୍ଧ୍ରର ପ୍ରଲୋଭନର ଶିକାର ନ ହୋଇ ଓଡ଼ିଶା ସ୍କୁଲରେ ପାଠ ପଢ଼ାଇବାକୁ ସଚେତନ କରାଯାଉଛି। ରାଜ୍ୟ ସରକାରଙ୍କୁ ଆନ୍ଧ୍ରର ପ୍ରଲୋଭନ ଓ ଛାତ୍ରୀଛାତ୍ରଙ୍କ ଆପାର ଆଇଡି କରୁଥିବା ସମ୍ପର୍କରେ ଅବଗତ କରାଯାଇଛି। ନିର୍ଦ୍ଦେଶ ଅନୁସାରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପାଡୁଆ ଅଞ୍ଚଳର ଛାତ୍ରୀଛାତ୍ର ଆନ୍ଧ୍ର ସ୍କୁଲ ବସ୍‌ରେ ଯାଉଛନ୍ତି।

## ୩ ମନ୍ଦିରରୁ ସିରିଜ ଚୋରି

ସୋର,୨୧।୬(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ମୁଲିସିଂ ପଞ୍ଚାୟତ ଉଲ୍ଲାସଖଡଗପୁର ଗାଁରେ ୩ଟି ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଶନିବାର ସକାଳେ ପୂଜକ ପୂଜା ପାଇଁ ଆସିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ଓ ଚଣ୍ଡୀ ମନ୍ଦିରରୁ ଚୋରି ହୋଇଛି। ଚୋରମାନେ ଠାକୁରଙ୍କର ରୁପା ଅଳଙ୍କାର ସହିତ ଦାନ ବାକ୍ସ ନେଇଯାଇଛନ୍ତି। ଦୁଇଟି ରୁପା ମୁକୁଟ ସମେତ ଦାନବକ୍ସକୁ ନେଇ ମନ୍ଦିରରୁ କଳାକନା ବୁଲାଇଦେଇଛନ୍ତି। ଘଟଣାସ୍ଥଳକୁ ସୋର ପୋଲିସ ପହଞ୍ଚି ତଦନ୍ତ କରିଛି। ଗ୍ରାମାଞ୍ଚଳରେ ଚୋରମାନେ ମାତିଥିବାରୁ ଚୋରି ଭୟ ଦେଖିବାକୁ ମିଳିଛି।






## ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି ନେଇ ବିଜ୍ଞପ୍ତି

ଭୁବନେଶ୍ୱର,୨୧।୬(ବନ୍ଦନା ସେଠୀ)

ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ କୌଣସି ଲୋକଙ୍କ ମୃତ୍ୟୁ ହେଲେ କ୍ଷତିପୂରଣ ବାବଦକୁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିଲା। ତେବେ ଗତ ୯ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରାଶିକୁ ବୃଦ୍ଧି କରି ୧୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବନ୍ୟପ୍ରାଣୀ (ସୁରକ୍ଷା) (ଓଡ଼ିଶା) ଆଇନ, ୧୯୭୪ର ନିୟମ ୪୫-କେକେ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଜ୍ୟ ସରକାର ଅନୁକମ୍ପାମୂଳକ ରାଶିରେ ସଂଶୋଧନ କରିଛନ୍ତି। ଏନେଇ ଶନିବାର ଜଙ୍ଗଲ, ଜଳବାୟୁ ଓ ପରିବେଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସଂଶୋଧିତ କ୍ଷତିପୂରଣ ଭାବେ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ମୃତ୍ୟୁ ହେଲେ ୧୦ଲକ୍ଷ ଟଙ୍କା, ଆଂଶିକ ଘର କ୍ଷତିହେଲେ ୧୦ହଜାର ଟଙ୍କା, ରୋଷେଇ ଘର, ଧାନ ଗୋଦାମ, ଗୋରୁ ଗୁହାଳ, ଛେଳି ଆଶ୍ରୟସ୍ଥଳ ଆଦି କ୍ଷତି ହେଲେ ୩ହଜାର ଟଙ୍କା, ପକ୍କା ପାଚେରି, କାନ୍ଥ ଆଦି ଭାଙ୍ଗିଲେ ୫ହଜାର ଟଙ୍କା ଏବଂ ସର୍ବାଧିକ ୨୫ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ସେହିପରି ସଂଘର୍ଷରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଲେ ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ସମତୁଲ୍ୟ ଆର୍ଥିକ ସହଯୋଗ ପ୍ରଦାନ କରାଯିବ। ତେବେ ଅନ୍ୟ ପ୍ରକାର କ୍ଷୟକ୍ଷତି ପାଇଁ ପୂର୍ବରୁ ରହିଥିବା ଅନୁକମ୍ପାମୂଳକ ଦେୟ ହାର ଅପରିବର୍ତ୍ତିତ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।





**STATE INSTITUTE OF HOTEL MANAGEMENT**
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)

**SPOT ADMISSION**
**FOR HOTEL MANAGEMENT COURSES**

FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
**DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN**
Age: No age limit
Duration - 03 Years

FOR 10+2 PASSOUT CANDIDATES
**DIPLOMA IN HOTEL MANAGEMENT**
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months


FOR CLASS 10 PASSOUT CANDIDATES
**CERTIFICATE COURSE IN FOOD PRODUCTION/VEGETARIAN**
Age: No age limit
Duration - 1 Year & 6 Months
&
**CERTIFICATE COURSE IN FOOD & BEVERAGE SERVICE**
Age: No age limit
Duration - 6 Months

FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031


## ସୁରଭି ଜୈନ ଇନ୍‌ସ୍ପାୟାର୍ ଫେଲୋଶିପ ପାଇଁ ମନୋନୀତ

ଭୁବନେଶ୍ୱର,୨୧।୬(ଅନୁରାଧା ମହାରଣା)

ଓଡ଼ିଶାର ଗବେଷିକା ଡ. ସୁରଭି ଜୈନଙ୍କୁ ୨୦୨୪ ବର୍ଷ ପାଇଁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସଟି) ଦ୍ୱାରା ଦିଆଯାଉଥିବା 'ଇନ୍‌ସ୍ପାୟାର୍ ଫେଲୋଶିପ' ପାଇଁ ଚୟନ କରାଯାଇଛି। ଏହି ଫେଲୋଶିପ୍ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବୈଜ୍ଞାନିକଙ୍କ ପାଇଁ ପାଞ୍ଚବର୍ଷ ଧରି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥାଏ। ଦେଶସାରା ଚୟନ ହୋଇଥିବା ୩୬ଜଣ ଇଞ୍ଜିନିୟରିଂ ଫେଲୋମାନଙ୍କ ମଧ୍ୟରୁ ଡ. ଜୈନଙ୍କ ସମେତ ୬ଜଣ ସିଭିଲ ଇଞ୍ଜିନିୟରିଂ ବର୍ଗରୁ ରହିଛନ୍ତି। ସେ ଏନ୍‌ଆଇଟି ରାଉରକେଲା ଓ ଆଇଆଇଟି ମାଡ୍ରାସର ପୂର୍ବତନ ଛାତ୍ରୀ। ସେ ଜିଟିଆଇଆଇଟି ଚାଇନା ଓ ଆଇଆଇଟି ଧାନବାଦରେ ପୋଷ୍ଟଡକ୍ଟୋରାଲ ଗବେଷଣା କରିଛନ୍ତି। ୨୦୨୨ରେ ତାଙ୍କୁ ପିଇସିଏଫ୍‌ଏଆର୍ ଫେଲୋଶିପ୍ ପାଇଁ ଭାରତରୁ ଚୟନ ହୋଇଥିବା ଏକମାତ୍ର ମହିଳା ଗବେଷିକା ଭାବେ ବଛାଯାଇଥିଲା, ଯାହା ମାଧ୍ୟମରେ ସେ ଜର୍ମାନୀର ଟେକ୍ନିକାଲ ୟୁନିଭର୍ସିଟି ଅଫ୍ ମ୍ୟୁନିକ (ଟିୟୁଏମ୍) ସହିତ ଗଠନାତ୍ମକ ଗବେଷଣାରେ ସହଯୋଗ କରିଥିଲେ। ସଷ୍ଟେନେବଲ୍ ଇଞ୍ଜିନିୟରିଂ ଉପରେ ଗଭୀର ଧ୍ୟାନ ଦେଇ ଡ. ଜୈନ ଶିଳ୍ପ ଅବଶେଷ ଓ ଖଣି ତଳଛା ଭଳି ଔଦ୍ୟୋଗିକ ତ୍ୟାଗାବଶେଷକୁ ପରିବେଶ ମିତ୍ର ନିର୍ମାଣ ସାମଗ୍ରୀରେ ପରିଣତ କରିବା ଏବଂ ପ୍ରଦୂଷଣ ନିରାକରଣ ପାଇଁ ନୂତନ ବୈଜ୍ଞାନିକ ପ୍ରୟୋଗ ଆବିଷ୍କାର ଦିଗରେ କାର୍ଯ୍ୟ କରୁଛନ୍ତି। ଶିଳ୍ପ ଅବଶେଷ ମାଧ୍ୟମରେ ବିକାଶ କରାଯାଇଥିବା ଗ୍ରୀନ୍ ବିଲ୍ଡିଂ ପ୍ରଡକ୍ଟ ପାଇଁ ଡ. ଜୈନ ପେଟେଣ୍ଟ ମଧ୍ୟ ପାଇଛନ୍ତି। ଶିକ୍ଷା ଓ ଗବେଷଣା ବ୍ୟତୀତ ସେ ଓଡ଼ିଶା ପରିବେଶ ସମିତିର ସଂଯୁକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

# ରଥଯାତ୍ରା ପରେ ଭାଜପା ଘୋଷଣା କରିପାରେ ସଭାପତି ପଦ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ରଥଯାତ୍ରା ପରେ ଭାଜପାକୁ ନୂଆ ରାଜ୍ୟ ସଭାପତି ମିଳିପାରନ୍ତି। ଏହା ପୂର୍ବରୁ ଦଳର ନୂଆ ସଭାପତି ଚୟନ କଥା ନେଇ କିଛି ସମ୍ଭାବନା ନାହିଁ। ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏଭଳି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତୋମାର କହିଛନ୍ତି, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ସରିନି। ଏବେ ରଥଯାତ୍ରା କାର୍ଯ୍ୟକ୍ରମ ରହିଛି। ମହାପ୍ରଭୁଙ୍କ ରଥଯାତ୍ରା ପରେ ଏନେଇ ହେଇପାରେ। ଖୁବଶୀଘ୍ର ଦଳର ସାଂଗଠନିକ ନିଯୁକ୍ତି ପ୍ରକ୍ରିୟା ସରିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା କ୍ଷମତାକୁ ଆସିବାର ବର୍ଷେ ପୂରଣ ହୋଇସାରିଛି। ହେଲେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୬ ମନ୍ତ୍ରୀପଦ ପୂରଣ କରିନାହାନ୍ତି। କିଛିଦିନ ହେଲା ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା ହେଇପାରେ ବୋଲି ଚର୍ଚ୍ଚା ଏବଂ ଆଲୋଚନା ହେଉଛି। ଏହି ଆଲୋଚନା ଭିତରେ କେତେଜଣ ନେତା ମଧ୍ୟ ମନ୍ତ୍ରୀପଦ ଲାଗି ନିଜକୁ ଆଶାୟୀ କରି ରଖିଛନ୍ତି। ତେଣୁ ସରକାର କୌଣସି ସମୟରେ ଏହି ୬ ମନ୍ତ୍ରୀ ପଦ ନେଇ ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ସେହିପରି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ବର୍ଷେ ବିତିଯାଇଥିଲେ ମଧ୍ୟ କୌଣସି ବୋର୍ଡ ଓ ନିଗମର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ତେଣୁ ଏହା ମଧ୍ୟ ରାଜ୍ୟ ସରକାର ଘୋଷଣା କରିବେ। ଅନ୍ୟପଟେ ଦଳ ସରକାରକୁ ଆସିବା ପରେ ସଭାପତି ଚୟନ ପ୍ରକ୍ରିୟା ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ସଭାପତି ଚୟନରେ ଦଳରେ ବିଳମ୍ବ ହେବାରେ ଲାଗିଛି। ତେଣୁ ସଭାପତି ଚୟନ ପ୍ରକ୍ରିୟାକୁ ନେଇ ଦଳ ଭିତରେ ବିଭିନ୍ନ ସମୟରେ ଚର୍ଚ୍ଚା ଏବଂ ଆଲୋଚନା ହେଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା, ସ୍ଥାନ: ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ତ୍ରୁପ୍ତି ଅଟୋୱାର୍ଲ୍ଡ, ପାତ୍ରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିର୍ଶା ମୁଣ୍ଡାଙ୍କ ଉପରେ ଲୋକାର୍ପିତ ହୋଇଥିବା ଅନ୍‌ଲାଇନ କଳା ପ୍ରଦର୍ଶନୀରେ ଚିତ୍ରକଳା ପ୍ରଦର୍ଶନ କରିଥିବା କେତେଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ, ସ୍ଥାନ: ଧଉଳି ପାଦଦେଶ, ସମୟ: ପୂର୍ବାହ୍ନ ୧୧ଟା।
- ଗନ୍ଧର୍ବ କଳା ପରିଷଦ ପକ୍ଷରୁ ଡ. ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଚୌଧୁରୀ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶଙ୍ଖାମେରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ମନ୍ଦିର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରସ୍ତୁତି ବୈଠକ, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ରାମଚନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ଦ୍ୱାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତେଲିଆଗଞ୍ଜ ଶିବମନ୍ଦିର ନିକଟ, ସୋର, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ, ସମୟ: ସକାଳ ୯ ଟା।
- ମାନବ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ହାଇ ସ୍କୁଲ ଆସିକା, ସମୟ: ସକାଳ ୯ ଟା।
- ପୂର୍ବତନ ବିଧାୟକ ବିଶନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ଶ୍ରୀଚନ୍ଦ୍ର ବୁଡେଶ୍ୱର ଶୈବପୀଠ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।

## ନୟାଗଡ଼

- ଉପନ୍ୟାସ ଉନ୍ମୋଚନ ଓ ସାହିତ୍ୟ ସଭା, ସ୍ଥାନ: ଦଶପଲ୍ଲା ମେଳିଆ ତୋଟା ତୈଳିକ ବୈଶ୍ୟ ସମାଜ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିରର ୪୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୁଣପୁର ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାୟଗଡା ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରାୟଗଡ଼ା ତେଜସ୍ୱୀ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କିକ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ବାବା ମଟେଶ୍ୱର ପୀଠ ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ : ସମ୍ବାଦିକ ଭବନ, ସମୟ : ସକାଳ ୯ଟା ୪୫।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁର ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ବଲାଙ୍ଗୀର

- ଚତୁରଙ୍ଗର ସମ୍ଭାଦନା ମଣ୍ଡଳୀ ବୈଠକ,ସ୍ଥାନ: ଜିଲା ସଂସ୍କୃତି ଭବନ ପାଠାଗାର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଲୋକ ନାଟକ ମହୋତ୍ସବ ଆଲୋଚନାଚକ୍ର, ସ୍ଥାନ: ଆଇସିଡିଏସ୍ ସଭାଗୃହ, ଲୋଇସିଂହା,ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ରାଜ୍ୟ ପରିବହନ ଶ୍ରମିକଙ୍କ ରାଜ୍ୟ ସମାବେଶ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆପୋଲୋ ୟୁରୋକନ୍ ୨୦୨୫, ସ୍ଥାନ: ସେକ୍ଟର-୧୯ ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା।
- ସୁର ତରଙ୍ଗ ପକ୍ଷରୁ ଇନ୍ଦ୍ରଧନୁର ସପ୍ତରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜାବ୍‌ର ସାଧାରଣ ପରିଷଦ ବୈଠକ,ସ୍ଥାନ: ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ହଲଧର ସାହିତ୍ୟ ସେମିନାର୍ ପ୍ରସ୍ତୁତି,ସ୍ଥାନ: ବିକାଶ ଫାଷ୍ଟଷ୍ଟେପ୍, ବରଗଡ଼,ସମୟ: ଅପରାହ୍ନ ୪ଟା।
- ମାସିକ ଆଲୋଚନା ସଭା,ସ୍ଥାନ:ଗାନ୍ଧୀ ଭବନ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ରତ୍ନମୁଦ, ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ମଦ୍ୟପ ଡ୍ରାଇଭିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ତରଭା ବ୍ଲକ ଚାରଭଟା ପଞ୍ଚାୟତରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକ ସିଂହାରୀ ପଞ୍ଚାୟତରେ ନିଶା ନିବାରଣ ସଚେତତନତା ଅଭିଯାନ, ସ୍ଥାନ:ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- କ୍ରାନ୍ତିବୀର ସଦ୍‌ଗୁରୁ ଘାସିଦାସ ପୁସ୍ତକର ଲୋକାର୍ପଣ ସମାରୋହ, ସ୍ଥାନ: ପୋଲିସ ପଡିଆ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସଦ୍ଭାବ ଓ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ରହିବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯାଇପାରନ୍ତି। ନିର୍ମାଣ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। ଅଶ୍ୱିନୀ ନକ୍ଷତ୍ରର କର୍ମ ପରିସର ବୃଦ୍ଧି ସହ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ବୃଷ** ଘରୋଇ ଝାମେଲା କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ। କୃତ୍ତିକା ନକ୍ଷତ୍ରର ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** କର୍ମକ୍ଷେତ୍ରରେ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଆର୍ଦ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନ୍ଥର ଗତିରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ଆଲୋଚନା କାଳରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ସକାଶେ ମନସ୍ଥ କରିପାରନ୍ତି।

**କର୍କଟ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଅଶ୍ଳେଷା ନକ୍ଷତ୍ରର ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ। ପରିବାର ବିଷୟରେ କୌଣସି ଦୁଶ୍ଚିନ୍ତା ମନକୁ ବ୍ୟାକୁଳିତ କରିବାର ସୂଚନା ରହିଛି।

**ସିଂହ** ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସାଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ସମ୍ଭାବନା ରହିଛି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ବନ୍ଧୁଙ୍କ ସହ ଧାର୍ମିକ ବାତାବରଣ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର କୌଣସି ଖଳ ଲୋକଙ୍କ କଥାରେ ପଡ଼ି ହଇରାଣ ହୋଇପାରନ୍ତି। ଅବହେଳା କାରଣରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମକଦ୍ଦମା, ବିତର୍କ, ସଙ୍ଗଠନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଉନ୍ନତ ବିଚାରଧାରା ସାଙ୍ଗକୁ ସୁସଂଯତ କାର୍ଯ୍ୟଶୈଳୀରୁ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ହଠାତ୍ ମୂଲ୍ୟବାନ୍ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି। ଶିଳ୍ପ, ବ୍ୟବସାୟ, ରାଜନୀତିରେ ସମ୍ମାନିତ ହେବେ। ଗବେଷଣା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇପାରନ୍ତି।

**ବିଛା** ଭାଗ୍ୟାଧିପତିଙ୍କ ଉଚ୍ଚାବସ୍ଥାନରୁ ପ୍ରତ୍ୟେକ କ୍ଷେତ୍ରରେ ସକାରାତ୍ମକ ଚିନ୍ତାଧାରା ସମସ୍ତ ପ୍ରକାରର ସୁଖସୌଭାଗ୍ୟ ପ୍ରଦାନ କରିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ପାରିବାରିକ ଜୀବନ ନିୟନ୍ତ୍ରଣରେ ରହିବ। ବନ୍ଧୁ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ମୂଳା ନକ୍ଷତ୍ରର ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଲାଭ ହୋଇପାରେ। ଆଜି ଯାତ୍ରା ସମୟରେ ଅନ୍ୟମନସ୍କ ରୁହନ୍ତୁ ନାହିଁ ଏବଂ ଯାନ ବାହନରେ ସତର୍କତା ରକ୍ଷାକରନ୍ତୁ।

**ମକର** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ଅଭିଳାଷ ଅବିଳମ୍ବେ ପୂରଣ ହୋଇଯିବ। ବିଶେଷତଃ ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଏବଂ ବନ୍ଧୁ ସମ୍ପର୍କ ଭଲ ରହିବ। ବାଣିଜ୍ୟ, ରପ୍ତାନି କାରବାର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ ନେଇ ସମ୍ପର୍କୀୟମାନେ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ର ସକାଶେ ଅନୁରୋଧ ରକ୍ଷାକରି ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ସାଙ୍ଗକୁ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିବେ।

**ମୀନ** ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ରେବତୀ ନକ୍ଷତ୍ରର ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିନପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ, ରାଜପ୍ରସାଦ ବିଜେ, ଜୁନ୍ ୨୨ ତାରିଖ ରବିବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୮ ଗତେ ଘ.୦୯।୩୬ ମଧ୍ୟେ, ଘ.୦୧।୨୭ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୪ ମଧ୍ୟେ ରାହୁକାଳ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

## ୨୪ରେ ଭେଟିବାକୁ ସମୟ ମାଗିଲେ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଭାଜପା ଶାସନକୁ ଆସିବାର ବର୍ଷେ ପୂରଣ ହୋଇଛି। ଏହି ବର୍ଷକ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଏହା ସହ ସାରା ରାଜ୍ୟରେ ନାରୀ ନିର୍ଯାତନା, ବାଳିକା ଅପହରଣ ଓ ଗଣବଳାତ୍କାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଏହିସବୁ ଘଟଣାକୁ ଅନୁଧ୍ୟାନ କରିବା ପାଇଁ ଏଆଇସିସିର ଏକ ତଥ୍ୟ ଅନୁଧ୍ୟାନ କମିଟି ଓଡ଼ିଶା ଆସିଛନ୍ତି। ଆସନ୍ତା ୨୪ରେ ଲୋକସେବା ଭବନରେ ଆପଣଙ୍କ ସହ ତଥ୍ୟ ଅନୁଧ୍ୟାନ କମିଟି, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସେ ଭେଟି ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଉପରୋକ୍ତ ନେତୃବୃନ୍ଦଙ୍କୁ ସମୟ ଦେଇ ଆଲୋଚନା କରିବେ କି ବୋଲି ପିସିସି ସଭାପତି ଚିଠି ଜରିଆରେ ଅନୁରୋଧ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିଶୁଆ ତେଲି,**
**ନା ଯାଉଛି ପେଲି।**

ନ ବୁଝି ନ ଶୁଝି ଆଗକୁ ମାଡ଼ିଚାଲିଲେ ବିପଦ ମୁଣ୍ଡେଇବାର ସମ୍ଭାବନା ରହିଥାଏ। ହୋସ ନ ଥାଇ ଆଗମୁହାଁ ହୋଇ ଧାଉଁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଣନ୍ଦ ନାରୀ ଚଉ ପାହାରୀ**
**ବସିଥାଏ ପାଆ ଭାଗେ,**
**ଟିକିଏ ଟିକିଏ ଫୋଡ଼ି ଦେଉଥାଏ**
**ଭାଇ ଘଇତାଙ୍କ ଆଗେ।**

ନଣନ୍ଦ ଭାଉଜଙ୍କ ମଧ୍ୟରେ ତିକ୍ତତା ଦେଖାଗଲେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ପଡ଼ି ନ ଥାଏ ସେ ଘରେ ଅଶାନ୍ତି ସୃଷ୍ଟି ହେବା ଥୟ। ନଣନ୍ଦ ଛୋଟ ଛୋଟ କଥାକୁ ନେଇ ଭାଇ ଓ ସ୍ୱାମୀ ଆଗରେ କହି ଅପଦସ୍ଥ କରାଉଥିବା ଦେଖି ଭାଉଜ ମନ ଖରାପ କରି ବସିବା ସହ ଦୁଃଖରେ ଭାଙ୍ଗିପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗୋପାଳପୁରରେ କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍


ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍।

## ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା: ଘଟଣାସ୍ଥଳ ପରିଦର୍ଶନ କଲା

ଗୋପାଳପୁର,୨୧।୬(ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ କରୁଛି। ଏହାକୁ ଗୁରୁତ୍ୱର ସହ ନେଇ ଶନିବାର କଂଗ୍ରେସର କେନ୍ଦ୍ରୀୟ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛି। ମଧ୍ୟାହ୍ନରେ ଏଆଇସିସିର ୫ ଜଣିଆ ଟିମ୍ ସଂଯୋଜକ ଦୀପା ଦାସମୁନ୍‌ସିଂ, ଏମ୍‌ପି ରଞ୍ଜିତ୍ ରଞ୍ଜନ, ଏମ୍‌ପି ପ୍ରଣିତୀ ସିନ୍ଧେ, ଏମ୍‌ପି ଏସ୍. ଜ୍ୟୋଥିମନି ଓ ଶୋଭା ଓଜା ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ। ଟିମ୍‌ରେ ରାଜ୍ୟ ମହିଳା କଂଗ୍ରେସ ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ସୋନାଲି ସାହୁ, ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର ରହିଛନ୍ତି। ସେମାନେ ପ୍ରଥମ ଦିନରେ ଗୋପାଳପୁର ଗଣବଳାତ୍କାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ବେଳାଭୂମିରେ କ୍ରାଇମ ସ୍ପଟ୍ ବୁଲି ଦେଖିଛନ୍ତି। ପୁରୁଷ ବନ୍ଧୁ ଓ ଛାତ୍ରୀ ଜଣକ କେଉଁଠାରେ ବସିଥିଲେ, କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଟିମ୍ ତାହାର ତଦାରଖ କରିଥିଲେ।

ଏସମ୍ପର୍କରେ ସଂଯୋଜକ ଦୀପା ଦାସମୁନ୍‌ସିଂ କହିଛନ୍ତି, ବେଳାଭୂମିରେ ଆଲୋକୀକରଣ ନାହିଁ, ଶୂନ୍‌ଶାନ ଅଞ୍ଚଳ ସହ ଏଠାରେ ସିସି କ୍ୟାମେରା ଖଞ୍ଜାଯାଇନାହିଁ। ଏହାର ସୁଯୋଗ ଅପରାଧୀମାନେ ନେଉଛନ୍ତି ବୋଲି ସେ କହିଛନ୍ତି। ଟିମ୍‌ରେ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା କହିଛନ୍ତି, ଏଆଇସିସି ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଅନୁଧ୍ୟାନ କରିବ। ଏହି ଘଟଣାର ସ୍ଥାନ ପରିଦର୍ଶନ କଲୁ। ସରକାରଙ୍କ ଅପାରଗତା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଘଟୁଛି ବୋଲି ବିଧାୟକ ଜେନା ଅଭିଯୋଗ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲା କଂଗ୍ରେସର (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ, ରଶ୍ମିରଞ୍ଜନ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ସାକା ସୁଜିତ କୁମାର, ଶ୍ୟାମସୁନ୍ଦର ସାହୁ, ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀଙ୍କ ସମେତ ବହୁ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଟିମ୍ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ତେବେ ପୀଡ଼ିତା ଓ ତାଙ୍କ ପରିବାର ସହିତ ସାକ୍ଷାତ୍ ଆଲୋଚନା ହୋଇପାରିନାହିଁ। ଟିମ୍ ରାତିରେ ଗୋପାଳପୁରରେ ରହି ରବିବାର କନ୍ଧମାଳ ଓ କେନ୍ଦୁଝର ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ଜେନା ସୂଚନା ଦେଇଛନ୍ତି। ତେବେ ତଥ୍ୟ ଅନୁସନ୍ଧାନକାରୀ ଦଳ ଗୋପାଳପୁର ପରିଦର୍ଶନ କରିସାରିବା ପରେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣୈକା ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସି ଏକ ନିର୍ଜନ ସ୍ଥାନରେ ବସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ଗୋପାଳପୁର ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜେଜେବିରେ ହାଜର କରିଛି। ଡିଜିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ଝାଡ଼ଖଣ୍ଡରେ ବର୍ଷା, ...

ହେଉଥିଲା। ଶନିବାର ରାତି ୮ଟା ସୁଦ୍ଧା ଜଳସ୍ତର ୧୦.୪୮ ମିଟର ରହିଛି। ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ କୁହ୍ଲା ଗ୍ରାମର ମହେଶ୍ୱର ପିଲା(୨୨) ଶନିବାର ମଧ୍ୟାହ୍ନ ୧୨ଟା ୧୫ରେ ତାଙ୍କ ମା' ଓ ଅନ୍ୟ ଜଣେ ଭାଇଙ୍କ ସହ ବାଲିଆପାଳ ଜାମକୁଣ୍ଡାରୁ ଘରକୁ ଫେରୁଥିବା ବେଳେ ପନ୍ତେଇ ବ୍ରିଜ ତଳେ ପ୍ରଖର ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଖୋଜାଖୋଜି ଆରମ୍ଭ କରିଛି। ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକରେ ଶତାଧିକ ଗାଁର ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ଦୁର୍ବିଷହ ଜୀବନ ଭୋଗୁଛନ୍ତି। ବହୁ ତଳିଆ ଅଞ୍ଚଳରେ ବନ୍ୟାପାଣିର ସ୍ରୋତ ଛୁଟୁଥିବାରୁ ଗାଁଗୁଡ଼ିକ ବିଚ୍ଛିନ୍ନ ହୋଇଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ଏକମାତ୍ର ସାହା ହୋଇ ଅପରପକ୍ଷରେ ଭୋଗରାଇ ବ୍ଲକରେ ବ୍ରିଟିଶ ଅମଳରେ ନିର୍ମିତ ଖାଳଯୋଡ଼ିର ସ୍ଲୁଇସ୍ ଗେଟ୍ ଗୁରୁତର ପ୍ରଭାବିତ ହୋଇଛି ବନ୍ୟାସ୍ରୋତ ମାଡ଼ରେ ଏହାର ୩ଟି ଗେଟ୍ ଭାଙ୍ଗିଯାଇଛି। ଫଳରେ ଭୋଗରାଇ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ସୁବାସିନୀ ଜେନାଙ୍କ ସହିତ ଅତିରିକ୍ତ ଜିଲାପାଳ ରାଜସ୍ୱ ବିଭାଗର ହେମନ୍ତ ସିଂ, ଉପଜିଲାପାଳ ସୁଧାକର ନାୟକ, ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ଜିଲା ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକଙ୍କ ସହିତ ଜଳସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ୪ ବ୍ଲକର ବିଡିଓ ଏବଂ ତହସିଲଦାର ବନ୍ୟା ମୁକାବିଲା ନିମନ୍ତେ ତତ୍ପର ହେବା ସହିତ ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ସୂଚନା ମିଳିଛି।

### ନୋବେଲ ଶାନ୍ତି ...

ଅସ୍ତ୍ରବିରତି କରିବାକୁ ବାଧ ହୋଇଥିଲା ବୋଲି ନୂଆଦିଲ୍ଲୀ କହିଛି। ନୋବେଲ ଶାନ୍ତି ପାଇଁ ପାକିସ୍ତାନ ଟ୍ରମ୍ପଙ୍କୁ ମନୋନୀତ କରିବା ପରେ ସେ କହିଛନ୍ତି, ତାଙ୍କୁ ୪/୫ ଥର ନୋବେଲ ଶାନ୍ତି ପୁରସ୍କାର ମିଳିବା କଥା। ସେମାନେ ମୋତେ ଦେଉନାହାନ୍ତି, କାରଣ ସେମାନେ କେବଳ ଉଦାରବାଦୀଙ୍କୁ ଏହି ପୁରସ୍କାର ଦେଇଥାନ୍ତି ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଅନେକ ବୈଶ୍ୱିକ ସଂଘର୍ଷ ଜୋନ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଉଦ୍ୟମ କରିଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିବା, କଙ୍ଗୋ-ରୁଆଣ୍ଡା ସଙ୍କଟର ସମାଧାନ ଆଦିରେ ସେ ପ୍ରମୁଖ ଭୂମିକା ନେଇଛନ୍ତି। ସେଥିପାଇଁ ତାଙ୍କୁ ବର୍ତ୍ତମାନ ସୁଦ୍ଧା ୪ରୁ ୫ ଥର ନୋବେଲ ପୁରସ୍କାର ମିଳିବା କଥା ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ କରି ପାକିସ୍ତାନ ସମାଲୋଚିତ ହୋଇଛି। ଇସ୍‌ଲାମାବାଦର ଏଭଳି ଅବାଞ୍ଛିତ ନିଷ୍ପତ୍ତି କେବଳ ଭୂରାଜନୈତିକ ବିଶେଷଜ୍ଞମାନଙ୍କୁ ଚକିତ କରିନାହିଁ, ପାକିସ୍ତାନୀ ଜନତା ଏବଂ ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗାଜାରେ ଗଣସଂହାର ଯୁଦ୍ଧ ଏବଂ ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସମର୍ଥନ କରୁଥିବା ଟ୍ରମ୍ପ ସରକାରଙ୍କ ସମ୍ପର୍କରେ ସ୍ମରଣ କରାଇଦେଇ ଅନେକ ପାକିସ୍ତାନୀ ଆକ୍ଟିଭିଷ୍ଟ ଏବଂ ଲେଖକ ସୋସିଆଲ ମିଡିଆରେ ପାକ୍ ସରକାରଙ୍କୁ ସମାଲୋଚନା କରିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସାମିଲ ହୋଇଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ କରୁଛନ୍ତି। **(ଫଟୋ: ବିକାଶ ନାୟକ)**



କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଶନିବାର ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ। **(ଫଟୋ: ଜ୍ୟୋତିରଞ୍ଜନ ମହାନ୍ତି)**



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜିଲାସ୍ତରୀୟ ଯୋଗ ଦିବସ ପାଳନ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଶପଥପାଠ କରାଉଥିବାବେଳେ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ଯୋଗ ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର: ମୋହନ

## ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧ା୬(ସୁନିତ୍ ମିଶ୍ର)

ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ଶନିବାର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଯୋଗାଭ୍ୟାସ କରିବା ସହ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲେ ମଧ୍ୟ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଜଡିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ବୃଦ୍ଧି କରୁଥିବା ଯୋଗ ବର୍ତ୍ତମାନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ୬ ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ୨୦୧୪ ଡିସେମ୍ବର ୧୧ରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧କୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରୀତ କରିଥିଲା। ଏବେ ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଓ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି।

ସୂଚନାଥାଉକି, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେବା ସହ ଯୋଗାଭ୍ୟାସ କରିଛନ୍ତି। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଛି।

# ବଢ଼ିଲା ଓମ୍‌ଫେଡ୍ କ୍ଷୀର ମୂଲ୍ୟ

ଭୁବନେଶ୍ୱର,୨୧ା୬(ଅନୁରାଧା ମହାରଣା)

ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେଶନ୍ (ଓମ୍‌ଫେଡ୍) ଉତ୍ପାଦିତ କ୍ଷୀର ମୂଲ୍ୟରେ ବୃଦ୍ଧି ହୋଇଛି। ପ୍ରିମିୟମ ଓ ଟୋନ୍‌ଡ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ଗୋଲ୍ଡ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ପ୍ରାୟ ୩ବର୍ଷ ପରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି ହୋଇଛି। ନୂଆ ମୂଲ୍ୟରେ ଏବେ ଉପଲବ୍ଧ ହେଉଛି ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍। ଜୁନ ୧ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିସହ ଓମ୍‌ଫେଡ୍ ମୂଲ୍ୟ ବୃଦ୍ଧି ନେଇ ମଧ୍ୟ ଘୋଷଣା ହୋଇଥିଲା। ଜୁନ ୧୩ରୁ ନୂଆ ଦର ଲାଗୁ ହେବ ବୋଲି କୁହାଯାଇ ପରେ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଜୁନ୍ ୨୧ ତାରିଖରୁ ନୂଆ ଦର ସହ ବଜାରରେ ଓମ୍‌ଫେଡ୍ କ୍ଷୀର ଉପଲବ୍ଧ ହୋଇଛି। ଏହି କ୍ରମରେ ଟୋନ୍‌ଡ କ୍ଷୀର ଲିଟର ପିଛା ୫୦ ଟଙ୍କା, ପ୍ରିମିୟମ କ୍ଷୀର ଲିଟର ପିଛା ୫୪ଟଙ୍କା, ଗୋଲ୍‌ଡ ପ୍ରିମିୟମ୍ ପ୍ଲସ୍ କ୍ଷୀର ୬୦ ଟଙ୍କା ଓ ଗୋଲ୍ଡ ପ୍ରିମିୟମ୍ କ୍ଷୀର ଲିଟର ପିଛା ୫୬ଟଙ୍କା ହୋଇଛି। ତେବେ ଅନ୍ୟ କୌଣସି ଉତ୍ପାଦ ଦର ବୃଦ୍ଧି ହୋଇ ନ ଥିବା ଓମ୍‌ଫେଡ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି ଶ୍ରୀନଅରକୁ ରାଜପ୍ରସାଦ ବିଜେ

## ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଖଳି

ପୁରୀ,୨୧ା୬(ଅଜିତ୍ କୁମାର ମହାନ୍ତି)

ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ମହାପ୍ରଭୁ ସୁସ୍ଥ ଅନୁଭବ କରିଥିବାରୁ ତୁଳସୀଲାଗି ହେବା ସହ ବାରଲାଗି ଖଣ୍ଡୁଆ ଲାଗି ହୋଇଛନ୍ତି।

ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେବା ପାଇଁ ଗୁପ୍ତ ସେବା ଜାରି ରହିଛି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷୁଅ ୩ଦିନ ଧରି ଲାଗି ହୋଇଥିଲା। ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହେବା ସହ ଦଶମୂଳ ମୋଦକ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ଏକାଦଶୀ ତିଥିରେ ଅଣସରଗୃହରେ ବିରାଜିତ ଶ୍ରୀବିଗ୍ରହଙ୍କୁ ଖଳିଲାଗି କରାଯିବା ସହ ତୁଳସୀଲାଗି କରାଯାଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ମଧ୍ୟ ଲାଗି କରାଯାଇଛି। ମହାପ୍ରଭୁଙ୍କ ଉକ୍ତ ନୀତି ନିମନ୍ତେ ଶ୍ରୀମନ୍ଦିର ପଟ୍ଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାରା ଖୋଲିଥିଲା। ପରେ ଅଣସର ଗୃହରେ ଦଇତାପତି ଏବଂ ପତି ମହାପାତ୍ର ପ୍ରବେଶ କରି ଦାରୁବିଗ୍ରହଙ୍କ ଅଣସର ନୀତି ଆରମ୍ଭ କରିଥିଲେ। ପଟ୍ଟିଦିଅଁଙ୍କ ସର୍ବାଙ୍ଗ ହେବା ସହ ଅଣସର ଗୃହରେ ଥିବା ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ନୀତିଅନୁଷ୍ଠିତ ହୋଇଥିଲା। ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳ ମୋଦକକୁ ପତି ମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମାଠାରୁ ବନ୍ଦ ଥିବା ଘଣ୍ଟ, କାହାଳୀ, ବାଦ୍ୟ ଶବ୍ଦ ପୁଣି ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଛି। ରବିବାର ଦ୍ୱାଦଶୀ ତିଥି ଅବସରରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ। ସ୍ନାନପୂର୍ଣ୍ଣିମାଠାରୁ ଅସୁସ୍ଥ ଥିବା ଶ୍ରୀବିଗ୍ରହମାନେ ସୁସ୍ଥ ହୋଇଥିବା ଖବର ଦଇତାପତିମାନେ ରାଜନଅରକୁ ଯାଇ ଆଦ୍ୟ ସେବକ ଗଜପତି ମହାରାଜାଙ୍କୁ ଜଣାଇବେ। ଏଥିସହ ରଥଯାତ୍ରା ସମ୍ପର୍କରେ ମଧ୍ୟ ଗଜପତିଙ୍କୁ ସୂଚନା ପ୍ରଦାନ କରିବେ।

# ଆଜି ୧୮ ଜିଲାରେ ବର୍ଷିବ

ଭୁବନେଶ୍ୱର,୨୧ା୬ (ଅନୁରାଧା ମହାରଣା)

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ୨୬ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ବର୍ଷା ସହ ବଜ୍ରପାତ ନେଇ ୧୮ ଜିଲାକୁ ସତର୍କ କରାଯାଇଛି। ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଓ ଖୋର୍ଦ୍ଧା ଆଦି ଜିଲାରେ ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଶନିବାର ସୋନପୁରରେ ୨୭.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ କଟକରେ ୨୧.୨ ମିମି, ପାରାଦୀପରେ ୧୬.୦ ମିମି, ଭୁବନେଶ୍ୱର ଓ ଜଗତ୍‌ସିଂହପୁରରେ ୩.୧ ମିମି, ନୟାଗଡ଼ରେ ୩.୦ ମିମି, ସୁନ୍ଦରଗଡ଼ରେ ୨.୪ ମିମି ଏବଂ ବାଲେଶ୍ୱରରେ ୧.୪ ମିମି ବର୍ଷା ହୋଇଛି।

# ଦେଶର ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୧ା୬(ଅନୁରାଧା ମହାରଣା)

ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ଇମ୍ପାକ୍ଟ ର୍‍ୟାଙ୍କିଙ୍ଗ୍‌ରେ କିଟ୍ ଭଲ ପ୍ରଦର୍ଶନ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪)ରେ ୩ୟ ସ୍ଥାନରେ ରହିଛି। ସାମଗ୍ରିକ ଭାବେ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି।

**ଟାଇମ୍ସ ହାୟର ଏଜୁକେଶନ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗ୍**



ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କ'ଣ ରହିଛି, ତାର ମୂଲ୍ୟାଙ୍କନ କରି ର୍‍ୟାଙ୍କ ପ୍ରଦାନ କରୁଛି ଟାଇମ୍ସ ହାୟର ଏଜୁକେଶନ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟ ମଧ୍ୟରେ ରହିଛି। ଏ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍‍ୟାଙ୍କିଙ୍ଗ୍‌ରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏହିସବୁ ର୍‍ୟାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

DSPL-135

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0210/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା



# କେବଳ ପ୍ରହେଳିକା



ଆକାର ପଟେଲ

ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ (ଭିଓଜିଏସ୍)କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦାୟିତ୍ୱ ନେଇଛନ୍ତି ବୋଲି ଚଳିତ ମାସରେ ଭାରତ ସରକାର ଘୋଷଣା କରିଛନ୍ତି। ଗ୍ଲୋବାଲ ସାଉଥ୍ କହିଲେ ନିମ୍ନ, ମଧ୍ୟମ ଆୟବର୍ଗ ତଥା ବିକାଶଶୀଳ ଦେଶଗୁଡ଼ିକୁ ବୁଝାଏ। ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରିବା ଲାଗି ବିଗତ ତିନିବର୍ଷ ହେଲା ଭାରତ ଭିଓଜିଏସ୍ ସମିଟ୍ ଆୟୋଜନ କରିଆସୁଛି, ଯାହାକୁ ସରକାର ସଂକ୍ଷେପରେ ଭିଓଜିଏସ୍ଏସ୍ ଭାବେ ନାମିତ କରିଛନ୍ତି। ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏବେ ଆମେ ଭିଓଜିଏସ୍‌ର ଉତ୍ତରଦାୟିତ୍ୱକୁ ନେଇ ପ୍ରକାଶ କରିଥିବା ତତ୍ପରତାର ସମ୍ପର୍କ ଜି୭ ସହ ଥିଲା। ଭାରତ ଜି୭ରେ ଭାଗ ନେଇଥିଲା, ଯଦିଓ ଏହାର ସଦସ୍ୟ ନୁହେଁ। ଜି୭ର ପ୍ରକୃତ ସଦସ୍ୟମାନେ ହେଉଛନ୍ତି ଆମେରିକା, ବ୍ରିଟେନ, କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ। ଏମାନେ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି। ଏହାସହ ଆତ୍ମରକ୍ଷା ପାଇଁ ଇସ୍ରାଏଲର ଅଧିକାର ରହିଛି ବୋଲି ଜି୭ ଦୃଢ଼ ଭାବେ କହିଛି। ହେଲେ ଇସ୍ରାଏଲର ସୁରକ୍ଷା ପାଇଁ ଆମର ସମର୍ଥନ ଦୋହରାଇଛୁ ଏବଂ ଆଞ୍ଚଳିକ ଅସ୍ଥିରତା ଓ ଉଗ୍ରବାଦର ଇରାନ ହେଉଛି ଏକ ପ୍ରମୁଖ ଉତ୍ସ ବୋଲି ସ୍ପଷ୍ଟ କରିଛୁ। ଏହା ଉପରେ ଭିଓଜିଏସ୍‌ର କୌଣସି ମତ ନ ଥିଲା, ଯଦିଓ ଆମ ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ଭାଗ ନେଇଥିଲେ ଏବଂ ଉପସ୍ଥିତି ଜାହିର କରିବାର ଏହା ଏକ ସମୟ ଥିଲା ବୋଲି ମନେକରାଯାଉଥିଲା। ଭିଓଜିଏସ୍‌ର ସ୍ୱର ନୀରବିଯାଇଥିଲା; ଯେଉଁଠି ଆମର କିଛି କହିବାର ନ ଥିଲା, କେବଳ ଶକ୍ତିଶାଳୀ ଦେଶଗୁଡ଼ିକର କହିବାର ଅଧିକାର ଥିଲା। ସେହି ସମ୍ମିଳନୀରେ ଆମେ କାହିଁକି ଭାଗ ନେଲୁ ତାହା ଜଣାପଡୁନାହିଁ। ବରଂ ଅନ୍ୟ କେଉଁଠି ଆମର ପ୍ରଭାବକୁ ସ୍ୱୀକୃତି ମିଳୁଥିବା ସ୍ଥାନରେ ସମୟ ଦେବାର ଥିଲା।

ସାଙ୍ଘାଇ କୋଅପରେଶନ ଅର୍ଗାନାଇଜେଶନରେ(ଏସ୍‌ସିଓ)ରେ ଭିଓଜିଏସ୍ ଏକ ସଦସ୍ୟ ଓ ତା'ର କହିବାର ଅଧିକାର ରହିଛି। ତେବେ ଏସ୍‌ସିଓ ସମାନ ବିଷୟ ଉପରେ ଏକ ବିବୃତି ଦେଇଛି। ଏସ୍‌ସିଓରେ ଅଛନ୍ତି ୯ଟି ଦେଶ– ଚାଇନା, ଭାରତ, ଇରାନ, କାଜାକସ୍ତାନ, କିରଗିଜସ୍ତାନ, ପାକିସ୍ତାନ, ରୁଷିଆ, ତାଜିକସ୍ତାନ ଓ ଉଜବେକିସ୍ତାନ। ବିଶ୍ୱର ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ଲୋକ ଏହିସବୁ ଦେଶରେ ଅଛନ୍ତି। ଏସ୍‌ସିଓରେ ସଂଖ୍ୟାଧିକ ହେଉଛନ୍ତି ଗ୍ଲୋବାଲ୍ ସାଉଥ୍ ବର୍ଗର। ଏକ ନୂଆ ଗଣତାନ୍ତ୍ରିକ, ସ୍ୱଚ୍ଛ ଏବଂ ଯୁକ୍ତିଯୁକ୍ତ ଅନ୍ତର୍ଜାତୀୟ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଉତ୍ସାହିତ କରିବା ଏହାର ଦାୟିତ୍ୱ ବୋଲି ଏସ୍‌ସିଓର ଅଧିକାରପତ୍ର ଦର୍ଶାଏ। ଅର୍ଥାତ୍ ଏହା ଦୁର୍ବଳ ଓ ଦରିଦ୍ର ଦେଶଗୁଡ଼ିକର ଅଧିକାର ପାଇଁ ଲଢ଼େଇ କରିବ। ଏସ୍‌ଓସି ତାହାର ବିବୃତିରେ ସ୍ପଷ୍ଟ କରିଥିଲା ଯେ, ସେମାନେ ଇସ୍ରାଏଲର ସାମରିକ ଆକ୍ରମଣକୁ ନିନ୍ଦା କରନ୍ତି। ଜନବସତି, ଶକ୍ତି ଓ ପରିବହନ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରି ନାଗରିକଙ୍କ ଜୀବନ ନେବା ଅନ୍ତର୍ଜାତୀୟ ଆଇନ ତଥା ଜାତିସଂଘ ଅଧିକାରପତ୍ରର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଏହା ହିଁ ବାସ୍ତବତା। କିନ୍ତୁ ଏସ୍‌ସିଓ ବିବୃତି ଦେଇଥିବା ସମାନ ଦିନରେ ଭାରତ ଏହା ବିରୋଧରେ ଏକ ବିବୃତି ଜାରି କରିଥିଲା। ଏଥିରେ ଦର୍ଶାଇଥିଲା ଯେ, ଏସ୍‌ସିଓ ଦେଇଥିବା ବିବୃତି ଉପରେ ହୋଇଥିବା ଆଲୋଚନାରେ ଭାରତ ଭାଗନେଇ ନ ଥିଲା। ଆମେ କାହିଁକି ଆଲୋଚନାରୁ ଦୂରେଇ ରହିଲୁ, ଯେଉଁଠି ଏକ ସଦସ୍ୟ ଭାବେ ଆମେ ଆମର ପ୍ରଭାବ ପ୍ରଦର୍ଶନ କରିପାରିଥାଆନ୍ତୁ। କିନ୍ତୁ ଏହା ନ କରି ଆମେ ଯେଉଁଠି କେବଳ ଦର୍ଶକ, ସେଭଳି ସମ୍ମିଳନୀରେ ଭାଗନେଲୁ। ୧୪ ଜୁନ୍‌ରେ ଅନ୍ୟ ଏକ ଖବରକାଗଜର ଶୀର୍ଷକ, ''ଗାଜା ଯୁଦ୍ଧବିରତି ପାଇଁ ଜାତିସଂଘ ପ୍ରସ୍ତାବକୁ ୧୪୯ ଦେଶର ସମର୍ଥନ, ଭାରତ ଏଥିରୁ ବିରତ ରହିଛି'' ପ୍ରକାଶ ପାଇଥିଲା। ସହାୟତା ବନ୍ଦ କରିବା ଏବଂ କ୍ଷୁଧାକୁ ଯୁଦ୍ଧ କୌଶଳ ଭାବେ ବ୍ୟବହାର କରାଯାଉଛି ବୋଲି ଏହି ପ୍ରସ୍ତାବରେ ନିନ୍ଦା କରାଯାଇଥିଲା। ଏହାସହ ଇସ୍ରାଏଲ ଲଗାଇଥିବା ଅବରୋଧକୁ ହଟାଇବା ଲାଗି ଏଥିରେ ଦାବି କରାଯାଇଥିଲା। ଭିଓଜିଏସ୍‌କୁ ଛାଡ଼ି ସବୁ ଦକ୍ଷିଣ ଏସୀୟ ଦେଶ ଏହା ସପକ୍ଷରେ ଭୋଟ ଦେଇଥିଲେ।

ବୈଦେଶିକ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ କୁହାଯାଇଛି,୧୪ ଅଗଷ୍ଟ ୨୦୨୪ରେ ଭାରତ ଏହାର ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ସମ୍ମିଳନୀ ଆୟୋଜନ କରିଥିଲା। ଏଥିରେ ଆଉ ମଧ୍ୟ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଔର୍ ସବ୍‌ର ପ୍ରୟାସ' ଦୃଷ୍ଟିକୋଣକୁ ବ୍ୟାପକ କରିବା ଲାଗି ଏହି ନିଆରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏହା ଭାରତୀୟ ସିଦ୍ଧାନ୍ତ 'ବସୁଧୈବ କୁଟୁମ୍ବକମ୍'କୁ ସମର୍ଥନ କରେ। ଭବିଷ୍ୟତରେ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ଏକାଠି କରି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଦୃଷ୍ଟିକୋଣ ଓ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଏକ ମିଳିତ ମଞ୍ଚରେ ଶେୟାର କରିବା ଲାଗି ଆଶା ରଖିଛି। ହେଲେ ୮ ମେ'ରେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ରହିବା ଓ ଦେଶାନ୍ତର ସମ୍ପର୍କିତ ଏକ ଘଟଣାରେ ଭାରତ ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ, ଭାରତ ୧୯୫୧ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ୟୁଏନ୍‌ଏଚ୍‌ସିଆର୍ ଜାରି କରିଥିବା ଶରଣାର୍ଥୀ କାର୍ଡ କିମ୍ବା ରୋହିଙ୍ଗ୍ୟାଙ୍କୁ ଶରଣାର୍ଥୀ ଭାବେ ସ୍ୱୀକାର କରିବ ନାହିଁ କିମ୍ବା ଶରଣାର୍ଥୀଙ୍କୁ କୌଣସି ସୁରକ୍ଷା ଦେବ ନାହିଁ। ଏହା ସ୍ପଷ୍ଟ ଯେ, ଭିଓଜିଏସ୍ ଏବଂ ବୈଶ୍ୱିକ ପରିବାର ସମ୍ପର୍କରେ କୁହାଯାଉଥିବା ବଡ଼ ବଡ଼ କଥା ପଛରେ ଅନେକ ଲୁକ୍କାୟିତ ସର୍ତ୍ତ ଓ ନିୟମ ରହିଛି। ଭାରତ ଜାତିସଂଘ ଶରଣାର୍ଥୀ ଚୁକ୍ତିରେ ସ୍ୱାକ୍ଷର କରିନି ସତ, ହେଲେ ଲୋକଙ୍କୁ ବିପଦ ଓ ନିର୍ଯାତନାରେ ରହିବାକୁ ବାଧ୍ୟ କରିବା ଏବଂ ସ୍ଥାୟୀ ଭାବେ ରହିବାର ସ୍ୱୀକୃତି ନ ଦେବାକୁ ଯୁକ୍ତିଯୁକ୍ତ ଦର୍ଶାଇପାରିବ ନାହିଁ। ଅନ୍ତଃରାଷ୍ଟ୍ରୀୟ ଆଇନରେ 'ନନ୍-ରିଫଲମେଣ୍ଟ' ନୀତି ଅନୁଯାୟୀ ଅର୍ଥାତ୍ ଯେଉଁ ସ୍ଥାନରେ ନିର୍ଯାତନା ଓ ଗମ୍ଭୀର ମାନବ ଅଧିକାର ଉଲ୍ଲଂଘନର ଆଶଙ୍କା ଥିବ ସେଠାକୁ ଲୋକଙ୍କୁ ଫେରିଯିବା ଲାଗି ବାଧ୍ୟ କରାଯାଉଥିବା ପଦକ୍ଷେପରୁ ଭାରତକୁ ରୋକାଯିବା ଦରକାର। ଏହା ଏକ ବଡ଼ ଆଇନଗତ ଦାୟିତ୍ୱ ଏବଂ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ୍ ପଲିଟିକାଲ୍ ରାଇଟ୍‌ସ(ଆଇସିସିପିଆର୍) ଚୁକ୍ତିରେ ଭାରତ ସ୍ୱାକ୍ଷର କରିଥିବାରୁ ଏହା କରାଯାଇପାରିବ। ଆମେ ସାଉଥ୍ ଗ୍ଲୋବାଲ ସମ୍ପର୍କରେ ବଡ଼ ଭାଷଣ ଦେଉଛୁ। ବିପରୀତ ଦିଗରେ କାମ କରି ଭାଗୀଦାରି ମାନବିକତା ଦେଖାଉନାହୁଁ। ଏଣୁ ନାଟକବାଜି ବା ପ୍ରହେଳିକା ଚାଲିବ।

Email:aakar.patel@gmail.com

# କାହିଁକି ଏତେ ଭାବପ୍ରବଣତା



ପ୍ରକାଶ ତ୍ରିପାଠୀ

ଆରସିବି ଟିମ୍ ଅଠର ବର୍ଷ ପରେ ଆଇପିଏଲ୍ କପ୍ ପାଇଲା, ସେମାନଙ୍କୁ ଦେଖିବାକୁ ଯାଇଥିବା ମୋ ପୁଅ କ'ଣ ପାଇଲା? ଜୁନ୍ ୪ରେ ବେଙ୍ଗାଲୁରୁରେ ଆର୍‌ସିବିର ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ୨୧ ବର୍ଷୀୟ ଭୂମିକା ଲକ୍ଷ୍ମଣଙ୍କ ପିତାଙ୍କର ଏହା ଥିଲା ପ୍ରଶ୍ନ। କର୍ନାଟକର ହାସନ ଜିଲାର ବାସିନ୍ଦା ଭୂମିକା ମାତାପିତାଙ୍କ ଏକମାତ୍ର ପୁଅ ଏବଂ ଶେଷ ବର୍ଷର ଇଞ୍ଜିନିୟରିଂ ଛାତ୍ର ଥିଲେ। ସେହିପରି ବିବିଏର ଛାତ୍ର ମନୋଜ କୁମାରଙ୍କ ମୃତ ଶରୀର ପାଖରେ ତାଙ୍କ ମା' କାନ୍ଦିକାନ୍ଦି କହୁଥିଲେ, ମୋ ପୁଅର କ'ଣ ଭୁଲ୍ ଥିଲା? ଖେଳ ସେଲିବ୍ରେଶନ ଦେଖିବାକୁ ଯାଇଥିଲା ଯେ ଆଉ ଫେରିଲାନି। ମୋ ପୁଅର ମୃତ୍ୟୁ ବାବଦକୁ ଟଙ୍କା ଦେଇଦେଲେ ମୋ ପୁଅ ଆଉ କ'ଣ ଫେରି ଆସିବ କି?

ମାର୍ଚ୍ଚ ୨୨ ରୁ ଜୁନ୍ ୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଚାଲିଥିଲା ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍‌ର ଅଠରତମ ସଂସ୍କରଣ। ଫାଇନାଲ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦୀର୍ଘ ୧୮ ବର୍ଷ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଇଣ୍ଡିଆନ ପ୍ରିମିୟର ଲିଗ୍ କପ୍ ଜିତିଲା। ଠିକ୍ ଏହାର ପରଦିନ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିଲା ବିଜୟ ଉତ୍ସବ। ବିଜୟ ଉତ୍ସବ ପାଳନରେ ଲକ୍ଷ ଲକ୍ଷ ପ୍ରଶଂସକ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ ଏବଂ ବିଧାନସୌଧ ନିକଟରେ ଏକତ୍ରିତ ହୋଇଥିଲେ ଓ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଦଳାଚକଟା। ପୋଲିସ ଲୋକମାନଙ୍କୁ ଘରକୁ ଫେରିଯିବାକୁ ଅନୁରୋଧ କରିଚାଲିଥିଲେ ବି ଟ୍ରାଫିକ୍ ଜାମ୍ ଯୋଗୁ ଘରକୁ ସେଠାରୁ ଫେରିବା ସମ୍ଭବ ହୋଇ ନ ଥିଲା। ଟ୍ରେନ୍‌ଗୁଡ଼ିକ ବି.ଆର. ଆମ୍ବେଡକର ବିଧାନସୌଧ ଏବଂ କ୍ୟୁବନ ପାର୍କ ଷ୍ଟେଶନରେ ଘଣ୍ଟା ଘଣ୍ଟା ଧରି ଅଟକି ଥିଲା। ପୋଲିସ ଆକଳନ ଅନୁଯାୟୀ, ଷ୍ଟାଡିୟମ ଚାରିପାଖରେ ଦୁଇ ଲକ୍ଷରୁ ଅଧିକ ଲୋକ ଥିଲେ। ଗୋଟିଏ ସ୍ଥାନରେ ଏତେ ଲୋକ ଥିବାରୁ, ମୋବାଇଲ ଟାୱାରଗୁଡ଼ିକ ଖରାପ ହୋଇଗଲା ଏବଂ ଶୀଘ୍ର କାହାରି ଫୋନରେ କୌଣସି ଦୃଢ଼ ସିଗ୍‌ନାଲ ନ ଥିଲା, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା। ବାହାରେ ଏହି ଦୁଃଖଦ ଘଟଣାରେ ୧୧ ଜଣ କ୍ରିକେଟପ୍ରେମୀ ମୃତ୍ୟୁବରଣ ଓ ଅନେକ ଆହତ ହେବା ଘଟଣା ଘଟିବା ପରେ ମଧ୍ୟ ଷ୍ଟାଡିୟମ ଭିତରର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ ଥିଲା। ବିରାଟ କୋହଲି, ଘନଘନ କରତାଳି ମଧ୍ୟରେ, ଆର୍‌ସିବି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇ ଏକ ଛୋଟ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଓ ପରେ ଜଣକ ପରେ ଜଣେ ଭାଷଣ ଦେଇଥିଲେ। ଏଭଳି ଦୁଃଖଦ ଘଟଣାରେ ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ତ ନିଶ୍ଚିତ ଦାୟୀ କରାଯିବ, ତେବେ କୌଣସି ଖେଳ ବା ଖେଳାଳିଙ୍କ ପ୍ରତି ଜନସାଧାରଣଙ୍କ ଏପରି ମାତ୍ରାଧିକ ପାଗଳପଣ କ'ଣ ଠିକ୍?

ଅନେକଥର ଦେଖାଯାଉଛି ଯେ ନିଜର ପ୍ରିୟ ଖେଳାଳି ବା କଳାକାରମାନଙ୍କୁ ଦେଖିବା ପାଇଁ ବେଳେବେଳେ ଲୋକମାନେ ଅତି ଭାବପ୍ରବଣ ହୋଇଯାଆନ୍ତି। ଏପରି କି ନିଜର ଜୀବନକୁ ବାଜି ଲଗାଇଦେଇଥାନ୍ତି। ଏଭଳି ଘଟଣା ପାଇଁ ଆମେ ଦୁଇଟି ପ୍ରସଙ୍ଗକୁ ଦୃଷ୍ଟି ଦେଇପାରିବା। ଗୋଟିଏ ହେଲା ସରକାରଙ୍କ ସୁରକ୍ଷା ବ୍ୟବସ୍ଥାରେ ଢିଲା ବା ଜନସମାଗମକୁ ଠିକ୍ ଆକଳନ ନ କରି ଉତ୍ସବ ଆୟୋଜନ ପାଇଁ ଅନୁମତି ଦେବା ଓ ଅନ୍ୟଟି ହେଲା ଜନସାଧାରଣଙ୍କ ଅତ୍ୟଧିକ ଭାବପ୍ରବଣତା। ଆମ ଦେଶରେ କ୍ରିକେଟ ଖେଳାଳିଙ୍କୁ ଦେବତା ଆସନରେ ବସାଇବାକୁ ଲୋକମାନେ ପଛାଇ ନ ଥା'ନ୍ତି। ଖେଳକୁ ସେମାନେ ଖେଳ ଭାବେ ନେଇ ନ ଥା'ନ୍ତି। ଖେଳରେ ହାର ଜିତ୍‌କୁ ସେମାନେ ଗୁରୁତ୍ୱର ଭାବେ ଗ୍ରହଣ କରିଥାନ୍ତି। ସତେ ଯେମିତି କ୍ରିକେଟ ଖେଳ ନୁହେଁ, ଯୁଦ୍ଧ ଚାଲିଛି। ହାରିଗଲେ ଭଙ୍ଗାରୁଜା ଓ ଜିତିଗଲେ ବିଜୟ ଉତ୍ସବ ପାଳନରେ ଦଳାଚକଟା। ଥରେ ଭାବନ୍ତୁ ତ, ଏହି ସବୁ ଦୁର୍ଘଟଣାରେ ଯେଉଁମାନେ ପ୍ରାଣ ହରାଇଲେ, ସେମାନଙ୍କ ପରିବାରର ଲୋକଙ୍କର ଅବସ୍ଥା କ'ଣ ହେଉଥିବ। ଏପରି ଭାବପ୍ରବଣତାର ମୂଲ୍ୟ କ'ଣ? ଆଇପିଏଲ୍ କ୍ରିକେଟ ମ୍ୟାଚ୍ ଟି-୨୦ ଫର୍ମାଟର ଏକ ଖେଳ। ଇଣ୍ଡିଆନ ପ୍ରିମିୟର ଲିଗ୍ ହେଉଛି ଭାରତରେ ଏକ ବୃତ୍ତିଗତ ଟ୍ୱେଣ୍ଟି୨୦ କ୍ରିକେଟ ଲିଗ୍, ଯାହା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଆୟୋଜିତ ହୋଇଥାଏ। ଏହି ପ୍ରିମିୟର ଲିଗ୍‌ରେ ଦଶଟି ସହର-ଭିତ୍ତିକ ଫ୍ରାଞ୍ଚାଇଜ ଦଳ ରହିଛି ଓ ଆଇପିଏଲ୍ ହେଉଛି ସବୁଠାରୁ ଲୋକପ୍ରିୟ ଏବଂ ଧନୀ କ୍ରିକେଟ ଲିଗ। ଏହା ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ କ୍ରୀଡ଼ା ଲିଗ୍। ଏହି କ୍ରୀଡ଼ା ପ୍ରତିଯୋଗିତା ପ୍ରତିବର୍ଷ ମାର୍ଚ୍ଚ ଏବଂ ମଇ ମଧ୍ୟରେ ଅନୁଷ୍ଠିତ ହୁଏ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଫ୍ୟୁଚର୍ ଟୁର୍ ପ୍ରୋଗ୍ରାମରେ ଏହାର ଏକ ସ୍ୱତନ୍ତ୍ର ୱିଣ୍ଡୋ ଅଛି, ଯାହା ଫଳରେ କ୍ରିକେଟ ଋତୁ ସମୟରେ ଅନ୍ତର୍ଜାତୀୟ ଭ୍ରମଣକୁ ହ୍ରାସ କରାଯାଇ ଏହି ମ୍ୟାଚ ଆୟୋଜିତ ହୁଏ। ବ୍ରଡକାଷ୍ଟ ଅଡିଅନ୍ସ



ରିସର୍ଚ୍ଚ କାଉନସିଲ ଅନୁଯାୟୀ, ଏହି ଭାରତୀୟ କ୍ରୀଡ଼ା ଇଭେଣ୍ଟକୁ ସର୍ବାଧିକ ଲୋକ ଦେଖନ୍ତି। ସହରଭିତ୍ତିକ ଫ୍ରାଞ୍ଚାଇଜ ଦଳମାନେ ସେମାନଙ୍କର ପ୍ରିୟ ଖେଳାଳିମାନଙ୍କୁ କୋଟି କୋଟି ଟଙ୍କାରେ ବର୍ଷକ ପାଇଁ ନିଲାମ ମାଧ୍ୟମରେ ଅନୁବନ୍ଧିତ କରିଥାନ୍ତି। ଫୋବର୍ସ ଇଣ୍ଡିଆର ୨୦୨୪ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ଦଶଜଣ ସର୍ବାଧିକ ଦରମା ପାଇଥିବା ଆଇପିଏଲ୍ ଖେଳାଳିଙ୍କ ମଧ୍ୟରେ ହାରାହାରି ଦରମା ହେଉଛି ୧୨.୩୭ କୋଟି ଟଙ୍କା। ସେଥିପାଇଁ ଆଇପିଏଲ୍‌କୁ ବିଶ୍ୱର ଦ୍ୱିତୀୟ ସର୍ବାଧିକ କ୍ରୀଡ଼ା ଲିଗ୍ ଭାବେ ଗ୍ରହଣ କରାଯାଏ। କାରଣ ଆଇପିଏଲ୍‌ରେ ଖେଳାଳିମାନେ କେବଳ ଟୁର୍ନାମେଣ୍ଟର ଅବଧି- ଦୁଇ ମାସରୁ କମ୍ ସମୟରେ ଖେଳିବା ପାଇଁ ଚୁକ୍ତିବଦ୍ଧ ହୁଅନ୍ତି, ବର୍ଷ ତମାମ ନୁହେଁ ଓ ଏହି ଦୁଇ ମାସ ଖେଳିବା ପାଇଁ ସେମାନେ କୋଟି କୋଟି ଟଙ୍କା ପାରିଶ୍ରମିକ ପାଇଥାନ୍ତି।। ଆଇପିଏଲ୍‌ରେ, ଫ୍ରାଞ୍ଚାଇଜିଦଳ, ଖେଳାଳି, ପ୍ରାୟୋଜକ, ମିଡିଆ ଏବଂ ମନୋରଞ୍ଜନ ଶିଳ୍ପ ସମେତ ବିଭିନ୍ନ ଅଂଶୀଦାରମାନେ କୋଟି କୋଟି ଟଙ୍କାର ଉପକୃତ ହୁଅନ୍ତି। ସମସ୍ତେ ତ ମାଲାମାଲ ହୁଅନ୍ତି, ହେଲେ ବିଚରା ଦର୍ଶକ କ'ଣ ପାଆନ୍ତି?

ନିକଟରେ ସରିଥିବା ଆଇପିଏଲ୍‌ର ୧୮ତମ ସଂସ୍କରଣ ଯଦି ଦେଖିବା, ତେବେ ସମଗ୍ର ଦେଶ ଦୁଇମାସରୁ ଊର୍ଦ୍ଧ୍ୱ ସତେ ଯେମିତି କ୍ରିକେଟ ମନସ୍କ ହୋଇଯାଇଥିଲା। ବିଶେଷ କରି ମାଇଁ ଇଲେଭେନ ସର୍କଲ ଓ ଡ୍ରିମ୍ ଏଲେଭେନ ନାମକ ଭର୍ଚୁଆଲ ଟିମ୍ ଗଠନ ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଏକ ପ୍ରକାର ଅନ୍‌ଲାଇନ ଜୁଆଖେଳ ପ୍ରତି ଆକର୍ଷିତ କରାଯାଇ କୋଟି କୋଟି ଟଙ୍କା ଜିତିବାର ସ୍ୱପ୍ନ ଦେଖାଯାଇଥିଲା ଓ ଏହାକୁ ବିଭିନ୍ନ ଗଣମାଧ୍ୟମରେ ବଡ଼ ବଡ଼ କ୍ରିକେଟ ଖେଳାଳିମାନେ ପ୍ରଚାର କରୁଥିଲେ। 'ମାଇଁ ଇଲେଭେନ ସର୍କଲ' ଓ ଡ୍ରିମ-୧୧ ହେଉଛି ଏକ ଫାଣ୍ଟାସି ସ୍ପୋର୍ଟସ ପ୍ଲାଟଫର୍ମ ଏବଂ ଟାଟା ଆଇପିଏଲ୍-୨୦୨୫ର ଏକ ସହଯୋଗୀ ପ୍ରାୟୋଜକ। ଏହା ଏକ ପ୍ଲାଟଫର୍ମ, ଯେଉଁଠାରେ ବ୍ୟବହାରକାରୀମାନେ ଆଇପିଏଲ୍‌ରେ ଅଂଶଗ୍ରହଣ କରୁଥିବା ବାସ୍ତବ ଦୁନିଆର ଖେଳାଳିମାନଙ୍କ ମଧ୍ୟରୁ ଏଗାର ଜଣ ଖେଳାଳିଙ୍କର ଭର୍ଚୁଆଲ ଦଳ ଗଠନ କରିପାରିବେ ଏବଂ ଖେଳାଳିଙ୍କ ଅନ-ଫିଲ୍ଡ ପ୍ରଦର୍ଶନ ଆଧାରରେ ପ୍ରତିଯୋଗିତା କରିପାରିବେ। ପ୍ରାରମ୍ଭିକ ଭାବେ ଏକ ଟଙ୍କା ଓ ପରବର୍ତ୍ତୀ ସମୟରେ ୩୯ ଓ ୪୯ ଟଙ୍କା ଦାଖଲ କରି ମାଇଁ ଇଲେଭେନ ସର୍କଲରେ ଭାଗ ନେଇଥାନ୍ତି। ଭାରତୀୟ ବିଜ୍ଞାପନ ମାନକ ପରିଷଦ (ASCI) ପକ୍ଷରୁ ଅବଶ୍ୟ ସତର୍କ କରାଇ ଦିଆଯାଏ ଯେ ଏହି ଖେଳରେ ଆର୍ଥିକ ବିପଦର ସମ୍ଭାବନା ଅଛି ଓ ଏହା ନିଶାକାରକ ହୋଇପାରେ। ଦୟାକରି ଦାୟିତ୍ୱର ସହ ଖେଳନ୍ତୁ। ମାତ୍ର ଏହା ଏକ ନିଶା ଭାବେ କ୍ରିକେଟକୁ ଭଲପାଉଥିବା ଯୁବ ଗୋଷ୍ଠୀଙ୍କୁ ଆକ୍ରାନ୍ତ କରିଥାଏ। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଯୁବପିଢ଼ି ଏହି ବାଣିଜ୍ୟିକ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଶାଗ୍ରସ୍ତ ହୋଇ ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି। ପ୍ରଚୁର ଆର୍ଥିକ ଏବଂ କ୍ୟାରିୟର କ୍ଷତି ସହୁଛନ୍ତି। ଏହାର ଗମ୍ଭୀରତାକୁ ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଦରକାର। କ୍ରିକେଟକୁ କେବଳ ଏକ ଖେଳ ଭାବେ ଦେଖାଯାଉ। ଖେଳରେ ପାଗଳପଣ ଓ ଅତ୍ୟଧିକ ଭାବପ୍ରବଣତା ଗ୍ରହଣୀୟ ନୁହେଁ, ଯାହା ବେଙ୍ଗାଲୁରୁ ଦୁର୍ଘଟଣାରୁ ଶିକ୍ଷା ମିଳିଲା।

ମୋ- ୯୪୩୭୨୩୨୪୬୩

# ଦାମ୍ପତ୍ୟ ଦ୍ୱନ୍ଦ୍ୱ ଓ ଆଇନର ରଜ୍ଜୁ



ଡ. ସତ୍ୟ ନାରାୟଣ ମିଶ୍ର

ବିବାହର ସଂଯୋଗକୁ ଜୀବନର ଶୃଙ୍ଖଳିତ ଜୀବନ ଧାରାରେ ଧାବମାନ କରିପାରିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଦମ୍ପତିର ଉଚିତ ଆଦର୍ଶକୁ ଚରିତାର୍ଥ କରିବାକୁ ଦାମ୍ପତ୍ୟ ଜୀବନର ଅନେକ ଶାସନ, ଅନୁଶାସନ ତଥା ବିଭକ୍ତୀକରଣ ନୀତି ନିୟମକୁ ପ୍ରଣିଧାନ କରାଯାଇଥାଏ। ଉକ୍ତ ଅନୁଶାସନରେ ଦାମ୍ପତ୍ୟରେ ଥାଏ ତ୍ୟାଗ, ସ୍ନେହ, କର୍ତ୍ତବ୍ୟ, ବିଚାରଧାରା, ସନ୍ତୋଷ ଓ ଆତ୍ମସନ୍ତୋଷ। ଅନେକେ ବିବାହକୁ ଜୀବନର ଆବଶ୍ୟକତାକୁ ଗୁରୁତ୍ୱ ଦେଉଥିବା ବେଳେ ଅନେକେ ଏହାକୁ ଜୀବନର ଅନ୍ୟମାନଙ୍କ ପାଇଁ କର୍ତ୍ତବ୍ୟ ମଣିଥାନ୍ତି। ଜଣେ ପୁଅ ଯେତେବେଳେ ଜଣେ ଝିଅକୁ ବା ଜଣେ ଝିଅ ଜଣେ ପୁଅକୁ ବିବାହ କରେ, ସେତେବେଳେ ତାହା ଥାଏ ପାରିବାରିକ ସହମତି ବା ପୁଅ ଝିଅ ଓ ଝିଅ ପୁଅର ବ୍ୟକ୍ତିଗତ ନିର୍ଣ୍ଣୟ। ଦାମ୍ପତ୍ୟ ଜୀବନ ସେତେବେଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥାଏ, ଯେତେବେଳ ଯାଏ ଉଭୟଙ୍କ ମଧ୍ୟରେ ବୁଝାମଣା ଓ ସହାନୁଭୂତି ନିହିତ ଥାଏ। ଅବିଶ୍ୱାସ,ଅହଂକାର,ଆତ୍ମସ୍ୱାର୍ଥ, ଆତ୍ମବଡିମା ଓ ଅସହିଷ୍ଣୁତା ଆଦି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱକୁ ବୃଦ୍ଧି କରିଥାଏ ଓ ବୈବାହିକ ଜୀବନ ହୋଇଥାଏ ଅଭିଶପ୍ତ। ଦାମ୍ପତ୍ୟରେ ଦ୍ୱନ୍ଦ୍ୱର ଉପସ୍ଥିତି ହେଲେ ତାହା କେବଳ ଦମ୍ପତିଙ୍କୁ ଆଘାତ ଦେଇ ନ ଥାଏ, ତାହା ଉଭୟ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ବିଭ୍ରାନ୍ତ କରିଥାଏ। ତେବେ ଦାମ୍ପତ୍ୟ ଜୀବନରେ ମତପାର୍ଥକ୍ୟ କେତେକାଂଶରେ ସ୍ୱୀକାର କରାଯାଇପାରେ ଓ ଅପରପକ୍ଷରେ ମନ ପାର୍ଥକ୍ୟକୁ କେବେହେଲେ ଗ୍ରହଣ କରିବା ଉଚିତ ନୁହେଁ। ମତ ଓ ମନ ପାର୍ଥକ୍ୟ ଯେତେବେଳେ ସଂଯୋଗ ହୋଇଥାଏ, ସେତେବେଳେ ଦ୍ୱନ୍ଦ୍ୱ ଉପୁଜି ଦାମ୍ପତ୍ୟ ଜୀବନରେ କଳଙ୍କି ଲାଗିବା ଆରମ୍ଭ ହୋଇଯାଏ। ଯେତେବେଳେ ପରିସ୍ଥିତି ଅସହନୀୟ ହୋଇଥାଏ ଓ ଦମ୍ପତି ନିଜ ନିଜର ସ୍ଥିତି ଓ ପରିସ୍ଥିତିକୁ ହୃଦୟଙ୍ଗମ କରିବାରେ ଅସମର୍ଥ ପ୍ରକାଶ କରିଥାନ୍ତି, ସେତେବେଳେ ଆଇନଗତ ବ୍ୟବସ୍ଥାରେ ଧାରାର ପ୍ରୟୋଗ ହୋଇ ଜୀବନ ଦ୍ୱନ୍ଦ୍ୱ ରଜ୍ଜୁରେ ବାନ୍ଧି ହୋଇଯାଏ। ଦାମ୍ପତ୍ୟ ଜୀବନ ହୋଇଯାଏ ଶତ୍ରୁ ଓ ଦ୍ୱନ୍ଦ୍ୱର ପରିସ୍ଥିତି, ଯେଉଁଥିରେ ଦମ୍ପତି ନିଜ ନିଜର ଜିଦ୍‌କୁ ଚରିତାର୍ଥ କରିବା ପାଇଁ ଆଇନର ଧାରା ପ୍ରୟୋଗ କରିଥାନ୍ତି। ଶାରୀରିକ କିମ୍ବା ମାନସିକ ଚାପ ବା ଆତ୍ମହତ୍ୟା ଭାବନା ସୃଷ୍ଟି କରିବାର ସମ୍ଭାବନା ଥାଏ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ମହିଳାଙ୍କୁ ହଇରାଣ କରିବା ଆଦି ନିହିତ ରହିଥାଏ, ତେବେ ଧାରାର ରଜ୍ଜୁରେ ଅପରାଧୀ ଦଣ୍ଡନୀୟ ହୋଇଥାନ୍ତି। ଆଇନର ଧାରା ସୃଷ୍ଟି ହୋଇଥିଲା ମହିଳାମାନଙ୍କ ସୁରକ୍ଷା ନିମିତ୍ତ ଓ ଏକ ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ। ମାତ୍ର ସମ୍ପ୍ରତି ଦାମ୍ପତ୍ୟ ଜୀବନର ଦ୍ୱନ୍ଦ୍ୱର ଏକ ବଳିଷ୍ଠ ଧାରା ହେଉଛି ୪୯୮(ଏ), ଯାହାର ଅପପ୍ରୟୋଗ କରି ଅନେକ ମହିଳା



ପ୍ରତିଶୋଧ ନେଉଛନ୍ତି। ଏଥିରେ ଅନେକ ମହିଳା ମିଥ୍ୟା ଅଭିଯୋଗ କରି ସ୍ୱାମୀଙ୍କଠାରୁ ଅନେକ ଅର୍ଥ ଆଦାୟ କରିଥାନ୍ତି। ସ୍ୱାମୀଙ୍କ ପରିବାରକୁ ଯଥେଷ୍ଟ ନିର୍ଯାତନା ମଧ୍ୟ ଦେଇଥାନ୍ତି, ଯାହାର ଅପପ୍ରୟୋଗ ବର୍ତ୍ତମାନ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟମାନେ ମଧ୍ୟ ହୃଦ୍‌ବୋଧ କରି କ୍ଷୋଭ ପ୍ରକାଶ କରିଛନ୍ତି। ୪୯୮(ଏ)ର ପରିକଳ୍ପନା କରାଯାଇ ଆଇନଶୃଙ୍ଖଳା ପରିସରରେ ମହିଳାମାନଙ୍କୁ ନିର୍ଦ୍ଦୟତା, ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧରୁ ରକ୍ଷା କରିବା ପାଇଁ ଧାରଣା ଦିଆଯାଇଥିଲା। କିନ୍ତୁ ଯେତେବେଳେ ଏହି ନିୟମର ବୈଧତା ପରୀକ୍ଷା କରିବା ପାଇଁ ପୁନଃ ଅନୁସନ୍ଧାନ କରାଯାଏ, ସେତେବେଳେ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥାଏ।

ତେଣୁ ମହିଳାଙ୍କ ପ୍ରତି ନିର୍ଦ୍ଦୟତା ବିରୋଧରେ ଯେଉଁ ଉଦ୍ଦେଶ୍ୟ ନେଇ ଆଇନ ପ୍ରଣୟନ କରାଯାଇଥିଲା ତାହା ବର୍ତ୍ତମାନ ମାନ୍ୟବର ସୁପ୍ରିମକୋର୍ଟ ଆଇନଗତ ଆତଙ୍କବାଦ ବୋଲି ବିଚାର କରୁଛନ୍ତି, କାରଣ ଧାରା ୪୯୮(ଏ)ର ଅପବ୍ୟବହାର ଏହାର ପ୍ରକୃତ ବିଶ୍ୱସନୀୟତା ହ୍ରାସ କରୁଛି। ଆଇନ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ସତ୍ୟରେ ପହଞ୍ଚିବା, ଦୋଷୀଙ୍କୁ ଦଣ୍ଡ ଦେବା ଓ ନିର୍ଦ୍ଦୋଷମାନଙ୍କୁ ସୁରକ୍ଷା ଦେବା। ମାତ୍ର ଧାରାର ରଜ୍ଜୁ ଧୀରେ ଧୀରେ ଓଲଟା ହୋଇଯାଉଛି, ଯେଉଁଥିରେ ସତ୍ୟର ଉଦ୍‌ଘାଟନ ହୋଇ ପ୍ରକୃତ ଉଦ୍ଦେଶ୍ୟ ଦୃଶ୍ୟମାନ ହେଉଅଛି। ମିଥ୍ୟା ଅଭିଯୋଗ ଓ ଧାରା ୪୯୮(ଏ)ର ଅନୈତିକ ଅଭ୍ୟାସ ହେତୁ ନିରୀହ ସ୍ୱାମୀ ଓ ତାଙ୍କ ପରିବାର ଅନେକ ଅକଥନୀୟ ଯନ୍ତ୍ରଣା ଭୋଗ କରୁଛନ୍ତି ଓ ଉକ୍ତ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହୋଇ ସାମାଜିକ ଅସ୍ଥିରତା ସୃଷ୍ଟି ହେଉଛି। ଅନେକ ସମୟରେ ଲଜ୍ଜା ଓ ନିର୍ଯାତନାରେ ମ୍ରିୟମାଣ ହୋଇ ଅନେକ ପୁରୁଷ ହାର ମାନି ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଅତଏବ ଆଇନ ଠିକ୍ ଭାବରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ତଥା ପ୍ରକୃତ ପରୀକ୍ଷଣ ସହିତ ଶକ୍ତି ପ୍ରୟୋଗ କରିବା ଆବଶ୍ୟକ, ଯେଉଁଥିରେ ପ୍ରତିଶୋଧର ସ୍ଥାନ ନ୍ୟୂନ ହୋଇ ଦ୍ୱନ୍ଦ୍ୱର ସମାଧାନ ହେବ। ଧାରା ୪୯୮(ଏ) ଆଇପିସିର ଅପବ୍ୟବହାର ବୃଦ୍ଧି ହୋଇଚାଲିଛି ଓ ପତ୍ନୀଙ୍କ ଦ୍ୱାରା ସ୍ୱାମୀଙ୍କଠାରୁ କିଛି ନଗଦ ଅର୍ଥ ସଂଗ୍ରହ କରିବା ପାଇଁ ଏହି ଧାରା ଏକ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି। ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଧାରା ୪୯୮(ଏ)ର ପ୍ରୟୋଗ ଯଥାର୍ଥ, ଯଦି ଏହା ପ୍ରକୃତରେ ନିର୍ଯାତନା ଦେଇଥାଏ, ମାତ୍ର ଏହାର ଅପପ୍ରୟୋଗ ସମାଜକୁ ପ୍ରଭାବିତ କରେ। ତେଣୁ ଦାମ୍ପତ୍ୟ ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ପାଇଁ ମାନସିକ ଜୀବନ ଧାରାର ପ୍ରବାହକୁ ଗତିଶୀଳ କରିପାରିଲେ ଆଇନ ରଜ୍ଜୁର ଅପପ୍ରୟୋଗ ନ୍ୟୂନ ହୋଇପାରିବ।

ସହାୟକ ନିର୍ଦ୍ଦେଶକ,ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର
ମୋ: ୯୯୩୭୩୪୫୯୦୦

## ଏଇ ଭାରତରେ

ଉତ୍ତରାଖଣ୍ଡର ଏକ ଛୋଟ ଗାଁରୁ ଆରମ୍ଭ ହୋଇଥିବା ବିହନ ବଞ୍ଚାଅ ଆନ୍ଦୋଳନ ତାହାର ଲକ୍ଷ୍ୟ ପଥରେ ଆଗକୁ ବଢ଼ିଚାଲିଛି। ଏହି ଆନ୍ଦୋଳନର ସ୍ରଷ୍ଟା ବିଜୟ ଜରଧାରୀ ଏବେ ୩୦୦ କିସମର ପାରମ୍ପରିକ ଧାନ ସଂଗ୍ରହ କରି ତାହାର ସଂରକ୍ଷଣ କରିପାରିଛନ୍ତି। ୧୯୮୦ ଦଶକରେ ତେହରି ଗଢ଼ୱାଲର ଜରଧାରଗାଁଓରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ବିଜୟଙ୍କ ସହ ଗ୍ରାମବାସୀ ଯୋଗଦେଇ ଏହି ଆନ୍ଦୋଳନକୁ ସକ୍ରିୟ କରିଥିଲେ। ଏମାନେ କେବଳ ଧାନ ନୁହେଁ, ୨୦୦ କିସମ ରାଜମା ସହ ଅନେକ କିସମର ପନିପରିବା, ଶସ୍ୟ, ତୈଳବୀଜ ଓ ଶାଗ ମଞ୍ଜି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ବ୍ୟତୀତ କମ୍ ପାଣିରେ ଚାଷ ହୋଇପାରୁଥିବାରୁ କେତେକେ ଶସ୍ୟ ବିହନ ପାଇବାକୁସକ୍ଷମ ହୋଇପାରିଛନ୍ତି। ପାରମ୍ପରିକ ଶସ୍ୟ ଓ ପନିପରିବା ଜୀବନକୁ ସୁସ୍ଥ ରଖିବ ବୋଲି ବିଜୟଙ୍କ ମତ। ସେଠାରେ ବିହନ ସଂରକ୍ଷଣକୁ ଉତ୍ସାହିତ କରିବା ପାଇଁ ବିହନ ଉତ୍ସବ ପାଳନ କରାଯାଏ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୭୬

- ଭାରତ ଓ ସୋଭିଏତ୍ ଋଷ ମଧ୍ୟରେ ଜାହାଜ ଚଳାଚଳ ବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ଏକ ପ୍ରୋଟୋକଲ ସ୍ୱାକ୍ଷରିତ।
- ଭାରତରେ ପ୍ରଥମଥର ପାଇଁ କୋଲ ଇଣ୍ଡିଆ ଜରିଆରେ ପାରାଦୀପରୁ ଆରାଧନା ଜାହାଜ ଯୋଗେ ବେଲଜିୟମ ଅଭିମୁଖେ କୋଇଲା ରପ୍ତାନି ଆରମ୍ଭ।
- ଆଠଗଡ଼ ନିକଟସ୍ଥ ପୁରୁଣା କଟକ-ସମ୍ବଲପୁର ରାସ୍ତାର କଣ୍ଟିଆ ନଦୀ ଉପରେ ୯ ଲକ୍ଷ ୪୧ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପୋଲ ଉଦ୍‌ଘାଟିତ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | | | | 7 | | 9 | | 8 |
| | | 3 | | | | | 7 | 6 |
| 1 | 8 | | | | | 2 | | |
| | | | | | | 6 | 4 | |
| 3 | 5 | 4 | | | | | | |
| | | 1 | 7 | | | | | 3 |
| 7 | | 2 | | 5 | | | | |
| 8 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 5 | 8 | 6 | 2 | 3 | 1 | 7 |
| 2 | 8 | 1 | 5 | 3 | 7 | 9 | 4 | 6 |
| 6 | 3 | 7 | 9 | 4 | 1 | 2 | 8 | 5 |
| 3 | 4 | 2 | 1 | 9 | 6 | 7 | 5 | 8 |
| 5 | 1 | 9 | 7 | 8 | 3 | 6 | 2 | 4 |
| 8 | 7 | 6 | 2 | 5 | 4 | 1 | 3 | 9 |
| 7 | 6 | 3 | 4 | 1 | 8 | 5 | 9 | 2 |
| 9 | 2 | 4 | 3 | 7 | 5 | 8 | 6 | 1 |
| 1 | 5 | 8 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖଜଣା ଡାକଘର ଓ ବ୍ୟାଙ୍କରେ ଦାଖଲ ବ୍ୟବସ୍ଥା କରାଯାଉ

ମହାଶୟ,

ଏଇ କିଛିଦିନ ତଳେ ଜଣେ ବନ୍ଧୁଙ୍କ ସହ ସ୍ଥାନୀୟ ଏକ 'ଜନସେବା କେନ୍ଦ୍ର'କୁ ଯାଇଥିଲି। ବନ୍ଧୁଙ୍କ ଖଜଣା ପୈଠ କରିବାର ଥିଲା। ଜନସେବା କେନ୍ଦ୍ରବାଲା କେବଳ ନଗଦ ବର୍ଷର ଖଜଣା ଗ୍ରହଣ କରି ସେବା ମୂଲ୍ୟ ବାବଦରେ ୩୦ ଟଙ୍କା ନେବେ ବୋଲି କହିବାରୁ ତୁରନ୍ତ ସ୍ଥାନୀୟ ଆର୍‌ଆଇ କାର୍ଯ୍ୟାଳୟକୁ ଜମା ଦେବା ପାଇଁ ଗଲୁ। ୪ ବର୍ଷର ଖଜଣା ଓ ଜରିମାନା ବାବଦରେ ସବୁ ମିଶି ୧୪ ଟଙ୍କା ପଡ଼ିଥିଲା। ତେବେ ବନ୍ଧୁଜଣଙ୍କ ୧୦୦ ଟଙ୍କିଆ ନୋଟଟି ଦେଲେ। ଉକ୍ତ କର୍ମଚାରୀ ୫୦ ଟଙ୍କା ଟଙ୍କିଆ ନୋଟ୍ ପକେଟରୁ କାଢ଼ି ଫେରାଇ ଦେଇ ଅବଶିଷ୍ଟ ଟଙ୍କା ଚା'ପିଆ ବାବଦରେ କାଟି ରଖିଲେ। ହିସାବ କରି ଦେଖିଲୁ ଯେତେ ଲୋକ ପୈଠ କରିବାକୁ ଆସୁଛନ୍ତି, ସେମାନଙ୍କଠାରୁ ଉକ୍ତ କର୍ମଚାରୀ ଚା'ପିଆ ଖର୍ଚ୍ଚ ଯଦି ରଖେ, ତେବେ ଦୈନିକ ୫୦୦ ଟଙ୍କାରୁ କମ୍ ରୋଜଗାର ହେଉ ନ ଥିବ (ଖଜଣା ପ୍ରଦାନ ବେଳେ)। ଯଦି ସରକାର ସମସ୍ତ ପ୍ରକାର ଡାକଘର ଯଥା ଶାଖା, ଉପମୁଖ୍ୟ ଓ ପ୍ରଧାନ ଡାକଘର ଏବଂ ବ୍ୟାଙ୍କରେ ସମସ୍ତ ସରକାରୀ ପୈଠ ଦାଖଲ କରିବାର ବ୍ୟବସ୍ଥା କରନ୍ତେ, ତେବେ ଲୋକେ ଦୁର୍ନୀତିରୁ ମୁକ୍ତି ପାଆନ୍ତେ।

**-ଶ୍ରୀଜଗନ୍ନାଥ ବେହେରା, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
(ପ୍ରାଚୀନ ଓ ନବୀନ)

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱାମୀଙ୍କୁ ମାରି ଝୁଲାଇଦେଲେ

## ସ୍ତ୍ରୀ, ପୁରୁଷବନ୍ଧୁ ମିଶି ହତ୍ୟା କରିଥିବା ସନ୍ଦେହ

ଜଳେଶ୍ୱର, ୨୧।୬(ନବୀନ ସାହୁ)

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜଣେ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତର ଅଗ୍ରୱାଲ ଛକ ନିକଟସ୍ଥ ଏକ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ରମାକାନ୍ତ ଘୋଷ। ରମାକାନ୍ତଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁରୁଷ ବନ୍ଧୁ ହତ୍ୟା କରିବା ପରେ ମୃତଦେହକୁ ଟାଙ୍ଗି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳେଶ୍ୱର ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ରମାକାନ୍ତଙ୍କ ଭାଇ ରବୀନ୍ଦ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ବିଏନ୍ଏସ୍ ଦଫା ୧୦୮, ୩(୫)ରେ ଏକ ମାମଲା(ନଂ. ୮୬/୨୦୨୫) ରୁଜୁ କରି ରମାକାନ୍ତଙ୍କ ସ୍ତ୍ରୀ ଏବଂ ତାଙ୍କ ପୁରୁଷବନ୍ଧୁ ଜନ୍ମେଜୟ


ରମାକାନ୍ତ ଘୋଷ

ଘୋଷଙ୍କୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଥିବା ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ, ମୃତ ରମାକାନ୍ତଙ୍କ ଘର ଦକ୍ଷିଣ ହରିରାଜପୁର ମାଗୁଣିଆପଡ଼ାରେ ହୋଇଥିବାବେଳେ ସେ ଅଗ୍ରୱାଲ ଛକ ନିକଟରେ ଏକ ଘର କରିଛନ୍ତି। ରମାକାନ୍ତ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ସ୍ତ୍ରୀ ଘର ନିକଟରେ ଏକ ପାନ ଏବଂ ଚା' ଦୋକାନ କରିଛନ୍ତି। ଘରେ ବିଧବା ମା', ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ରୁହନ୍ତି। ସ୍ୱାମୀ ବାହାରେ ରହିବାର ସୁଯୋଗ ନେଇ ତାଙ୍କ ସ୍ତ୍ରୀ ବିଭିନ୍ନ ସମୟରେ ଅନ୍ୟ ପୁରୁଷଙ୍କ ସହିତ ଫୋନ୍‌ରେ ଗପିବା ଏବଂ ସେମାନଙ୍କ ସହ ମିଳାମିଶା କରିଥାନ୍ତି। ସ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଅନେକ ସମୟରେ ଝଗଡ଼ା ହୋଇଥାଏ। ୨୦ ଦିନ ତଳେ ରମାକାନ୍ତ ହାଇଦ୍ରାବାଦରୁ ଗାଁକୁ ଫେରିଥିଲେ। ନିକଟସ୍ଥ ଦକ୍ଷିଣ ପ୍ରହରାଜପୁରର ଜନ୍ମେଜୟ ଅନେକ ସମୟରେ ରମାକାନ୍ତଙ୍କ ସ୍ତ୍ରୀ ଖୋଲିଥିବା ପାନ ଦୋକାନରେ ଆସି ବସିବା ସହ ଗପସପ କରିଥାନ୍ତି। ଏହାଦେଖି ପଡ଼ୋଶୀ ଲୋକେ ଜନ୍ମେଜୟଙ୍କୁ ଅନେକ ଥର ଚେତାବନୀ ମଧ୍ୟ ଦେଇଥିଲେ। ଗତ ୨ଦିନ ତଳେ ଏହି ଘଟଣାକୁ ନେଇ ରମାକାନ୍ତ ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ରମାକାନ୍ତଙ୍କ ସ୍ତ୍ରୀ ଏବଂ ଜନ୍ମେଜୟ ମିଶି ରମାକାନ୍ତଙ୍କୁ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଘରେ ଝୁଲାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏନେଇ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଟିଆଇ ପରେଡ୍‌ରେ ଚିହ୍ନଟ ହେଲେ ନାବାଳକ

## ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ଘଟଣା

ବ୍ରହ୍ମପୁର, ୨୧।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ମାମଲାରେ ଗତ ୪ ଦିନ ଧରି କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ସମ୍ପୃକ୍ତ ୬ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଶନିବାର ବାଳ ସୁଧାର ଗୃହରେ ଥିବା ୪ଜଣ ନାବାଳକଙ୍କୁ ଟିଆଇ ପରେଡ୍‌ରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ଚିହ୍ନଟ ମଧ୍ୟ କରିଥିବା ଜଣାପଡ଼ିଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁତର ସହ ନେଇଛି। ଜେଲରେ ଥିବା ଅଭିଯୁକ୍ତଙ୍କୁ କିପରି ଜାମିନ ନ ମିଳିବ ସେନେଇ ଟିମ୍ ସରକାରୀ ଓକିଲଙ୍କ ସହ ଆଲୋଚନା କରୁଛି। ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ମାମଲାର ଚାର୍ଜଶିଟ୍ ଦାଖଲ ପାଇଁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଏ ସମ୍ପର୍କିତ ସମସ୍ତ କାଗଜପତ୍ର ପ୍ରସ୍ତୁତ କରୁଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖ ଅପରାହ୍ନରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବାବେଳେ ୪ନାବାଳକଙ୍କ ସମେତ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷବନ୍ଧୁଙ୍କୁ ଆକ୍ରମଣକରି କାବୁ କରିଥିଲେ। ପରେ ସେଠାରେ ଛାତ୍ରୀଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ଏଭଳି ଏକ ଲଜ୍ଜାଜନକ ଘଟଣା ଏବେ ଜାତୀୟସ୍ତରରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାକୁ ସବୁ ମହଲରୁ ଦୃଢ଼ ନିନ୍ଦା କରାଯାଉଛି। ପୀଡ଼ିତା ଛାତ୍ରୀଙ୍କ ସୁରକ୍ଷା ସହ ତାଙ୍କର ଶିକ୍ଷା ଗ୍ରହଣରେ ଯେପରି ବାଧା ନ ହୁଏ ସେଥିପ୍ରତି କ୍ରାଇମବ୍ରାଞ୍ଚ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।

# ଫାଇନାନ୍ସ କମ୍ପାନୀ ପରିଚାଳକଙ୍କ ଆତ୍ମହତ୍ୟା

## ଭିତରକନିକା ଗେଷ୍ଟ ହାଉସରୁ ଜବତ ହେଲା ଝୁଲନ୍ତା ମୃତଦେହ

ରାଜନଗର,୨୧।୬(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମ୍ୟାନଗ୍ରୋଭ ପିଟା ହୋମ୍ ଷ୍ଟେରେ ଜଣେ ଫାଇନାନ୍ସ କମ୍ପାନୀ ପରିଚାଳକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ମୃତକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଦାପୁର ଗାଁର ଶୁଭମ ସଂଗ୍ରାମ ସାହୁ (୨୬)। ସେ ଡାଙ୍ଗମାଳ ପଞ୍ଚାୟତ ବରାଠାରେ ଥିବା ଭାରତ ଫାଇନାନ୍ସ କମ୍ପାନୀର ଶାଖା କାର୍ଯ୍ୟାଳୟର ପରିଚାଳକ ଥିଲେ। ଗତ ୪ ଦିନ ହେଲା ଉକ୍ତ ଶାଖାରେ ଯାଞ୍ଚ ଚାଲିଥିଲା। ଶୁକ୍ରବାର ରାତିରେ ଶୁଭମ ଭାରତ ଫାଇନାନ୍ସ ଶାଖା କାର୍ଯ୍ୟାଳୟରେ ଥିଲେ। ଶନିବାର ସକାଳେ ଉଠି ସେ ଭଡ଼ା ନେଇ ରହୁଥିବା ଡାଙ୍ଗମାଳସ୍ଥିତ ମ୍ୟାନଗ୍ରୋଭ ପିଟା ହୋମ୍ ଷ୍ଟେରେ ପହଞ୍ଚିଥିଲେ। ଦିନ ପ୍ରାୟ ୯ ଘଟିକା ସମୟରେ ତାଙ୍କ ଅଫିସର ଜଣେ କର୍ମଚାରୀ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ହେଲେ ସେ ଏକ ଓଢ଼ଣୀରେ ଫ୍ୟାନରେ ଝୁଲୁଥିବା ଲୋକମାନେ ଝରକା ବାଟେ ଦେଖିଲେ। ଗେଷ୍ଟ ହାଉସର ମାଲିକ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନା ଓ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି।

# ୪୪ କେଜି ଗଞ୍ଜେଇ ଜବତ: ଯୁବତୀଙ୍କ ସମେତ ୫ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ୫ ଅଭିଯୁକ୍ତ।

ବାଲେଶ୍ୱର, ୨୧।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଜଣେ ଯୁବତୀଙ୍କ ସହ ୫ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୪୪କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ହରିହର ସିଂ, ଏସ୍ଆଇ ଭକ୍ତ ଚରଣ ସ୍ୱାଇଁ, ଅବକାରୀ ଥାନା ସଦର ଓଆଇସି ଦୀପ୍ତିମୟୀ ସାହୁ ପ୍ରମୁଖ ସଦଳବଳେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ, ସେରଗଡ଼, ବସ୍ତା, ଗାନ୍ଧିଛକ ଆଦି ସ୍ଥାନରେ ଚଢ଼ାଉ କରି ୫ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ସରକାରପୁର ଅଞ୍ଚଳର ବେଲାଲ ମଣ୍ଡଳ, ପିଣ୍ଟୁ ମଣ୍ଡଳ, ହନିପ ମଣ୍ଡଳ, ଉତ୍ତରପ୍ରଦେଶ ସରାଇ ତାଜପୁର ଗ୍ରାମର ସେକ ଭକିଲ ଓ ସାଦିକିପୁଲିଆ ଅଞ୍ଚଳର ଯୁବତୀ ଛୋଟିଙ୍କୁ ଗିରଫ କରିଥିଲେ। ଏନେଇ ପୃଥକ ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ଏହି ଚଢ଼ାଉରେ ନୀଳଗିରି ଓଆଇସି କେଶବ ଦାସ ଅଧିକାରୀ, ଏସ୍ଆଇ ଗଙ୍ଗୋମଣି ହେମ୍ବ୍ରମ, ବସ୍ତା ଓଆଇସି ପ୍ରଜ୍ଞା ପ୍ରିୟା ନାୟକ, ଏସ୍ଆଇ ଭବେଶ ଦାସ, ଚନ୍ଦନ ନାୟକ ଓ ଜଗନ୍ନାଥ ବେହେରା ପ୍ରମୁଖ ସାମିଲ ଥିଲେ।

# ସ୍ତ୍ରୀଙ୍କୁ କଟୁରିରେ ହାଣି ହତ୍ୟା

ନୟାଗଡ଼,୨୧।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ରାଣିଛେଲି ପଞ୍ଚାୟତ ଗୋହିରିଆପଡ଼ା ଗାଁରେ ଅମୂଲି ନାୟକ ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ଶନିବାର ହତ୍ୟା କରିଛନ୍ତି। ଫତେଗଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୦୨/୨୫) ରୁଜୁ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି।

ସୂଚନା ଅନୁଯାୟୀ, ଆଜିକୁ ୧୫ ବର୍ଷ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଗୋଡିଆଳି ଗାଁର ଅମର ନାୟକଙ୍କ ଝିଅ ଅମୂଳି(୩୫) ଗୋହିରିଆପଡ଼ା ଗାଁର ଶିବ ପ୍ରସାଦ ନାୟକଙ୍କୁ ବିବାହ କରଥିଲେ। ଦମ୍ପତିଙ୍କ ୨ଟି ପୁଅ ଅଛନ୍ତି। ତେବେ ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ନେଇ କିଛି ମାସ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଭଦ୍ରଲୋକଙ୍କ ଦ୍ୱାରା ବିଭିନ୍ନ ସମୟରେ ଏହାର ଆପୋସ ସମାଧାନ ହୋଇଥିବା ଗାଁଲୋକ, ପଡୋଶୀ କହୁଛନ୍ତି। ପରକୀୟା ପ୍ରୀତିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଚର୍ଚ୍ଚା ହେଉଛି। ତେବେ ଲୋକଙ୍କ ଚର୍ଚ୍ଚାକୁ ମିଛ ବୋଲି ଦର୍ଶାଇଛନ୍ତି ମୃତକଙ୍କ ଭାଇ ଚଗଲା ନାୟକ। ଚଗଲାଙ୍କ ଅଭିଯୋଗ ଅନୁଯାୟୀ, ଏକ ସୁନା ଚେନ ହଜିବାକୁ ନେଇ ଭଉଣୀଙ୍କୁ ଦୋଷୀ କରାଯାଇଥିଲା। ଭିଣୋଇ ଚେନ୍ ରଖି ମିଛଟାରେ ଭଉଣୀକୁ ଦୋଷ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ସକାଳେ ଭଉଣୀଙ୍କୁ ହତ୍ୟା କରି ଭିନ୍ନ ରୂପ ଦେଇ ଭିଣୋଇ ଖସି ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଭଉଣୀଙ୍କୁ ଶନିବାର ସକାଳେ ହାଣିବା ପରେ ସ୍ଥାନୀୟ ଲୋକେ ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ା କହିଛନ୍ତି, ଅମୂଳିଙ୍କୁ ତାଙ୍କ ସ୍ୱାମୀ କଟୁରିରେ ହାଣି ହତ୍ୟା କରିଛନ୍ତି। ସୁନାଚେନ୍ ହଜିବାକୁ ନେଇ ଭିଣୋଇ ଭଉଣୀଙ୍କୁ ହତ୍ୟା କରିଥିବା ଭାଇ ଅଭିଯୋଗ କରିଥିବାବେଳେ ଏହା ପଛରେ ପରକୀୟାପ୍ରୀତି ରହିଥିବା ଆଲୋଚନା ହେଉଛି। ହତ୍ୟାର କାରଣ ଜଣାପଡିନି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି।

**LARAMBHA COLLEGE, LARAMBHA**
**BRAJA VIHAR (ESTD.1964)**
P.O. : LARAMBHA, DIST : BARGARH, ODISHA-768102
(E-mail : larambhacollege.larambha@gmail.com)
Web : www.larambhacollege.ac.in
Contact No. : 8917267993, 9938129996

**QUOTATION CALL NOTICE**

Sealed quotations are invited from the authorized suppliers/ dealers/registered firms having valid GSIN for the supply of following IT equipment's.

The sealed quotation must reach the undersigned on or before 28.06.2025

Items for IT Infrastructure

1. i5 13th Generation Desktop (12 Nos.)
2. UPS (12 Nos.)
3. MFM Printer (2 Nos.)
4. LED TV 65 inch (1 No.)
5. Wireless mic & Camera (Logitech Master Series 4k ultra HD) for Virtual Meeting (1 No.)

For details specification of the above items visit our college website **larambhacollege.ac.in**

Sd./- Principal
Larambha College, Larambha

# ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା, ଅଭିଯୁକ୍ତ ଥାନାରେ ଅଟକ

ସେମିଳିଗୁଡ଼ା/ସୁନାବେଡ଼ା,୨୧।୬ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଥାନା ଅଧୀନ ପେଟକଣା ବ୍ରିଜ୍ ନିକଟରେ ଜଣେ ଯୁବକ ସାଙ୍ଗଙ୍କୁ ଗୁରୁବାର ରାତିରେ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତକ ହେଲେ ଲୁଙ୍ଗୁରି ଅଞ୍ଚଳର ଦେବେନ୍ଦ୍ର କୁନ୍ଦ୍ରିଆ(୩୨)।

ସୂଚନା ଅନୁଯାୟୀ, ଦେବେନ୍ଦ୍ର ରାତିରେ ଯାଉଥିବା ବେଳେ ତାଙ୍କ ସାଙ୍ଗ ମାନିଆ ଏମ୍ ଦଳେଇଗୁଡ଼ା ଅଞ୍ଚଳର କୁନୁ ଗଲୋରି ଏକ ବାଇକ୍‌ରେ ଆସି ଛୁରିରେ ଆକ୍ରମଣକରି ଫେରାର ହୋଇଯାଇଥିଲେ। ଏ ନେଇ ଦେବେନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ଦଇତାରି ଧାଡି ସେମିଳିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏ ନେଇ କେସ୍ ନଂ. ୭୬/୨୫ ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।

**OFFICE OF THE DISTRICT JUDGE, NABARANGPUR**
Dated : Nabarangpur, this the 21st day of June, 2025
**ADVERTISEMENT**

Applications in the prescribed format given below are invited from the intending candidates for filling up of the following Group - "C" posts in the Judgeship of Nabarangpur under Odisha District and Civil Courts Judicial Staff Services (Method of Recruitment and conditions of Service) Rules 2008 and amendments made thereto and subject to result of W.P. (C) No.1273/2014 of the Hon'ble High Court of Orissa.

| Sl. No. | Name of the Post | Group | Level as per Pay Matrix under ORSP Rules, 2017 | Category | | | | Total |
|---|---|---|---|---|---|---|---|---|
| | | | | Unreserved | S.T. | S.C. | SEBC | |
| 1 | Stenographer Grade-III | C | Level-7 (Rs.25500-81100) | 1 | 1 (W-1) | - | - | 2 (W-1) |
| 2 | Jr. Clerk-cum-Copyist | C | Level-4 (Rs.19900-63200) | 2 (W-1) | 6 (W-3) | 3 (W-2) | - | 11 (W-6) |
| 3 | Jr.Typist | C | Level-4 (Rs.19900-63200) | - | 1 (W-1) | - | - | 1 (W-1) |

**The reservation of Women/Physically Handicapped/Ex-Serviceman/Sports Persons as per rule**. The number of posts in each cadre may increase or decrease in future. For details please visit our official website i.e. https://nabarangpur.dcourts.gov.in/. The candidates who are interested in applying for the above posts are asked to submit the application by **23.07.2025**.

Sd./- 21.06.2025
District Judge-cum-Chairman,
District Recruitment Committee, Nabarangpur

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :

1. **TPWODL/TP/O/SU/2500000992 : RC for supply of Earthing Coil & Earthing Device.**
2. **TPWODL/HS/O/SU/2500000993 : RC for Supply of Safety Shoes at TPWODL, Odisha.**
3. **TPWODL/PJ/O/SU/2500000994 : RC for Supply of Various Sizes of GI Wire.**
4. **TPWODL/PJ/O/SU/2500000995 : RC for Supply of 11KV DO Fuse with DD Link**

Interested bidders are to submit Tender Participation Fee and Authorization Letter through email on or before **2nd July 2025, 15:00 Hrs,** (for Srl. No.1) & **30th June 2025, 18:00 Hrs,** (for Srl. No. 2 to 4) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondences regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

# ଘର ସାମ୍ନାରେ ବ୍ୟବସାୟୀଙ୍କୁ ଗୁଳିମାଡ଼

## ଲୁଟିନେଲେ ଟଙ୍କା ବ୍ୟାଗ୍


ଗୁଳିମାଡ଼ରେ ଆହତ ବ୍ୟବସାୟୀ।

ଭଦ୍ରକ,୨୧।୬(ସନାତନ ରାଉତ)

ଭଦ୍ରକ ସହର ଚରମ୍ପାରେ ଶନିବାର ସନ୍ଧ୍ୟାରେ ସର୍ବସମ୍ମୁଖରେ ଘର ସାମ୍ନାରେ ଜଣେ ଗୋଖାଦ୍ୟ ବ୍ୟବସାୟୀଙ୍କୁ ଗୁଳିମାଡ଼ କରାଯାଇଛି। ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ବ୍ୟବସାୟୀଙ୍କୁ ଗୁଳି କରି ଟଙ୍କା ବ୍ୟାଗ୍ ନେଇ ଫେରାର ହୋଇଯାଇଛନ୍ତି। ଗୁଳିର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଭଦ୍ରକ ଟାଉନ ଥାନା ଅଧୀନସରଗଡ଼ିଆ ଗ୍ରାମର ବିଦ୍ୟାଧର ପାତ୍ର(୬୦)। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି।

ବିଦ୍ୟାଧର ଚରମ୍ପା ରାମମନ୍ଦିର ନିକଟସ୍ଥ ବେଲମଳା ଛକରେ ରହୁଥିବା ବେଳେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ଟଙ୍କା ବ୍ୟାଗ୍ ଧରି ଚରମ୍ପା ବଜାରସ୍ଥିତ ଗୋଦାମରୁ ଘରକୁ ଆସିଥିଲେ। ଘର ନିକଟରେ ପହଞ୍ଚିବା ପରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ତାଙ୍କୁ ଗୁଳି କରି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟିନେଇ ବାଲେଶ୍ୱର ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ଖବର ପାଇ ଏସ୍‌ପି ମନୋଜ ରାଉତ ଦୁର୍ବୃତ୍ତଙ୍କୁ ପିଛା କରିବା ସହ ସହରର ପ୍ରବେଶ ପଥରେ ନାକାବନ୍ଦୀ କରି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତର ଅବସ୍ଥାରେ ବିଦ୍ୟାଧରଙ୍କୁ ପରିବାର ଲୋକେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଡାକ୍ତରଖାନାରେ ପହଞ୍ଚି ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତଦନ୍ତ କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ବିଦ୍ୟାଧରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଉକ୍ତ ବ୍ୟାଗ୍‌ରେ କେତେ ଟଙ୍କା ଥିଲା ଜଣାପଡ଼ି ନାହିଁ। ତେବେ ଚରମ୍ପା ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

**SUIIT**
Sambalpur University Institute of Information Technology
(A Constituent Autonomous Unit of Sambalpur University)
Accredited by NAAC with 'A' Grade, Approved by AICTE
Estd. 2010
Advt. No: 914 / SUIIT Dt: 21 / 06 / 2025

**ADMISSION OPENS FOR 2025-26**

**Programmes Offered:**

- B. Tech (Regular):
  - ✓ Computer Sc. & Engineering (CSE)
  - ✓ Computer Sc. & Engineering with specialization in AI&ML
  - ✓ Computer Sc. & Engg. with specialization in Information & Cyber Security
  - ✓ Electronics & Communication Engineering (ECE)
  - ✓ Electrical & Electronics Engineering (EEE)
- B. Tech (Lateral Entry): CSE (all streams), ECE and EEE
- Master of Computer Application (MCA)
- M. Tech Computer Science & Engineering (CSE)

✓ All B. Tech admissions are done exclusively through OJEE Councelling-2025
✓ Application forms for all PG programs are now available in the institute website.

LAST DATE FOR SUBMISSION OF APPLICATION FORM IS 10th July, 2025.
FOR DETAILS OF ADMISSION PROCESS AND INFORMATION BROCHURE
VISIT: www.suiit.ac.in and Email- admin.office@suiit.ac.in

CONTACT NUMBERS: 9938983624 / 9438074077 / 9437284982

Sd./-
Director, SUIIT

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, राँची**

**ई-प्रोक्योरमेंट सूचना**

टेन्डर रेफरेंस नं0–प0नि0वि0/राँची–06/2025–26 दिनांक :– 21.06.2025

| | | |
|---|---|---|
| 1. | कार्य का नाम | बरियातु पथ से जिमखाना क्लब तक भाया मेडिका हॉस्पिटल (कुल लम्बाई–1. 00 कि0मी0) पथ के IRQP/ मजबूतीकरण कार्य वर्ष 2025–26. |
| 2. | प्राक्कलि राशि (रू0 लाख में) | रू0 142.55478 लाख (रूपये एक करोड़ बयालीस लाख पचपन हजार चार सौ अठहत्तर) मात्र। |
| 3. | अग्रधन की राशि (रू0 लाख में) | रू0 2.86 लाख (रूपये दो लाख छयासी हजार) मात्र। |
| 4. | कार्य पूर्ण करने की अवधि | 03 (तीन) महीना |
| 5. | वेबसाईड पर निविदा प्रकाशन की तिथि | 23.06.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/ समय | 14.07.2025 12.00 बजे दोपहर तक |
| 7. | निविदा खोलने तिथि/ समय | 15.07.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए UCAN निबंधन आवश्यक है।
- नियम एवं शर्तें के लिए वेबसाईट http://jharkhandtenders.gov.in पर देखें।

PR 355682 Road Construction Dept Road Division Ranchi (25-26)_D
कार्यपालक अभियंता
पथ निर्माण विभाग, पथ प्रमंडल, राँची

## ବ୍ରିଜ ତଳକୁ ପିକଅପ ଭ୍ୟାନ ଓଲଟି ୩ ଆହତ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ବ୍ରିଜ ନିକଟରେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସିଯିବା ଫଳରେ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏମଭିଆଇଏଲ କମ୍ପାନୀର ଏକ ବୋଲେରୋ ପିକଅପ ଗାଡି (ନଂ ଓଡ଼ି ୩୩ଏଜେ ୮୪୩୬) କମ୍ପାନୀର ମେସିନ ଯନ୍ତ୍ରପାତି ରିସିଭ କରିବା ପାଇଁ ଭଞ୍ଜନଗର ଯିବାବେଳେ ନୂଆଗାଁ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲା। ଫଳରେ ପିକଅପ ଗାଡ଼ିରେ ଥିବା ଝାଡ଼ଖଣ୍ଡର ଡ୍ରାଇଭର ନିଖିଲ କୁମାର ସିଂ(୨୮) ସହିତ ଉକ୍ତ କମ୍ପାନୀରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ଗୁରୁପ୍ରସାଦ ବିଶ୍ୱାଳ( ୩୦) ଓ ଯୁଗଳ କିଶୋର ନାୟକ (୨୯) ତିନି ଜଣ ସାମାନ୍ୟ ଆହତ ହୋଇଛନ୍ତି ।

**ସଂକ୍ଷେପରେ**

### ପ୍ରାଣୀମିତ୍ରଙ୍କ କ୍ଷେତ୍ର ପରିଦର୍ଶନ

ଭଞ୍ଜନଗର,୨୧।୬(ବାବୁଲା ପ୍ରଧାନ)– ଗଞ୍ଜାମ ଜିଲା ଭଞ୍ଜନଗର ପ୍ରାଣୀ ସମ୍ପଦ ବିକାଶ ବିଭାଗର କର୍ମଚାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ଗତ ୧୦ ତାରିଖରୁ ପ୍ରାଣୀମିତ୍ର ତାଲିମ ଶିବିର ଚାଲିଛି। ଲହି ଶିବିର ୧୭ ଦିନ ଧରି ଚାଲିବ। ଏଥିରେ ଚିକିଟି, ବେଗୁନିଆପଡ଼ା, ଛତ୍ରପୁର ବ୍ଲକର ମହିଳା ପ୍ରାଣୀ ମିତ୍ରମାନେ ଯୋଗଦେଇ ତାଲିମ ନେଉଛନ୍ତି। ଆସନ୍ତା ୨୬ରେ ଶିବିର ଉଦ୍‌ଯାପିତ ହେବ। ଏହି ଅବସରରେ ପ୍ରାଣୀମିତ୍ରମାନେ ସାଦେରା, ଆସିକା ସହ ବିଭିନ୍ନ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରି ଜ୍ଞାନ ଆହରଣ କରିଥିଲେ। ତାଲିମ ସମୟରେ ସେମାନଙ୍କୁ ପ୍ରାଣୀପାଳନରେ ସମ୍ପ୍ରସାରଣ ଶିକ୍ଷା, ଗୃହପାଳିତ ପ୍ରାଣୀଙ୍କ ଆଶୁ ଚିକିତ୍ସା , ଟୀକାକରଣ, ଗୋ ମଇଁସାଦିର ଯତ୍ନ, ଖାଦ୍ୟ ପରିଚାଳନା, ସବୁଜ ଘାସ ପରିଚାଳନା, କ୍ଷୀର ମାପିବା, ସଂକ୍ରାମକ ରୋଗ ନିୟନ୍ତ୍ରଣ, ମହୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଉଛି।

### ୫ ୱାରେଣ୍ଟିଙ୍କ ଘର ସମ୍ମୁଖରେ ଲାଗିଲା ନୋଟିସ
#### ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ନ ହେଲେ ସମ୍ପତ୍ତି ବାଜ୍ୟାପ୍ତ

ଭଞ୍ଜନଗର/ଛତ୍ରପୁର,୨୧।୬
(ବାବୁଲା ପ୍ରଧାନ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜଲା ସାନଖେମୁଣ୍ଡି ଜେଏମ୍‌ଏଫ୍‌ସି କୋର୍ଟ ସମେତ ବିଭିନ୍ନ କୋର୍ଟ ପକ୍ଷରୁ ଭଞ୍ଜନଗର ଥାନା ଅଞ୍ଚଳର ୫ ଜଣ ୱାରେଣ୍ଟିଙ୍କ ଘର ସମ୍ମୁଖରେ ଭଞ୍ଜନଗର ପୋଲିସ ଶନିବାର କୋର୍ଟରେ ହାଜର ପାଇ ନୋଟିସମାରିଛି । ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ କୋର୍ଟ ପକ୍ଷରୁ ପୂର୍ବରୁ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ସେମାନେ କୋର୍ଟ କିମ୍ବା ଥାନାରେ ହାଜର ହେଉନାହାନ୍ତି। ଫଳରେ ସେମାନଙ୍କ ନାମରେ ବର୍ଷ ବର୍ଷ ଧରି ୱାରେଣ୍ଟ ଗଡୁଛି। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟରେ ହାଜର କରିପାରୁନାହିଁ । ଶେଷରେ କୋର୍ଟ ଅଭିଯୁକ୍ତମାନଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତମାନେ ଆଜିଠୁ ୩୦ ଦିନ ମଧ୍ୟରେ କୋର୍ଟରେ କିମ୍ବା ଥାନାରେ ହାଜର ହେବେ। ହାଜର ନହେଲେ ସେମାନଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସବୁ ବାଜ୍ୟାପ୍ତ କରାଯିବ। ଏହାକୁ ଗୁରୁତ୍ୱ ଦେଇ ପୋଲିସ ଭଞ୍ଜନଗର ସହର ବଡ ଧୋବାସାହି, ରଥସାହି, ରେଡକ୍ରସ ରୋଡ, ନୂଆଁ ଗୁଜରାଲି, ସାର୍ଦ୍ଦୁଳ ଗ୍ରାମର ୫ ଜଣଙ୍କ ଘର ସମ୍ମୁଖରେ ନୋଟିସ ମାରିଛି। ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା ମଧ୍ୟ ପୋଲିସ କରିଛି। ଏନେଇ ଭଞ୍ଜନଗର ଥାନା ଅଧିକାରୀଙ୍କ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

### ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଲା ଟ୍ରକ, ୫ ଆହତ

ଖଲ୍ଲିକୋଟ,୨୧।୬
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାନ ଘାଟିରେ ଏକ ଯାତ୍ରୀବାହୀ ବସ ପଛକୁ ଏକ ଟ୍ରକ ଧକ୍କା ଦେଇଥିବା ବେଳେ ବସରେ ଥିବା ୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ତେବେ ଆହତଙ୍କ ମଧ୍ୟରେ ଜଣେ ଗୁରୁତର ଥିବା ସୂଚନା ମିଳିଛି। ସମସ୍ତଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ ଶନିବାର କଟକ ନରସିଂହପୁରରୁ ବ୍ରହ୍ମପୁର ଅଭିମୁଖେ ଚୌଧୁରୀ ନାମକ ଏକ ଘରୋଇ ବସ ଆସୁଥିବା ସମୟରେ ହଠାତ ଖଲ୍ଲିକୋଟ ଥାନା ସାନ ଘାଟିରେ ଏକ ଟ୍ରକ ବସ ପଛକୁ ଶକ୍ତ ଧକ୍କା ଦେଇଥିଲା। ଯାହା ଫଳରେ ବସ ଭିତରେ ଥିବା ୫ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଆହତଙ୍କ ମଧ୍ୟରେ ଜଣେ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଯାତ୍ରୀ ଜଣଙ୍କ କଟକ ନରସିଂହପୁର ଅଞ୍ଚଳର ସରୋଜ ବେହେରା ବୋଲି ଜଣାପଡ଼ିଛି। ତେବେ ସରୋଜଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖଲ୍ଲିକୋଟ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଟ୍ରକ ଓ ବସକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

#### କୂଳ ଲଙ୍ଘୁଛି ସମୁଦ୍ର, ଭୟ, ଆଶଙ୍କାରେ ଆର୍ଯ୍ୟପଲ୍ଲୀ ମତ୍ସ୍ୟଜୀବୀ
# ୨୪ରେ ବନ୍ଦର ଫାଟକ ସମ୍ମୁଖରେ ୫ହଜାର ମତ୍ସ୍ୟଜୀବୀ ଦେବେ ଧାରଣା

ଛତ୍ରପୁର,୨୧।୬(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ, ଜିଲା ପ୍ରଶାସନର ନୀରବତା ମତ୍ସ୍ୟଜୀବୀଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ କରୁଛି। ଆସନ୍ତା ୨୪ ତାରିଖରେ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ୨୭ଖଣ୍ଡ ସାମୁଦ୍ରିକ ଗାଁର ୫ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଆନ୍ଦୋଳନ କରିବେ। ଦିନକୁ ଦିନ ସମୁଦ୍ର କୂଳ ଲଘି ଚାଲିଥିବାରୁ ଆର୍ଯ୍ୟପଲ୍ଲୀରେ ବସବାସ କରୁଥିବା ମତ୍ସ୍ୟଜୀବୀ ଭୟ ଓ ଆଶଙ୍କାରେ ଦିନ କାଟୁଛନ୍ତି। ସେମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେଉଛି। ଏପରି ସ୍ଥଳେ ସେମାନଙ୍କ ସମସ୍ୟା ନେଇ ଜିଲା ପ୍ରଶାସନ, ରାଜ୍ୟ ସରକାର କିମ୍ବା ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି।


ବୈଠକରେ ମତ୍ସ୍ୟଜୀବୀମାନେ ଆଲୋଚନା କରୁଛନ୍ତି।

ସେମାନଙ୍କ ସମସ୍ୟା ମତ୍ସ୍ୟଜୀବୀମାନେ ବାରମ୍ବାର ବନ୍ଦର କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ଜଣାଉଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି। ମାତ୍ର ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ପୂର୍ବରୁ ୨ କି.ମି. ଦୂରରେ ଥିବା ସମୁଦ୍ର ଏବେ ଗାଁଠାରୁ ମାତ୍ର ୨୦ ମିଟର ଦୂରରେ ରହିଛି। ଗୋପାଳପୁର ବନ୍ଦର ଦାୟିତ୍ୱରେ ଥିବା ଆଦାନୀ ଗ୍ରୁପ, ଜିଲା ପ୍ରଶାସନ ସମସ୍ତେ ହାତ ବାନ୍ଧି ବସିଛନ୍ତି। ଅନେକ ଥର ହୋଇଥିବା ଜିଲାସ୍ତରୀୟ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ହେଉନାହିଁ। ପ୍ରଶାସନିକ ଅଧିକାରୀମାନେ ମଝିରେ ମଝିରେ କେବଳ ଗାଁକୁ ଆସି ବୁଲି ପଳାଉଛନ୍ତି।

ଏହାର ପ୍ରତିବାଦରେ ଆସନ୍ତା ୨୪ ତାରିଖରେ ୫ ଦାବି ନେଇ ମତ୍ସ୍ୟଜୀବୀମାନେ ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବେ। ପରବର୍ତ୍ତୀ ସମୟରେ ରାସ୍ତାବନ୍ଦ କରି ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଶନିବାର ୨୭ ଖଣ୍ଡ ଗାଁର ଗ୍ରାମ୍ୟ କମିଟି ସଭାପତି ଓ ସମ୍ପାଦକଙ୍କୁ ନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ସାନଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ଲେଙ୍କା ଏରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମୁଦ୍ରକୁ ଯାତାୟାତରେ ଅସୁବିଧା ହେଉଥିବାରୁ ବନ୍ଦର କର୍ତ୍ତୃପକ୍ଷ ୨୭ ଖଣ୍ଡ ଗାଁର ମତ୍ସ୍ୟଜୀବୀଙ୍କ ପାଇଁ ମୁହାଣକୁ ସବୁ ଦିନ ଖୋଲା ରଖିବା, ଅଶାନ୍ତ ସମୁଦ୍ର ଢେଉ କୂଳ ନ ଲଘିବା ପାଇଁ ସମୁଦ୍ର ବେଳାଭୂମିରେ ପଥର ପାଚେରି ନିର୍ମାଣ କରିବା, ନଷ୍ଟ ହୋଇ ପଡିରହିଥିବା ବନ୍ଦରର ଫିସେରି ଜେଟିର ପୁନରୁଦ୍ଧାର କରିବା, ମତ୍ସ୍ୟଜୀବୀଙ୍କ ସକାଶେ ସମୁଦ୍ର କୂଳ ନିକଟରେ ଆଶ୍ରୟସ୍ଥଳୀ ସ୍ଥାପନା, ଫିଶେରି ଜେଟିଠାରୁ ସାନ ଆର୍ଯ୍ୟପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ଲାଇଟ ବ୍ୟବସ୍ଥା, ୨୦୧୬ରେ ଫିଶେରି ଜେଟି ନିର୍ମାଣ ପାଇଁ ସରକାରଙ୍କ ଘୋଷଣା ମୁତାବକ ଜିଲା ପ୍ରଶାସନ ଦ୍ୱାରା ଚିହ୍ନଟ ଓ କେନ୍ଦ୍ରୀୟ ଟିମ୍ ଦ୍ୱାରା ପରୀକ୍ଷା ହୋଇଥିବା ସ୍ଥାନରେ ନୂତନ ଫିଶେରି ଜେଟି ନିର୍ମାଣ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

ବୈଠକରେ ସାନଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସାଧାରଣ ସମ୍ପାଦକ ଏମ. ଦିଲୀପ, ମତ୍ସ୍ୟଜୀବୀ ନେତା ଏନ. ଦୀନବନ୍ଧୁ, କେ. ଦାଶରଥି, ଭୀମସେନ, ପି. ରାମବାବୁ, ବଡ଼ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିରେ ଏନ. ଶ୍ୟାମ, ଗୋପାଳପୁର ଗ୍ରାମ୍ୟ କମିଟିରେ ଏନ. ନାଲୁଜ୍ଜୁ, ହରିପୁର ଗ୍ରାମ୍ୟ କମିଟିରେ କ୍ରିଷ୍ଣା, ରାମେୟାପାଟଣା ଗ୍ରାମ୍ୟ କମିଟିରେ ଏସ. ଆପ୍ପାରାଓ, ନୋଳିଆ ନୂଆଗାଁ କମିଟିରେ ପି. ତାତାଲୁ, ଗୋଖରୁକୁଦା ଗ୍ରାମ୍ୟ କମିଟିରେ ଡବ୍ଲ୍ୟୁ. ସୀମାଦ୍ରି, ପୋଟମପେଟା ଗ୍ରାମ୍ୟ କମିଟିରେ ସିଆର ଚିକିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଓଭର ବ୍ରିଜ ନିର୍ମାଣ ଦାବିରେ ରାସ୍ତାରୋକୋ

ଛତ୍ରପୁର,୨୧।୬ (ଦିଲିପ ସାମଲ/ସନ୍ତୋଷ ପାଢୀ)

**■ଟ୍ରକ ଧକ୍କାରେ ମହିଳା ମୃତ**

ଚମାଖଣ୍ଡି ଥାନା ଅଧୀନ ପୁକୁଡିବନ୍ଧ ଛକ ନିକଟ ଜାତୀୟ ରଜପଥରେ ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଫୁଲଟା ଗ୍ରାମର ପୁଷ୍ପାଞ୍ଜଳି ଶାସମାଲ। ପୁଷ୍ପାଞ୍ଜଳି ସ୍ୱାମୀ ସାହେବ ଶାସମାଲଙ୍କ ସ୍କୁଟି(ଓଡି ୦୭ ଏଏସ- ୪୬୪୪ ଯୋଗେ ଭାଟକୁମରଡ଼ା ଗ୍ରାମରୁ ନିଜ ଗ୍ରାମ ଅଭିମୁଖେ ଯାଉଥିଲ। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଟ୍ରକ (ଓଡି ୦୫ କ୍ୟୁ–୬୩୧୨) ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା, ପୁକୁଡିବନ୍ଧ ଛକରେ ଟ୍ରାଫିକ ବ୍ୟବସ୍ଥା, ତୁରନ୍ତ ଓଭର ବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ବାସିନ୍ଦା ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ଏସ୍‌ଡ଼ିପିଓ ଚନ୍ଦନ ଘଡ଼ାଇ, ଚମାଖଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଏହି ପକୁଡିବନ୍ଧ ଛକ ନିକଟରେ ପ୍ରତ୍ୟେହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହାକୁ ଗୁରୁତ୍ୱ ଦେଇ ଉକ୍ତ ସ୍ଥାନରେ ଏକ ଓଭର ବ୍ରିଜ ନିର୍ମାଣ କରିବା ଜରୁରୀ ହୋଇପଡିଛି।

## ଟାୱାର ସ୍ଥାପନ ପରେ ବି ମିଳୁନି ସେବା


ପ୍ରତିଷ୍ଠା ହୋଇଥିବା ଟାୱାର।

ଦାରିଙ୍ଗବାଡ଼ି,୨୧।୬ (ଅରୁଣ ସାହୁ)

ଗାଁରେ ମୋବାଇଲ ଟାୱାର ବସିଲା ପରେ ଲୋକମାନ ସବୁ ସୁବିଧା ପାଇପାରିବେ। ଏମିତି କି ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ପାଠ ପଢ଼ିପାରିବେ। ଆଉ କ୍ଷୁଦ୍ର ବ୍ୟାଙ୍କ ସେବା ମିଳିପାରିବ। କୃଷକମାନେ ସ୍ମାର୍ଟ ଫୋନରେ ବିଭିନ୍ନ କୃଷି ସମ୍ବନ୍ଧୀୟ ତଥ୍ୟ ପାଇବେ ଏବଂ ମେଡିକାଲ କ୍ଷେତ୍ରରେ ବି ସୁଧାର ଆସିପାରିବ। ଏମିତି କେତେ କ'ଣ ଆଶା କରିଥିବା ଗ୍ରାମବାସୀଙ୍କୁ ନିରାଶ ହେବାକୁ ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଶ୍ରାନିକେତା ପଞ୍ଚାୟତ ଇର୍ପିସରୁ ଓ ଡିପୁମାହା ଗ୍ରାମବାସୀଙ୍କ କ୍ଷେତ୍ରରେ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଟାୱାର ସ୍ଥାପନ କରାଯିବା ସହ ଯନ୍ତ୍ରପାତି ଖଞ୍ଜା ଗଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ନ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯଦି ଆଗାମୀ ଦିନରେ ଏହା ସମାଧାନ କରା ନ ଯାଏ ତେବେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ବର୍ଷା ହେଲେ ୪ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ


ଗାଁକୁ ରାସ୍ତା ପାଇଁ ବ୍ରିଜ୍‌ରେ ଅଧାକାମ ହୋଇ ପଡିଛି।

ଖଜୁରିପଡ଼ା ୨୧।୬( ବିଦୁର ବେହେରା)

ଖଜୁରିପଡା ବ୍ଲକ୍ ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତର ୪ ଗାଁକୁ ବର୍ଷା ହେଲେ ଯିବା ଆସିବା ପାଇଁ ଅନେକ ସମସ୍ୟା ଭୋଗିବାକୁ ହୁଏ। ୨୦୦୮ରେ ଡୁଗୁଡ଼ାଠାରେ ଥିବା ପୋଲ ଭାଙ୍ଗିଯିବା ପରେ ବର୍ଷାଦିନେ କିଲୁ, ଡୁଗୁଡ଼ା, ଖଲି ସାହି, ମହାପାତ୍ର ବସାକୁ ଯାତାୟାତରେ ଅନେକ ସମସ୍ୟା ଦେଖାଦେଉଛି। ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି ୪ ଗାଁ। କାହାର ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ରାସ୍ତା ସମସ୍ୟା ଯୋଗୁ ଏଠିକାର ବାସିନ୍ଦାମାନେ ଏକ ପ୍ରକାର ବନବାସୀ ଜୀବନ କାଟୁଛନ୍ତି। ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସରପଞ୍ଚ ରବୀନ୍ଦ୍ର ଭୁକ୍ତା ଅନେକ ଥର ବିଡିଓ, ଜିଲାପାଳଙ୍କୁ ଜଣାଇଛନ୍ତି। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ ଏ ପର୍ଯ୍ୟନ୍ତ ଭଙ୍ଗା ପୋଲ ନିର୍ମାଣ ହୋଇପାରୁନାହିଁ। ଏନେଇ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ, ତାହା ପଞ୍ଚାୟତ ପାଣ୍ଠିରୁ କରିବା ସମ୍ଭବ ହେଉ ନାହିଁ। ତେଣୁ ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନଙ୍କୁ ଜଣାଯାଇଛି। ପ୍ରକଳ୍ପ ଆସିଲେ ନିର୍ମାଣ କରାଯିବ।

### ଭଞ୍ଜନଗର ଏନଏସିକୁ ସବୁଜ ବନାନୀ କରିବା ଲକ୍ଷ୍ୟରେ ଚାରାରୋପଣ

ଭଞ୍ଜନଗର,୨୧।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଏନଏସିକୁ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ସବୁଜ ବନାନୀ କରିବା ଲକ୍ଷ୍ୟ ରଖିଛନ୍ତି। ଫଳରେ ସହରର ଖାଲି ପଡ଼ିଥିବା ବିଭିନ୍ନ ଜମିରେ ଚାରାରୋପଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପାତ୍ରକଲୋନୀରେ ଚାରା ରୋପଣ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ନଗର ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅବିନାଶ ମାହାର, କନିଷ୍ଠ ଯନ୍ତ୍ରୀ ଦିଲୀପ ମିଶ୍ର,ବିଡିଓ ଭାରତୀ ଦେବୀ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଭାଜପା ନେତା ଶିବ ଶଙ୍କର ମହାପାତ୍ର, କାଉନସିଲର ବଳରାମ ପ୍ରଧାନ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।

## ଖେମୁଣ୍ଡି ହଳଦିଆ ତୈଳିକ ବୈଶ୍ୟ ସମାଜର ବୈଠକ

ଚିକିଟି,୨୧।୬(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁର ଗ୍ରାମସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଶନିବାର କେନ୍ଦ୍ରୀୟ ପରିଷଦ ଆନୁକୂଲ୍ୟରେ ଦ୍ୱି-ଦିବସୀୟ ବୈଠକ ଅନୁଷ୍ଠିତ ହୋଇଛି। ମୋହନା ଗ୍ରାମ୍ୟ ପରିଷଦର ସଭାପତି ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ପରିଷଦର ସଭାପତି ଦଣ୍ଡାସି ସାହୁ ଯୋଗଦେଇ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ପରିଷଦର ଉପଦେଷ୍ଟା ଶରତ ସାହୁ ଓ ଯୋଗୀ ସାହୁ, କେନ୍ଦ୍ରୀୟ ପରିଷଦର ଉପସଭାପତି ପ୍ରଶାନ୍ତ ସାହୁ, ସାଧାରଣ ସମ୍ପାଦକ ଲକ୍ଷ୍ମଣ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଉପବିଧି ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବୈଠକରେ ଦକ୍ଷିଣ ଓଡିଶାର ୩୧ଟି ଗ୍ରାମ୍ୟ ପରିଷଦ ଓ ୬ଟି ଆଞ୍ଚଳିକ ପରିଷଦର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ସଭ୍ୟମାନଙ୍କର ନିଲମ୍ବନ କାର୍ଯ୍ୟକାରୀ ନ କରିବା ଉପରେ ଆଲୋଚନା ସହିତ ସମସ୍ତ ଗ୍ରାମ୍ୟ ଓ ଆଞ୍ଚଳିକ ପରିଷଦଗୁଡ଼ିକରେ ଥିବା ସମସ୍ୟା ଉପରେ ଆଲୋଚନା କରିବା ସହିତ ୬୦ଟି ପାରିବାରିକ ସମସ୍ୟା ସମାଧାନ କରାଯାଇଥିଲା। ବୈଠକରେ ପାଟପୁର ପରିଷଦର ସାଧାରଣ ସମ୍ପାଦକ ଲକ୍ଷ୍ମଣ ସାହୁ ବିବରଣୀ ପାଠ କରିଥିବା ବେଳେ ଚାନ୍ଦପୁର ଗ୍ରାମ୍ୟ ପରିଷଦର ସଭାପତି ରବୀନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଚିକିଟିପେଣ୍ଠ ଓ ଗଣିଆନାଳ ଗ୍ରାମ୍ୟ ପରିଷଦର ଯୋଗୀ ସାହୁ ଓ ଶରତ କୁମାର ସାହୁ, ଦେଉଳିଆପଡା ଗ୍ରାମ୍ୟ ପରିଷଦର ଉପସଭାପତି ଅଭିମନ୍ୟୁ ସାହୁ, ନୂଆପଡା ଗ୍ରାମ୍ୟ ପରିଷଦର ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା

### ନୂତନ ବିଚାରପତି ଯୋଗଦାନ

ପୁରୁଷୋତ୍ତମପୁର,୨୧।୬
(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ନୂତନ ବିଚାରପତି ଭାବେ ଅନନ୍ୟା ଅପର୍ମିତା ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଟ୍ରାନ୍ସପୋର୍ଟ) ଅଦାଲତରେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ଭବାନୀପାଟଣା କୋର୍ଟକୁ ବଦଳି ହୋଇଛି। କାର୍ଯ୍ୟରେ ଯୋଗଦେବା ଅବସରରେ ତାଙ୍କୁ କୋର୍ଟ କର୍ମଚାରୀ ଏବଂ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ମରଣଯନ୍ତା ପାଲଟିଛି ଖାରିଗୁଡ଼ା-କାଟିଙ୍ଗିଆ ରାସ୍ତା


ଶୋଚନୀୟ ହୋଇପଡିଥିବା ରାସ୍ତା।

ଦାରିଙ୍ଗବାଡ଼ି,୨୧।୬ (ଅରୁଣ ସାହୁ)

ଦୁର୍ଗମ ଅଞ୍ଚଳରେ ଲୋକଙ୍କ ଯାତାୟାତ ସହ ଯୋଗାଯୋଗର ସୁବିଧା ହେଲେ ଅଞ୍ଚଳର ବିକାଶ ହୋଇପାରିବ। ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ମାଧ୍ୟମରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ପଞ୍ଚାୟତର ଝିଞ୍ଜିରୀଗୁଡାଠାରୁ କାଟିଙ୍ଗିଆ ଦେଇ ଜିଲାର ଶେଷ ସୀମାବର୍ତ୍ତି ଅଞ୍ଚଳ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରାଯାଉଛି। ହେଲେ ଉକ୍ତ ରାସ୍ତାର ଖାରିଗୁଡାଠାରୁ କାଟିଙ୍ଗିଆ ପ୍ରାୟ ୧୧ କିମି ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ସାଧାରଣ ଲୋକଙ୍କ ଲାଇଫଲାଇନ କୁହାଯାଉଥିବା ଉକ୍ତ ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ଆମ୍ବୁଲାନ୍ସ ହେଉ କିମ୍ବା ଅନ୍ୟ ଜରୁରିକାଳୀନ ସେବା ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ରାସ୍ତାରୁ ମେଟାଲ ବାହାରି ରହିଥିବା ବେଳେ ଏକାଧିକ ସ୍ଥାନରେ ବଡ଼ବଡ଼ ଖାଲଖମା ଯୋଗୁ ଦୁର୍ଘଟଣା ଘଟିବା ସହ ଗାଡ଼ି ଖରାପ ହୋଇଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ଉକ୍ତ ରାସ୍ତାକୁ ସମ୍ପ୍ରସାରଣ କରି ମରାମତି କରିବାକୁ ଦାବି ହୋଇଛି।

## ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ

ଆସିକା ୨୧।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ ଶୁକ୍ରବାର ଚିନିଶିଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଛି। ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଡ.ସୁଶାନ୍ତ ପଣ୍ଡା, ସମ୍ପାଦକ ସନ୍ତୋଷ ମଲିକ, ଉପ-ସଭାପତି ସ୍ନେହଲତା ଗଣ୍ଡ, ପରିଚାଳନା ପରିଷଦର ସଦସ୍ୟ ନିରଞ୍ଜନ ପ୍ରଧାନ, ସରିତ ପ୍ରଧାନ, ବସନ୍ତ ଦଳାଇ, ପୂର୍ଣ୍ଣଚନ୍ଦ୍ର ବରାଡ, ଗୀତା ପାତ୍ର, ଧରମ ପ୍ରଧାନ, ଏସ୍. ଅରାଲୁ ରେଡ୍ଡୀ, ଉଦୟନାଥ ପ୍ରଧାନ, ରତ୍ନାକର ସାହୁ, ସନ୍ତୋଷ ପ୍ରଧାନ, ଶତ୍ରୁଘନ ଭୂୟାଁଙ୍କ ସମେତ ଚିନିଶିଳ୍ପର ବିଭିନ୍ନ ବିଭାଗୀୟ ମୁଖ୍ୟ ସାମିଲ୍ ଥିଲେ। ବୈଠକରେ ୨୪-୨୫ ଆର୍ଥିକବର୍ଷର ଆୟ ବ୍ୟୟ, ଲାଭ କ୍ଷତି ଓ ଜମା ଖର୍ଚ୍ଚର ଆଲୋଚନା ଓ ଅନୁମୋଦନ କରାଯିବା ସହ ୨୦୨୫-୨୬ ବର୍ଷ ଲାଗି ବଜେଟ ଆକଳନ ମଧ୍ୟ ପଠନ କରାଯାଇ ଅନୁମୋଦନ କରାଗଲା। ଚିନିଶିଳ୍ପକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଧୁନିକୀକରଣ ଲାଗି ଦିଆଯାଇଥିବା ଅର୍ଥର ସୁପରିଚାଳନା, ଚିନିଶିଳ୍ପକୁ ଡିଜିଟାଇଜେସନ୍ କରିବା ନିମନ୍ତେ ଇଆର୍‌ପି ସଫ୍ଟୱେରର ଜରୁରୀ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିଭଳି ହେବାକୁ ଥିବା ବାର୍ଷିକ ସାଧାରଣ ସଭାର ସୁପରିଚାଳନା ଓ ଏଥିଲାଗି ତାରିଖ ଧାର୍ଯ୍ୟ, ଚିନିଶିଳ୍ପର ହିସାବ ପତ୍ରର ସମୀକ୍ଷା ନିମନ୍ତେ ଅନ୍ତରୀଣ ହିସାବ ସମୀକ୍ଷା କାର୍ଯ୍ୟ କରାଯିବା, ନୂତନ ଭାବେ ଯୋଗଦେଇଥିବା ସମ୍ପାଦକଙ୍କ କର୍ମାନ୍ତର ସେବା ପ୍ରେରଣ ଅବଧିକୁ ଅନୁମୋଦନ, ଆଖୁଚାଷୀ ସଂଘମାନଙ୍କ ସହ ଆଲୋଚନା ପୂର୍ବକ ଆଗାମୀ ବର୍ଷ ଲାଗି ଆଖୁର ଉଚିତ ମୂଲ୍ୟ ନିର୍ଦ୍ଧାରଣ, ଆଖୁଚାଷ ଲାଗି କୃଷି ଶ୍ରମିକଙ୍କ ଉତ୍କଟ ଅଭାବ ଓ ଏହାର ସମାଧାନ, ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଆଖୁଚାଷକୁ ରକ୍ଷାକରିବା, ବୋରୱେଲ୍ ଖନନ, କୃଷି ଋଣ ଭଳି ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା।

## ଘୁ.ନୂଆଗାଁ ରାସ୍ତା କରୁଛି ହନ୍ତସନ୍ତ

ବେଲଗୁଣ୍ଠା,୨୧।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବର୍ଷ ବର୍ଷ ଧରି ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତା ସାରା ଖାଲଖମାରେ ଭର୍ତ୍ତି। ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସ୍କୁଲ୍‌କୁ ଯିବା ଆସିବା ସମୟରେ ବିଭିନ୍ନ ସମସ୍ୟା ଛାତ୍ରୀଛାତ୍ର ଭୋଗୁଛନ୍ତି। ଏହିଭଳି ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଘୁ. ନୂଆଗାଁ ଦେଇ ଯାଇଥିବା ରାସ୍ତାରେ। ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଭଞ୍ଜନଗର-ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ସଂଯୋଗ କରେ। ଏହି ରାସ୍ତା ଉପରେ ଘୁ.ନୂଆଗାଁ ସହିତ ପାଖାପାଖି ୧୦ଟି ଗ୍ରାମର ଲୋକେ ଯା ଆସ କରନ୍ତି। ପ୍ରଶାସନ ନଜରକୁ ବାରମ୍ବାର ଆଣିଲେ ମଧ୍ୟ ନୂତନ ସଡ଼କ ନିର୍ମାଣ କରାଯାଉନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମସ୍ଥଳୀ ହୋଇଥିବା ସତ୍ତ୍ୱେ ତାଙ୍କ ଉତ୍ତରାଧିକାରୀଙ୍କ ୨୪ ବର୍ଷର ସରକାର ଏହି ଗ୍ରାମର କୌଣସି ଆଖି ଦୃଶିଆ ଉନ୍ନତି କରିନଥିବା ବେଳେ ବର୍ତ୍ତମାନ ମଧ୍ୟ ସେହିପରି କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ପ୍ରକାଶ ଥାଉକି ଜଳସେଚନ ବିଭାଗ ଦ୍ୱାରା ପ୍ରାୟ ତିନିବର୍ଷ ତଳେ ଲକ୍ଷ୍ମୀ ନାୟକ ନାମକ ଜଣେ ଠିକାଦାର ଏହି ରୋଡ କାମକୁ ଟେଣ୍ଡର ମାଧ୍ୟମରେ ନେଇ କାମ କରିଥିଲେ କିନ୍ତୁ କାମ ନିମ୍ନମାନର ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପ୍ରାୟ ୨/୩ମାସ କାମ ବନ୍ଦ ରହିବା ପରେ ପୁଣି ସେହି ସଂସ୍ଥା କାମ କରିଥିଲେ। ଯାହା ଅଞ୍ଚଳବାସୀଙ୍କ କ୍ଷୋଭର କାରଣ ପାଲଟିଛି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ଅତି ଖରାପ ହୋଇପଡିଥିବା ରାସ୍ତା।


ଡୁମୁଡ଼ିବନ୍ଧରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।



ଗୋପାଳପୁର ମଞ୍ଚରେ ଅତିଥିମାନେ ଯୋଗ କରୁଛନ୍ତି।


ଗଜପତି ଜିଲା ମୋହନାରେ ପିଲାଙ୍କୁ ଯୋଗ ଶି କ୍ଷା ଦିଆଯାଉଛି।


ଗଞ୍ଜାମରେ ଯୁବତୀ ଯୁବକମାନେ ଯୋଗ କରୁଛନ୍ତି।


ବାଲିଗୁଡ଼ାରେ ଯୋଗଦିବସରେ ଶପଥ ପାଠ କରୁଛନ୍ତି।


ଆସିକା ବ୍ଲକ୍ ଓ ଏନ୍ଏସିରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶପଥପାଠ କରାଯାଉଛି।


ଦରିଙ୍ଗବାଡ଼ିରେ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।


ପାରଳାଖେମୁଣ୍ଡିରେ ଉପସ୍ଥିତ ଅତିଥିମାନେ ଯୋଗ କରୁଛନ୍ତି।


ଶେରଗଡ଼ଠାରେ ଯୋଗାଭ୍ୟାସ କରାଯାଉଛି।


ମନ୍ତ୍ରୀ, ବିଧାୟକ ମାନେ ଯୋଗ କରୁଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ଧାରଣା

ଫୁଲବାଣୀ, ୨୧।୬ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ଧାରଣା ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ହେଲେ ସେମାନଙ୍କ ଦାବି ପ୍ରଶାସନ ଶୁଣୁନାହିଁ। ପ୍ରକଳ୍ପ ନିର୍ଦ୍ଦେଶକ ବି ସେମାନଙ୍କ ପାଖକୁ ଆସିନାହାନ୍ତି। ଶୁକ୍ରବାର ଏହି ୨୩ଜଣ ଛଟେଇ କର୍ମଚାରୀ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କୁ ଭେଟି ଛଟେଇ ବିଷୟରେ ଅବଗତ କରାଇଥିଲେ। ବିଧାୟକ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଫୋନ୍ ମାଧ୍ୟମରେ ଛଟେଇ କର୍ମଚାରୀଙ୍କ ଉପସ୍ଥିତିରେ କଥାବାର୍ତ୍ତା ହୋଇଥିଲେ। ତଥାପି ପ୍ରକଳ୍ପ ନିର୍ଦ୍ଦେଶକ ଶୁଣୁ ନାହାନ୍ତି। ୨୦୨୩-୨୪ ଓ ୨୦୨୪-୨୫ ବର୍ଷ


ଧାରଣାରେ ବସିଥିବା କମ୍ପ୍ୟୁଟର ପ୍ରୋଗ୍ରାମରମାନେ ।

ପାଇଁ ବିଭିନ୍ନ କାର୍ଯ୍ୟ ମଞ୍ଜୁର ହୋଇଥିଲେ ମଧ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତାଙ୍କୁ ଭ୍ରୂକ୍ଷେପ ନ କରି ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ବିନା ଚିଠିରେ କାଢି ଦେଇଛନ୍ତି। ରାଜ୍ୟର ଅନ୍ୟ କୌଣସି ଜିଲାରେ ପ୍ରକଳ୍ପ ନିର୍ଦ୍ଦେଶକ ସେମାନଙ୍କ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ବାହାର କରିନାହାନ୍ତି। ତୁରନ୍ତ ଏହି ଆଉଟସୋରସିଂ କର୍ମ ଚାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଜିଲା ସଂଘର ମୁଖ୍ୟ ବକ୍ତା ପଦ୍ମ ଚରଣ ମହାନ୍ତି, ସଭାପତି ସରୋଜ ନାୟକ ପ୍ରକାଶ କରିଛନ୍ତି। ରାଜ୍ୟ ସଂଘର ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଗଣମାଧ୍ୟମଙ୍କ ଆଗରେ ପ୍ରକାଶ କରିଛନ୍ତି ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡା, ୨୧।୬ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍‌ର ପୋଚାଲୁଣ୍ଡି ଗାଁ ଛକ ବୁଲାଣି ରାସ୍ତାରେ ଦୁର୍ଘଟଣା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ବଙ୍କିପଲ୍ଲୀ ଗ୍ରାମର କୃଷ୍ଣ ନାଇକ (୨୫)। କୋରାପୁଟରେ ଏକ ରୁଟି ଫ୍ୟାକ୍ଟ୍ରିରେ କାମ କରୁଥିବା କୃଷ୍ଣ ଶନିବାର ଭୋର ସମୟରେ ନିଜ ଗାଁରେ ପହଞ୍ଚିଥିଲେ। ତେବେ ପୂର୍ବାହ୍ନ ସାଢେ ୧୧ଟାରେ କୌଣସି କାମରେ ସେ ବାଇକ୍ (ନଂ. ଓଡି ୩୨ଏର୍ ୭୮୩୬)ରେ ବେଲଗୁଣ୍ଠା ବ୍ଲକର ଗୋଠଳି ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ବୁଗୁଡା ମେଡିକାଲକୁ ନିଆଯାଇଥିଲା। ସେଠାରେ କୃଷ୍ଣଙ୍କ ମୃତ୍ୟୁ ଘଟିଛି।

# ଗୃହରକ୍ଷୀ ପରୀକ୍ଷା ସ୍ଥଗିତ

ବ୍ରହ୍ମପୁର, ୨୧।୬ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ପୋଲିସ ଜିଲାରେ ନୂତନ ଗୃହରକ୍ଷୀ ନିଯୁକ୍ତ ପାଇଁ ଜୁନ୍ ୨୨ ତାରିଖରେ ହେବାକୁ ଥିବା ଲିଖିତ ପରୀକ୍ଷା ସ୍ଥଗିତ ରଖାଯାଇଛି। ରବିବାର ଏହି ପରୀକ୍ଷା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପ୍ରକାର ପ୍ରସ୍ତୁତି ସରିଥିଲା। ତେବେ ହେଲେ କୌଣସି କାରଣରୁ ବିଭାଗ ତାହାକୁ ସ୍ଥଗିତ ରଖିଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ତେବେ ଜୁଲାଇ ୬ରେ ଏହି ଲିଖିତ ପରୀକ୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପୋଲିସ ଜିଲା ପାଇଁ ୧୦୫ଟି ଗୃହରକ୍ଷୀ ପଦବୀ ଖାଲିଥିବା ବେଳେ ୪୦୯୭ ଜଣ ଆବେଦନକାରୀ ରହିଛନ୍ତି ।

# ବନ୍ଧ ଛକରେ ଠାକୁରାଣୀଙ୍କୁ ବରଣ


ଜି.ଉଦୟଗିରି, ୨୧।୬
(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଠାରେ ଚାଲିଥିବା ଠାକୁରାଣୀ ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସ୍ଥାନୀୟ ବନ୍ଧଛକ ଶ୍ୟାମାକାଳୀ ପୂଜା କମିଟି ତରଫରୁ ଶୁକ୍ରବାର ପଞ୍ଚ ଠାକୁରାଣୀଙ୍କୁ ବରଣ କରାଯାଇଛି। ବିଭିନ୍ନ ପଟୁଆର ସହ ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରି ବନ୍ଧଛକ ଶ୍ୟାମାକାଳୀ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ କନବାଗିରି ଗ୍ରାମ ରାଧାକୃଷ୍ଣ ମଠକୁ ଯାଇ ଗ୍ରାମବାସୀଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଘଟ ଆଗମନ ଓ ପୂଜାର୍ଚ୍ଚନାକୁ ଦୃଷ୍ଟିରେ ରଖି ବନ୍ଧ ଛକରେ ବିଭିନ୍ନ ଦେବାଦେବୀଙ୍କ କଳାକୁଞ୍ଜ ତିଆରି କରାଯାଇଥିବା ବେଳେ ମାତୃକୃପା ଜେନେରାଲ ଷ୍ଟୋର ସୌଜନ୍ୟରେ ସବିସ୍କୋ ବିସ୍କୁଟ୍ କମ୍ପାନୀର ବିସ୍କୁଟ ଓ ଚିପ୍ସ ବଣ୍ଟନ କାର୍ଯ୍ୟକ୍ରମରେ ଶିବ ସାହୁ, ଅଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ମଧ୍ୟ ବନ୍ଧଛକ ସ୍ଥିତ ମାନସ ରଞ୍ଜନ ଦାସ ପଞ୍ଚ ଠାକୁରାଣୀଙ୍କୁ ବରଣ କରିନେଇଥିବା ବେଳେ ବନ୍ଧଛକ ବାସିନ୍ଦା ମା'ଙ୍କୁ ଦୁଇ ଦିନ ଧରି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବା ପରେ ଶ୍ରୀରାମ ପଦା ଯାଇଥିଲେ। ବିରାଟ ଶୋଭାଯାତ୍ରାରେ ମା'ଙ୍କ ଘଟ ସହର ପରିକ୍ରମା କରି ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ।

# ରୋଟାରି ଜିଲା ଗଭର୍ନରଙ୍କ ଛତ୍ରପୁର ଗସ୍ତ, ପରିଦର୍ଶନ

ଛତ୍ରପୁର, ୨୧।୬ (ସନ୍ତୋଷ ପାଢ଼ୀ)- ରୋଟାରୀ ଆନ୍ତର୍ଜାତୀୟ ଜିଲା ୩୨୬୨ର ଜିଲା ଗଭର୍ନର ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଛତ୍ରପୁର ଗଞ୍ଜାମ ରୋଟାରୀ କ୍ଲବକୁ ପରିଦର୍ଶନ କରିଛନ୍ତି। କ୍ଲବ ସଭାପତି ରୋଟାରିଆନ ଡକ୍ଟର ବିମଳ ପ୍ରସାଦ ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଛତ୍ରପୁର ଗଞ୍ଜାମ ରୋଟାରୀ କ୍ଲବ ସଭାପତି ଡକ୍ଟର ସାହୁ ଏବଂ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଅଜୟ ତ୍ରିପାଠୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ବୁଝାମଣାପତ୍ର ଅନୁଯାୟୀ, ରୋଟାରାକ୍ଟ କ୍ଲବର ସଦସ୍ୟ ଭାବରେ ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏକ ରୋଟାରାକ୍ଟ କ୍ଲବ ଗଠନ କରାଯିବ। ଏହା ଛାତ୍ରମାନଙ୍କୁ ପ୍ରାୟୋଜକ ରୋଟାରୀ କ୍ଲବକୁ ସହାୟତା ଦେବା ସହିତ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ଲୋକଙ୍କ ସେବା କରିବାରେ ନେତୃତ୍ୱ ନେବାରେ ସାହାଯ୍ୟ କରିବ। ପରେ ମହାପାତ୍ର ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଇ-ଶିକ୍ଷା ପାଇଁ ଇ-କଣ୍ଟେଣ୍ଟ' ଉଦ୍‌ଘାଟନ କରିଥିଲେ। ଏହା ରୋଟାରୀ କ୍ଲବ ଅଫ ଛତ୍ରପୁର ଗଞ୍ଜାମ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ପ୍ରାଥମିକ ଚିକିତ୍ସା ସୁରକ୍ଷା ପାଇଁ ଡିଜି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଛତ୍ରପୁର ପବ୍ଲିକ ସ୍କୁଲ କୁ ପ୍ରାଥମିକ ଚିକିତ୍ସା କିଟ ବାକ୍ସ ପ୍ରଦାନ କରିଥିଲେ। ଜିଲା ସଚିବ ଅନିଲ ଶାହା, ସହକାରୀ ଗଭର୍ନର ଭି. ଅଜୟ ରାଜୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିକାଶ ବାହାନର ଉଦ୍‌ଘାଟନ କଲେ



ଦିଗପହଣ୍ଡି, ୨୧।୬ (ଅଶେଷ ନାଥ ମିଶ୍ର)

ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଶନିବାର ଦିଗପହଣ୍ଡି ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ବଡଖେମୁଣ୍ଡି ହାଇସ୍କୁଲ ପଡିଆସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଏନ୍ଏସି ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଯୋଗ ଦିବସରେ ସେ ଯୋଗ ଦେଇଥିଲେ। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଅତିଥି ଭାବେ ଯୋଗଦେଇ ଜାତୀୟସ୍ତରରେ ପ୍ରବନ୍ଧ ପ୍ରତିଯୋଗିତାରେ ସଫଳତା ପାଇ ନିକଟରେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଥିବା ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପ୍ରଜ୍ଞାରାଣୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଦିଗପହଣ୍ଡି ବିଇଓ କୋରେଶ ସେଠୀ, ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ, ଭଗବତୀ ପ୍ରସାଦ ମିଶ୍ର, ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ଉପସଭାପତି ପ୍ରଦୋଷ ପତି, ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଏସ୍. ସୁଶାନ୍ତ ଦୋରା, ଉପଦେଷ୍ଟା ରାମମୂର୍ତ୍ତୀ ଆଚାରୀ, ସନ୍ତୋଷ ପାଢୀ, କାମନା ପଣ୍ଡା, ବନିତା ପାତ୍ର, ଆଚାର୍ଯ୍ୟ ବାବୁଲା ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ବିଧାୟକ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ସ୍ଥାନୀୟ ଏନ୍ଏସି ପ୍ରଶାସନ ପକ୍ଷରୁ ଆୟୋଜିତ ମାଆ ପାଇଁ ଗଛଟିଏ ଅଭିଯାନରେ ସାମିଲ ହୋଇ ଥାନା ନିକଟସ୍ଥ ଶ୍ମଶାନ ଏବଂ ବିଭିନ୍ନ ପୋଖରୀ ହିଡରେ ବିଭିନ୍ନ ଚାରା ରୋପଣ କରିଥିଲେ। ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୋରଡା ପଞ୍ଚାୟତ ରାଜପୁର ଗ୍ରାମ ଶେଷରେ ଥିବା ଶ୍ରୀଯୋଗେଶ୍ୱର ମହାଦେବଙ୍କ ପୀଠରେ ଚାରାରୋପଣ କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଯୋଗଦେଇ ଥିଲେ। ଦିଗପହଣ୍ଡି ପୁଞ୍ଜିକଂଯା ସ୍ଥିତ କବିସୂର୍ଯ୍ୟ ବଳଦେବ କଲ୍ୟାଣ ମଣ୍ଡପରେ ବିକାଶ ବାହନ ପରିକ୍ରମା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ବିଡ଼ିଓ ଅନାମିକା ପାଣ୍ଡେ, ତହସିଲଦାର ସନ୍ତୋଷ ସାହୁ, ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଅତିରିକ୍ତ ତହସିଲଦାର ଆଶିଷ ନାୟକ, ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ.କୁନା, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ସଂକଳ୍ପବଦ୍ଧ

ବାଲିଗୁଡା, ୨୧।୬
(ସଞ୍ଜୟ କୁମାର ପାଣିଗ୍ରାହୀ)

ଦିନିକିଆ କନ୍ଧମାଳ ଗସ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ଅନୁସୂଚିତ ଜନାଜାତି, ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସିଛନ୍ତି। ବାଲିଗୁଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କାର୍ଯ୍ୟ କର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସରକାରଙ୍କ ବିକାଶ ମୂଳକ ବାର୍ତ୍ତା ନେଇ ଗାଁ ଗାଁ ଘରେ ଘରେ ପହଞ୍ଚିବା ପାଇଁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମେ ଆମେ ଜଣେ ଜଣେ ସାଧାରଣ ମଣିଷ, ତାପରେ ମନ୍ତ୍ରୀ, ବିଧାୟକ ହୋଇଛନ୍ତି, ଏଣୁ ମାନବିକତା ଭାବେ ତଳସ୍ତରର ଲୋକଙ୍କ ସେବା କରିବାକୁ ସମସ୍ତେ ସଂକଳ୍ପ ନେବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ ବାଲିଗୁଡା ଆଦିବାସୀ


ବିଦ୍ୟାଳୟ ଓ ଗଣଶିକ୍ଷା ଅନୁସୂଚିତ ଜନାଜାତି, ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଗସ୍ତ କରୁଛନ୍ତି ।

ଉନ୍ନୟନ ପ୍ରକଳ୍ପ ଅଧିକାରୀ କୃପାସିନ୍ଧୁ ବେହେରା, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ବେହେରା ଓ ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ଓ ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝିଙ୍କୁ ଅଞ୍ଚଳର ଶିକ୍ଷା, ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆଦିବାସୀ ବହୁଳ କନ୍ଧମାଳ ଜିଲାରେ ଯେଉଁ ଭଳି ଭାବେ ଡବଲ ଇଞ୍ଜିନ ସରକାର ସମୟରେ ଆଦିବାସୀଙ୍କ ବିକାଶ ହେଲେ ଓଡିଶାର ବିକାଶ ଓ ଭାରତର ବିକାଶ ସମ୍ଭବ ବୋଲି ମନ୍ତ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଜିଲାରେ ଶିକ୍ଷାର ବିକାଶ ପାଇଁ ୮ ଟି ନୂତନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଚାଲୁରହିଛି। କିଛି ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କିଛି ସ୍ଥାନରେ ରହିଥିବା ଜମି ସମସ୍ୟା ଦୂର କରାଯାଇଛି। ଖୁବ ଶୀଘ୍ର କିଭଳି ଛାତ୍ରୀଛାତ୍ରମାନେ ଏହାର ଲାଭ ଉଠାଇ ପାରିବେ ସେନେଇ ଜିଲାପାଳଙ୍କ ସହ ଆଲୋଚନା ସରିଛି। ପୂର୍ବ ସରକାର ସମୟରେ ଗଣଶିକ୍ଷା ବିଭାଗରେ ରହିଥିବା ଶିକ୍ଷକ ସମସ୍ୟାକୁ ଧୀରେ ଧୀରେ ଦୂର କରାଯାଉଛି। ଜିଲାରେ ରହିଥିବା ଆବାସିକ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଖୁବ ଶୀଘ୍ର ଦୂର ହେବ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗ

ଦିଗପହଣ୍ଡି,୨୧।୬(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ଗାଁର ଜଣେ ଯୁବତୀ ପ୍ରତାରଣାର ଶିକାର ହୋଇଛନ୍ତି। ତାଙ୍କୁ ଭଲପାଇ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଏହାକୁ ଭିତ୍ତି କରି ନଂ.୨୨୫/୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ପଙ୍କଲବାଡ଼ି ଗାଁର ସଞ୍ଜୀବ ସ୍ୱାଇଁ ଓରଫ ସଞ୍ଜୁ। ଏକ ଭୋଜିରେ ଯୁବତୀଙ୍କ ସହ ସଞ୍ଜୀବଙ୍କ ଦେଖାହେବା ପରେ ଉଭୟେ ଉଭୟଙ୍କୁ ଭଲପାଇ ବସିଥିଲେ। ସଞ୍ଜୀବ ନିୟମିତ ଯୁବତୀଙ୍କୁ ଫୋନ କରୁଥିଲେ। ସେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କୁ ବେଙ୍ଗାଲୁରୁ ନେଇଥିଲେ। ସେଠାରେ ଉଭୟେ ସ୍ୱାମୀ ସ୍ତ୍ରୀ ଭାବେ ଏକ ହୋଟେଲ ଲଜ୍‌ରେ ୪ ଦିନ ରହିଥିଲେ। ସଞ୍ଜୀବ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଆମ ଦୁହିଁଙ୍କ ବିବାହ ନେଇ ଘରେ ମା'ବାପା ରାଜି ହେଉ ନ ଥିବା ସଞ୍ଜୀବ ଯୁବତୀଙ୍କୁ କହି ମା'ବାପାଙ୍କୁ ବୁଝାଇବା ପାଇଁ ଗାଁକୁ ଯିବା କହି ସଞ୍ଜୀବ ଯୁବତୀଙ୍କୁ ମଙ୍ଗଳବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଆଣିଥିଲେ। ତାଙ୍କୁ ରେଳ ଷ୍ଟେସନରେ ଛାଡ଼ି ସେ ଫେରାର ହୋଇଯାଇଥିଲେ। ଯୁବତୀ ଜଣକ ଗାଁକୁ ଫେରି ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ପରେ ଶୁକ୍ରବାର ଦିଗପହଣ୍ଡି ଥାନାରେ ସଞ୍ଜୀବଙ୍କ ବିରୋଧରେ ଏତଲା ଦେଇଥିଲେ। ଶନିବାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିବା ଜଣାପଡିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଯୋଗ ସଂଗମ କେନ୍ଦ୍ରର ମୋହର

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜ ମଣ୍ଡପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି ଅନ୍ତର୍ଜାତୀୟ ଯୋଗ ଦିବସ। ବିଶିଷ୍ଟ ଯୋଗ ଗୁରୁ ତଥା ସହୟତା ଇଣ୍ଟରନ୍ୟାସନାଲର ସଂସ୍ଥାପକ ଗୁରୁ କିରଣ ଜୀ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଉପସ୍ଥିତ ଅଧ୍ୟାପକ, କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଯୋଗ ଦ୍ୱାରା ଶାରୀରିକ ତଥା ମାନସିକ ସ୍ତରରେ ଉନ୍ନତି ହୋଇପାରିବ ବୋଲି କହିଥିଲେ। ଯୋଗକୁ ନିୟମିତ ଦିନାଚର୍ଯ୍ୟା ଭାବେ ଗ୍ରହଣ କରିବାକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପରାମର୍ଶ ଦେଇଥିଲେ। ଏହାସହ ଆଗାମୀ ଦିନରେ ଯୋଗକୁ ପାଠ୍ୟକ୍ରମରେ ସାମିଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା ସେ କହିଛନ୍ତି। ଚଳିତବର୍ଷ



ଦୀନଚର୍ଯ୍ୟାରେ ଯୋଗକୁ ପ୍ରାଧାନ୍ୟ ଦେବାକୁ ଶପଥ ପାଠରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟସ୍ତରରେ ଯୋଗ ସଂଗମର କେନ୍ଦ୍ରଭାବେ ମୋହର ବାଜିଥିବା ବେଳେ ଅର୍ନ୍ତଜାତୀୟ ଯୋଗ ଦିବସ ଉତ୍ସବରେ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ମିଶାଇ ଦୁଇଶହ ସାମୂହିକ ଯୋଗ ଅଭ୍ୟାସରେ ଭାଗ ନେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ଏହି ଯୋଗ ଉତ୍ସବ ଆୟୋଜନ କରାଯାଇଥିଲା। ଏନ୍‌ଏସ୍‌ଏସ୍ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୋଗ ଦିବସ କାର୍ଯ୍ୟକ୍ରମରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ବିତ୍ତିୟ ନିୟନ୍ତ୍ରକ ଅଶୋକ କୁମାର ଧାଙ୍ଗଡମାଝି, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସତ୍ୟ ନାରାୟଣ କୁଣ୍ଡୁ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଷ ସେଠୀ, ଯୁଗ୍ମ କୁଳସଚିବ ବାପୁଜୀ ସାମଲ, ସହ କୁଳସଚିବ ସୋରଜ କୁମାର ଦାଶ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଏନଏସଏସ ସ୍ୱେଚ୍ଛାସେବୀମାନେ ଭାଗ ନେଇଥିଲେ। ଏନ୍‌ଏସ୍‌ଏସ୍ ବ୍ୟୁରୋ ଅଧିକାରୀ ସୁଶାନ୍ତ କୁମାର ସାହୁ, ସରିତା ପ୍ରଧାନ ଓ ଚିରଞ୍ଜିବ ବଡତ୍ୟା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଭାଗ୍ୟଶ୍ରୀ ରଥ ଧନ୍ୟବାଦ ଦେଇଥିଲେ। କୁଳପତି ଉପଢୌକନ ଓ ମାନପତ୍ର ଦେଇ ଯୋଗାଗୁରୁ କିରଣ ଜୀଙ୍କୁ ସମ୍ମାନିତ କରିଥିଲେ। ପରେ କୁଳପତି ଚାରା ରୋପଣ କରି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୁଳପତିଙ୍କ ସହ କୁଳସଚିବ, ପିଜି କାଉନସିଲ ଚେୟାରମ୍ୟାନ, ବିତ୍ତିୟ ନିୟନ୍ତ୍ରକ, ଏନ୍‌ଏସ୍‌ଏସ୍ ସଂଯୋଜକ ଚାରାରୋପଣରେ ସାମିଲ ହୋଥିଲେ।

# ଲୋଭ ଦେଖାଇ ୭ ଲକ୍ଷ ନେଇଗଲେ ସାଇବର ଅପରାଧୀ

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ) ସାଇବର ଗ୍ୟାଙ୍ଗ ଜଣେ ଯୁବକଙ୍କୁ ଲୋଭ ଦେଖାଇ ତାଙ୍କ କାଲରେ ଫସାଇ ଦେଇଛନ୍ତି। ଏକ ପୁରୁଣା ବୀମା କମ୍ପାନୀର ଏକ ପଲିସିରେ ବୋନସ ପାଇବା ଲୋଭ ଦେଖାଇ ଠକ ଗ୍ୟାଙ୍ଗ ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୭ ଲକ୍ଷ ଟଙ୍କା ଚଳୁ କରିଛନ୍ତି। ଜାନକୀ ରଣା ନାମକ ଜଣେ ମହିଳା ଗତ ୧୫ ଦିନ ଭିତରେ ଏହି ଯୁବକଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଉପରୋକ୍ତ ଟଙ୍କା ଠକିନେଇଛି । ଠକେଇର ଶିକାର ହୋଇଥିବା ଯୁବକ ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୨/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବ୍ରହ୍ମପୁରର ବୃନ୍ଦାବନ ନଗରର ଜଣେ ଯୁବକ ଆଜକୁ ୫ ବର୍ଷ ତଳେ ମାକ୍ସଲାଇଫ ଇନ୍ସୁରାନ୍ସ କମ୍ପାନୀ ଠାରୁ ଏକ ବୀମା ପଲିସି କିଣିଥିଲେ । ସେହି ସମୟରେ ଜଣେ ଏଜେଣ୍ଟ ଏହି ପଲିସିଟି ତାଙ୍କ ନାମରେ କରାଇ ଦେଇଥିଲେ। ଚଳିତମାସ ୩ ତାରିଖରେ ଯୁବକଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ମହିଳା ଜଣଙ୍କ ନିଜ ନାମ ଜାନକୀ ରଣା ବୋଲି କହିବା ସହ ହରିଆନା ଗୁରଗାଁଓଠାରେ ଥିବା ମାକ୍ସଲାଇଫ କମ୍ପାନୀର ମୁଖ୍ୟ ଶାଖାର ମ୍ୟାନେଜର ଥିବା ତାଙ୍କୁ କହିଥିଲେ । ଯୁବକଙ୍କ ନାଁରେ ଥିବା ପୁରୁଣା ପଲିସି ଉପରେ ଲକ୍ଷାଧିକ ଟଙ୍କାର ବୋନସ ଆସିଥିବା ସେ ତାଙ୍କୁ କହିଥିଲେ । ତେବେ ଯେହେତୁ ସେ ପୂର୍ବରୁ ଏହି ପଲିସିଟି ଜଣେ ଏଜେଣ୍ଟଙ୍କ ଜରିଆରେ କରିଛନ୍ତି ତେଣୁ ସମସ୍ତ ବୋନସ ଟଙ୍କା ସେହି ଏଜେଣ୍ଟଙ୍କ ଆକାଉଣ୍ଟକୁ ଚାଲିଯିବ। ହେଲେ ଯଦି ଯୁବକ ଜଣଙ୍କ ଏଜେଣ୍ଟ କୋଡ ବଦଳାଇବାକୁ ଚାହିଁବେ ତେବେ କାଗଜପତ୍ର କାମ ସହ କିଛି ଟଙ୍କା ଜମା କରିବାକୁ ପଡିବ ବୋଲି କଲ କରିଥିବା ମହିଳା ଜଣଙ୍କ କହିଥିଲେ। ଲକ୍ଷାଧିକ ଟଙ୍କା ବୋନସ ମିଳିବା ଲୋଭରେ ଯୁବକ ଜଣଙ୍କ ଏଜେଣ୍ଟ କୋଡ ନିଜ ନାମରେ କରିବାକୁ ମହିଳାଙ୍କୁ କହିଥିଲେ । ସେହିପରି ମହିଳାଙ୍କ କହିବା ଅନୁସାରେ ମାକ୍ସଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ପ୍ରଥମେ ୫୦ ହଜାର ୨ ଟଙ୍କା ଜମା କରିଥିଲେ । ଏହାର ସପ୍ତାହ ପରେ ମହିଳା ଜଣଙ୍କ ଆନ୍ୟାନ୍ୟ ବାହାନା କରିଯୁବକଙ୍କୁ ଅଧିକ ବୋନସ ଲୋଭ ଦେଖାଇବା ସହ ୯୯ ହଜାର ୯୯୯ ଟଙ୍କା ଜମା କରିବାକୁ କହିଥିଲେ। ଯେହେତୁ ସେହି ବ୍ୟାଙ୍କ ଆକାଉଣ୍ଟଟି ମାକ୍ସଲାଇଫ କମ୍ପାନୀ ନାମରେ ରହିଥିବାରୁ ଯୁବକ ଜଣଙ୍କ କୌଣସି ସନ୍ଦେହ କରି ନ ଥିଲେ । ପର୍ଯ୍ୟାୟକ୍ରମରେ ମହିଳାଙ୍କ କହିବା ଅନୁସାରେ ସେହି ଆକାଉଣ୍ଟରେ ସେ ୫ ଲକ୍ଷ ଟଙ୍କା ଜମା କରି ଦେଇଥିଲେ। ପରେ ମଧ୍ୟ ମହିଳା ଜଣଙ୍କ ବିଭିନ୍ନ ବାହାନା କରି ଟଙ୍କା ଜମା କରିବାକୁ କହିବାରୁ ଯୁବକ ଜଣଙ୍କ ନିଜ ସ୍ତ୍ରୀ'ଙ୍କ ଆକାଉଣ୍ଟରୁ ୨ ଲକ୍ଷ ୧୦ ହଜାର ଟଙ୍କା ଜମା କରିଥିଲେ । ଏହିପରି ଭାବେ ସେ ୭ ଲକ୍ଷ ୧୦ ହଜାର ଟଙ୍କା ସମ୍ପୃକ୍ତ ଆକାଉଣ୍ଟରେ ଜମା କରି ଦେଇଥିଲେ। ଏହା ପରେ ସମ୍ପୃକ୍ତା ମହିଳା ଜଣଙ୍କ ତାଙ୍କ ସହ ଯୋଗାଯୋଗ ବନ୍ଦ କରି ଦେଇଥିଲେ। ସବୁଆଡୁ ଯୋଗାଯୋଗ କରି ନିରାଶ ହେବାରୁ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

# ଏଠି ସେଠି ସବୁଠି ଯୋଗ, ଧ୍ୟାନ



ଭିଞ୍ଜିଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ।

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ) ଶନିବାର ସବୁଠି ଯୋଗ ଦିବସ ପାଳିତ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବ୍ରହ୍ମପୁର ଦ୍ୱାରା ଶନିବାର ଭି.ଭି ଗିରି ମହିଳା ସରକାରୀ ମାଧ୍ୟମିକ ତାଲିମ ବିଦ୍ୟାଳୟ ଠାରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ଆଇନ ସେବାର ବିଭିନ୍ନ ଯୋଜନା ବିଷୟରେ ଛାତ୍ରୀମାନଙ୍କୁ ତଥ୍ୟ ପ୍ରଦାନ କରାଯାଇଥିଲା। ଯୋଗଦ୍ୱାରା କ'ଣ ଲାଭ ହୁଏ ଆଦି ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ ଆଇନ ସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ। ମୌଳିକ ଅଧିକାର ଏବଂ ବାଧ୍ୟତାମୂଳକ ଶିକ୍ଷା ଉପରେ ଉପସ୍ଥିତ ପିଲାମାନଙ୍କୁ ସବିଶେଷ ତଥ୍ୟ ଦେଇଥିଲେ ଆଇନ ସେବା ପ୍ରାଧିକରଣ ସଦସ୍ୟା ମିନାକ୍ଷୀ ଦେବୀ। ସେହିପରି ଯୋଗର ଉଦ୍ଦେଶ୍ୟ କହିଥିଲେ ପିଏଲଏ-ପିୟୁସସ ସଦସ୍ୟା ସବିତା ସାହୁକାର । ସେମାନେ ଓକିଲ ଶ୍ରୀ ରାଜେନ୍ଦ୍ର ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥି ସହିତ ତାଲୁକ ଆଇନ ସେବା କମିଟି, ମଣ୍ଡଳ କାରାଗାର ବ୍ରହ୍ମପୁର ସମେତ ଜିଲ୍ଲାର ସମସ୍ତ କାରାଗାର,ବାଳ ସୁଧାର ଗୃହ,ସଖୀ ୱାନ ଷ୍ଟପ ସେଣ୍ଟରରେ ଏହି ଦିବସ ପାଳିତ ହୋଇଛି।

## ଏସପିଙ୍କ କାର୍ଯ୍ୟାଳୟ



ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟାଳୟର କର୍ମଚାରୀ ଓ ଏସପି ସର୍ବଣା ବିବେକ ଏମ ଯୋଗ ମୁଦ୍ରାରେ ରହି ଧ୍ୟାନ କରିଥିବା ଦେଖାଯାଇଥିଲା। ଯୋଗକୁ ଦୈନନ୍ଦିନ ଜୀବନରେ ପ୍ରାଧାନ୍ୟ ଦେବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସାମିଲ ଥିଲେ।



ବ୍ରହ୍ମପୁର ଷ୍ଟାଡିୟମରେ ଯୋଗାଭ୍ୟାସ ଚାଲିଛି।

## ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ

ବ୍ରହପୁର ୨୧।୬(ସ୍ମୃତି ରଞ୍ଜନ ମହାଲିକ)– ବ୍ରହ୍ମପୁର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ,ବ୍ରହ୍ମପୁର ଶାଖା, ମହାନ ସଂଘ, ଡ଼କ୍ଟର ଫୋରମ, ଅର୍ଜୁନ ହସ କ୍ଲବ,ମାରୁତି ୱାକିଙ୍ଗ କ୍ଲବ, ନୀଳକଣ୍ଠ ଯୋଗ ଓ ୱେଲଫର କ୍ଲବ, ବୀର ସୁରେନ୍ଦ୍ର ସାଏ ପ୍ରଭାତ ଶାଖା, ଆରୋଗ୍ୟ ଭାରତୀ, ଲାଞ୍ଜିପଲି ସିନିୟର ସିଟିଜନ ଲଫିଙ୍ଗ ଏଣ୍ଡ ଯୋଗ କ୍ଲବ, ହରି ଓଁ ଲଫିଙ୍ଗ ଏଣ୍ଡ ଯୋଗୋ କ୍ଲବ, ସାମନ୍ତରା ଏକାଡେମୀ, ସତ୍ୟାର୍ଜୁନ ଫାଉଣ୍ଡସେନ, ବଡ଼ବଜାର ଖାଦ୍ୟ ବ୍ୟବସାୟୀ ସଂଘ, ଓଁ କାର ଯୋଗ ଶିକ୍ଷା କେନ୍ଦ୍ର,ମର୍ଣ୍ଣିଙ୍ଗ ୱାକ ଏଣ୍ଡ ଟାକ କ୍ଲବ, ଶ୍ରୀ ଚୈତନ୍ୟ ପ୍ରଭାତ ଶାଖା, ହନୁମାନ ପ୍ରଭାତ ଶାଖା, କେଶବ ପ୍ରଭାତ ଶାଖା, ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଭଳି ୫୦ରୁ ଉର୍ଦ୍ଧ୍ୱ ସଂଗଠନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ବିଧାୟକ କେ ଅନିଲ କୁମାର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯୋଗର ଉପକାରିତା ଉପରେ ଜନ ସଚେତନତା ସୃଷ୍ଟି କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । ଏଥିସହ ୧୨ଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ଥିଲେ ବୋଲି ଯୋଗ ଉତ୍ସବ କମିଟିର ଉପଦେଷ୍ଟା ସୁଶାନ୍ତ କୁମାର ସାବତ କହିଥିଲେ। କେନ୍ଦ୍ର ସଂଚାଳକ ଡ ତାରା ପ୍ରସାଦ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସ୍ପୋର୍ଟସ ଏରେନା ପରିସରରେ ଯୋଗ ଦିବସ ପାଳିତ ହୋଇଥିଲା। ସେହିଭଳି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୀର ହନୁମାନ ପ୍ରଭାତ ଶାଖା ପକ୍ଷରୁ ଗୋସାଣୀ ନୂଆ ଗାଁ କେ ସି ହାଇସ୍କୁଲ ପଡ଼ିଆରେ ଯୋଗ ଅଭ୍ୟାସ ଓ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ରବିନ୍ଦ୍ର ଶତପଥୀ, ଭିକି ରାଜୁ, ଏନ ଲିଙ୍ଗରାଜ, ନୀଳକଣ୍ଠ ଚୋଧୁରୀ ଓ ଭଗବାନ ଚୋଧୁରୀ ପ୍ରମୁଖ ଯୋଗ ପ୍ରଦର୍ଶନ କରିଥିଲେ। ସେହିପରି ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ମୁଖ୍ୟ ସଂଯୋଜିକା ସୁନିତା ନାୟକଙ୍କ ସମେତ ଅଚ୍ୟୁତ ନାୟକ,ଶ୍ରଦ୍ଧାଞ୍ଜଳି ପଣ୍ଡା ଓ ସାଗତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ନୀଳକଣ୍ଠ ନଗର ଶିଶୁ ମନ୍ଦିରରେ ଯୋଗ ଦିବସରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ନୀଳକଣ୍ଠ ନଗର ଶିଶୁ ମନ୍ଦିର

ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଯୋଗ ଦିବସରେ ମୁଖ୍ୟ ଅତିଥି ରୂପେ ପାତଞ୍ଜଳି ଯୋଗ ଶିବିରର ଯୋଗ ଗୁରୁ ଜଗନ୍ନାଥ ପାଣିଗ୍ରାହୀ ଯୋଗ ଦେଇଥିଲେ । ଯୋଗର ମହତ୍ୱ କହିବା ସହିତ ବିଭିନ୍ନ ଆସନ, ପ୍ରାଣାୟମ କରି ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରଦର୍ଶିତ କରାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଏସ ମୋହନ ରାଓ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ ଜୀବାନନ୍ଦ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ଯୋଗ ଦିବସ ଅବସରରେ ଶପଥ ପାଠ କରାଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ସହ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨ୟ ଓଡ଼ିଶା ବାଳିକା ଏନସିସି ବାଟାଲିଆନର ପ୍ରାୟ ୨୦୦ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଏନସିସି ଶିକ୍ଷକ ଶାନ୍ତନୁ କୁମାର ବେହେରା, ଲେଫଟନାଣ୍ଟ ସ୍ମିତା ପଟ୍ଟନାୟକ ଓ ବିଜେଶରୀ ସାହୁ ସହଯୋଗ କରିଥିଲେ।

# ପୋଚାଲୁଣ୍ଡି ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ

ବୁଗୁଡ଼ା,୨୧।୬(କାଳିଚରଣ ଦାଶ) ବୁଗୁଡା ବ୍ଲକ୍ ଅନ୍ତର୍ଗତ ପୋଚାଲୁଣ୍ଡି ପଞ୍ଚାୟତରେ ଶନିବାର ବିକାଶ ବାହନକୁ ପଞ୍ଚାୟତବାସୀଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଜାତା କୁମାରୀ ପ୍ରଧାନ, ବାଲିପଦର ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶାସନର ୧ ବର୍ଷ ପୂର୍ତ୍ତି ଏବଂ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୧ ବର୍ଷ ଶାସନର ପୂର୍ତ୍ତି ଉପଲକ୍ଷେ ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରିବା ସହ ସରକାରଙ୍କ ପ୍ରଣିତ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

# ସିଜେଏମ୍‌ଙ୍କ ଦାୟିତ୍ୱ ଗ୍ରହଣ



ନୂତନ ସିଜେଏମ୍‌ଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଦୌରା ଜଜ କୋର୍ଟରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ)ଭାବେ ସୁଜାତା ପ୍ରିୟମ୍ବଦା ସ୍ୱାଇଁ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସୁନ୍ଦରଗଡ କୋର୍ଟରେ ସିଜେଏମ ଭାବେ କାର୍ଯ୍ୟରତ ଥିଲେ। ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସିଜେଏମଙ୍କ କୋର୍ଟରେ କାର୍ଯ୍ୟରତ ଏପିପି ରାଜେନ୍ଦ୍ର କୁମାର ଦାଶ, ରଜତ କୁମାର ଦାଶ ଓ ଅନ୍ୟ କର୍ମଚାରୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ କୋର୍ଟରେ ଥିବା ଦୁଇ ଗୋଟି ପୃଥକ ଚିଟଫଣ୍ଡ ମାମଲାର ସିଜେଏମ ବିଚାରଣା କରିଥିଲେ। ଦୁଇ ଜଣ ସାକ୍ଷୀ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯାଇଥିଲା ବୋଲି ଏପିପି ରାଜେନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ପୂର୍ବରୁ ଏହି କୋର୍ଟରେ ସିଜେମ ଭାବେ କାର୍ଯ୍ୟରତ ଡ ପ୍ରଦୀପ କୁମାର ପ୍ରଧାନଙ୍କୁ ମାଲକାନଗିରି ସିଜେଏମ ଭାବେ ବଦଳି ହୋଇଛି।

# ଇଣ୍ଡିଆ ବୁକ ଅଫ ରେକର୍ଡସରେ ସତ୍ୟଙ୍କ ୧୦ କ୍ଷୁଦ୍ର କଳାକୃତି



ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ରତମ କଳାକୃତି।

ବ୍ରହ୍ମପୁର,୨୧।୬(ସ୍ମୃତି ରଞ୍ଜନ ମହାଲିକ) ଠାକୁରାଣୀ ଯାତ୍ରା ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଚକରେ ୧ ସେଣ୍ଟିମିଟର (ସିଏମ) ଉଚ୍ଚତା ବିଶିଷ୍ଟ ମା' ବୁଢୀ ଠାକୁରାଣୀଙ୍କ କ୍ଷୁଦ୍ରତମ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଏହାକୁ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇବା ପାଇଁ ସେ ଆବେଦନ କରିଥିଲେ। ରେକର୍ଡର ଯାଞ୍ଚ କମିଟି ସତ୍ୟଙ୍କ କଳା କୃତିକୁ ଦେଖି ତାଙ୍କୁ ୧୦ ଟି କ୍ଷୁଦ୍ର କଳା କୃତି ୧ ସିଏମ ମଧ୍ୟରେ ନିର୍ମାଣ କରିବାକୁ କହିଥିଲେ। ଯାହାକୁ ନେଇ ସତ୍ୟ ୧୦ଟି କ୍ଷୁଦ୍ର କଳାକୃତି ନିର୍ମାଣ କରିଥିଲେ। ଏଥିମଧ୍ୟରେ ମା ବୁଢୀ ଠାକୁରାଣୀଙ୍କ ଉଚ୍ଚତା ୧ସିଏମ, ଓସାର ୯ ଏମଏମ, ମା ଜ୍ୱାଳାମୁଖିଙ୍କ ଉଚ୍ଚତା ୯ଏମଏମ, ଓସାର ୭ଏମଏମ , ମହାଦେବଙ୍କ ଉଚ୍ଚତା ୯ଏମଏମ, ଓସାର ୮ଏମଏମ, ଶିବରୁଦ୍ରା କାଳୀ ମାଙ୍କ ଉଚ୍ଚତା ୯ ଏମଏମ, ଓସାର ୮ଏମଏମ ରହିଛି। ସେହିପରି ଜଗନ୍ନାଥଙ୍କ ଉଚ୍ଚତା ୭ଏମଏମ, ଓସାର ୫ ଏମଏମ, ଗଣେଶଙ୍କ ଉଚ୍ଚତା ୯ଏମଏମ, ଓସାର ୧ସିଏମ, ଚାମୁଣ୍ଡା କାଳୀ ମାଙ୍କ ଉଚ୍ଚତା ୮ଏମଏମ, ଓସାର ୮ଏମଏମ, ତାରାଦେବିଙ୍କ ଉଚ୍ଚତା ୯ଏମଏମ, ଓସାର ୮ଏମଏମ, ହନୁମାନଙ୍କ ଉଚ୍ଚତା ୧ସିଏମ , ଓସାର ୯ ଏମଏମ ଓ ଦକ୍ଷିଣ କାଳିଙ୍କ ଉଚ୍ଚତା ୯ ଏମଏମ ଏବଂ ଓସାର ୮ଏମଏମ ରହିଛି। ସତ୍ୟଙ୍କ ସମସ୍ତ କଳାକୃତି ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛି।

# ଉତ୍କଳ ଆଶ୍ରମ ନ୍ୟାସର ଅଭିନନ୍ଦନ ସଭା



ସଭାରେ ଉପସ୍ଥିତ ଉତ୍କଳ ଆଶ୍ରମ ନ୍ୟାସର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୧।୬(ସ୍ମୃତି ରଞ୍ଜନ ମହାଲିକ) ରାଜ୍ୟରେ ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଞ୍ଜାମ ଜିଲାର ୩ ବରପୁତ୍ରଙ୍କ ଜନ୍ମସ୍ଥଳୀକୁ ଜାତୀୟ ସ୍ମାରକୀ ଘୋଷଣା କରିଛନ୍ତି । ଏହି ଘୋଷଣା ଫଳରେ ଜାତୀୟ ମୁକ୍ତି ସଂଗ୍ରାମର ଚକରା ବିଷୋୟୀଙ୍କ ଜନ୍ମସ୍ଥଳୀ ଘୁମୁସର ଅନ୍ତର୍ଗତ ବିଞ୍ଝଗିରି, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମସ୍ଥଳୀ ପାରଳାଖେମୁଣ୍ଡି ଓ ରାଜାସାହେବ ରାୟ ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଜନ୍ମସ୍ଥଳୀ ଖଲ୍ଲିକୋଟକୁ ଜାତୀୟ ସ୍ମାରକୀର ମାନ୍ୟତା ମିଳିଛି। ଏହି ଅବସରରେ ଉତ୍କଳ ଆଶ୍ରମ ନ୍ୟାସ ଆନୁକୂଲ୍ୟରେ ଏକ ଅଭିନନ୍ଦନ ସଭା ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଆଶ୍ରମ ନ୍ୟାସ ପକ୍ଷରୁ ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମେତ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜ୍ୟ ଉଚ୍ଚଶିକ୍ଷା, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଜିଲ୍ଲାର ସମସ୍ତ ଜନପ୍ରତିନିଧିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସଭାରେ ଉତ୍କଳ ଆଶ୍ରମ ନ୍ୟାସର ସଂପାଦକ ଡ ସିଦ୍ଧାର୍ଥ ଶଙ୍କର ପାଢ଼ି, ସଦସ୍ୟ କୃଷ୍ଣ ସିଂହ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଶାଖା ସଭାପତି ଡ ସୁବ୍ରତ କୁମାର ସାହୁ, ସାହିତ୍ୟିକ ଡ କୁଳମଣି ଓଝା, କଳିଙ୍ଗ ସାହିତ୍ୟ ସମାଜ ସଂପାଦକ ଡ ଶରତ କୁମାର ଜେନା, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା, ଡ ଲମ୍ବୋଦର ପାଣିଗ୍ରାହୀ, ଡ କୃଷ୍ଣପ୍ରସାଦ ମହାପାତ୍ର, ଡ ରମେଶ ଚନ୍ଦ୍ର ପ୍ରଧାନ, ଡ. ହୃଷୀକେଶ ପଣ୍ଡା, କବି ଅନୁପ କୁମାର ମିଶ୍ର, ଡ. ସଞ୍ଜୟ କୁମାର ପଣ୍ଡା, ଅଭୟେନ୍ଦୁ ଶେଖର ପଟ୍ଟନାୟକ, ନଳିନୀକାନ୍ତ ଗୌଡ଼ ଓ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ କୃତଜ୍ଞତା ଜଣାଇଥିଲେ।

# ଜିଲାରେ ପରିକ୍ରମା କରୁଛି ବିକାଶ ରଥ

ପାରଳାଖେମୁଣ୍ଡି,୨୧।୬(ଗିରିଧାରୀ ପରିଚ୍ଛା) ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ତଥା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ସରକାରଙ୍କ ଏକ ଅଭିନବ ପ୍ରୟାସ। ରାଜ୍ୟ ସରକାରଙ୍କ ଚାଲିଥିବା ବିକାଶ ମେଳା ଅବସରରେ ଆଦିବାସୀ ସମ୍ପ୍ରଦାୟଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ଲାଗି ବିକାଶ ରଥ ଗଜପତି ଜିଲାରେ ପରିକ୍ରମା କରୁଛି। ଆଦିବାସୀମାନେ କିଭଳି ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ପାଇ ନିଜକୁ ମୁଖ୍ୟ ସ୍ରୋତରେ ସାମିଲ କରିପାରିବେ ସେଥିପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଯେଉଁମାନଙ୍କ ପାଖରେ ସରକାରଙ୍କ ସୁବିଧା ସୁଯୋଗ ପହଞ୍ଚିପାରିନି ସେଥିପାଇଁ ବ୍ଲକ ସ୍ତରରେ ଜନସମାବେଶ ଆୟୋଜନ କରାଯାଇ ସେମାନଙ୍କୁ ସହଜରେ ଯୋଜନା ଗୁଡ଼ିକରେ ସାମିଲ କରାଯାଉଛି। ୧୦ ଦିନ ମଧ୍ୟରେ ୨୦୫ ଜଣ ରାଶନ କାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୬୦ ଜଣଙ୍କୁ ଆଧାର କାର୍ଡରେ ସାମିଲ କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନାରେ ୩୩୭ ଜଣ, ପିଏମ. କିଶାନରେ ୫୬ ଜଣ, ପିଏମ. ଉଜ୍ଜ୍ୱଲାରେ ୭ ଜଣ, କିଷାନ କ୍ରେଡିଟ କାର୍ଡରେ ୧୦୯ ଜଣ, ଜବକାର୍ଡରେ ୧୧୫ ଜଣ, ପିଏମ. ବିଶ୍ୱକର୍ମାରେ ୨ ଜଣ ଓ ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ସାମିଲ ହୋଇଛନ୍ତି ।

# ସତ୍ୟପାଠ କରି ନବଜାତକଙ୍କୁ ଅନ୍ୟ ହାତରେ ଟେକିଦେଲେ ମା' ବାପା, ୧୭ ଦିନ ପରେ ଉଦ୍ଧାର କଲା ପ୍ରଶାସନ

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ):

ଗୋଟିଏ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ସରକାରଙ୍କ କଡା ନିୟମ ରହିଛି । ଯେଉଁ ଦମ୍ପତି ଶିଶୁ ଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଅନେକ ସୋପାନ ଦେଇ ଯିବାକୁ ପଡୁଛି । ହେଲେ ଗଞ୍ଜାମ ଜିଲାରେ ଏକ ଦମ୍ପତି କେବଳ ସତ୍ୟପାଠ କରି ଜଣେ ନବଜାତକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ନେଇଛନ୍ତି। ପ୍ରଶାସନ, ପୋଲିସ, ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର ଅଜାଣତରେ ଉଭୟ ଦମ୍ପତି ଜଣେ ଓକିଲଙ୍କ ଜରିଆରେ କେବଳ ଏକ ସତ୍ୟପାଠ କରି ନବଜାତକ ଶିଶୁକୁ ନେଣଦେଣ କରି ଦେଇଛନ୍ତି। ତେବେ ଏ ନେଇ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଉକ୍ତ ଶିଶୁକୁ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ପୋଷ ଭାବେ ଗ୍ରହଣ କରିଥିବା ଦମ୍ପତିଙ୍କଠାରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଶିଶୁକୁ ଉତ୍କଳ ବାଳାଶ୍ରମ ପରିସରରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରରେ ରଖାଯାଇଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଜଣେ ବୟସ୍କ ମହିଳା କିଛି ମାସ ତଳେ ଗର୍ଭବତୀ ହୋଇଥିଲେ । ପୂର୍ବରୁ ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ରହିଥିଲେ। ତେବେ ଗର୍ଭବତୀ ହେବା ପରେ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀ ବ୍ରହ୍ମପୁରକୁ ଆସି ଘରଭଡା ନେଇ ରହିଥିଲେ। ଜୁନ ମାସ ୪ ତାରିଖରେ ମହିଳା ଜଣଙ୍କ ଏମ୍‌କେସିଜି ମେଡିକାଲରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ । ତେବେ ପୂର୍ବରୁ ୩ଟି ସନ୍ତାନ ରହିଥିବାରୁ ମହିଳା ଓ ତାଙ୍କ ସ୍ୱାମୀ ନବଜାତକ ଶିଶୁକନ୍ୟାଙ୍କୁ ଅନ୍ୟ ହାତରେ ଟେକି ଦେବାକୁ ଯୋଜନା କରିଥିଲେ । ସେହି ଅନୁସାରେ ସେମାନେ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ହିଞ୍ଜିଳି ଅଞ୍ଚଳର ଏକ ନିଃସନ୍ତାନ ଦମ୍ପତିଙ୍କୁ ଶିଶୁକନ୍ୟାକୁ ଦେବାକୁ ସ୍ଥିର କରିଥିଲେ। ତେବେ ନବଜାତକକୁ ପୋଷ୍ୟ ଭାବେ ନେବାପାଇଁ ଉଭୟ ଦମ୍ପତି ଜଣେ ଓକିଲଙ୍କ ନିକଟକୁ ଯାଇ ଏକ ସତ୍ୟାପାଠ କରିଥିଲେ। ଜନ୍ମ କରିଥିବା ଦମ୍ପତି ସ୍ୱଇଚ୍ଛାରେ ନବଜାତକକୁ ପ୍ରଦାନ କରୁଥିବା ବେଳେ ପୋଷ୍ୟ ଭାବେ ଗ୍ରହଣ କରୁଥିବା ଦମ୍ପତି ନବଜାତକର ସଠିକ ଭାବେ ଲାଳନପାଳନ କରିବେ ବୋଲି ନିଜ ଭିତରେ ବୁଝାମଣା କରିଥିଲେ। ପୋଷ୍ୟ ଭାବେ ଗ୍ରହଣ କରିବା ପରେ ହିଞ୍ଜିଳିର ଦମ୍ପତି ଶିଶୁଟିକୁ ନିଜ ପାଖରେ ରଖିଥିଲେ। ଇତି ମଧ୍ୟରେ ୧୫ ଦିନରୁ ଅଧିକ ସମୟ ବିତି ସାରିଥିଲା। ତେବେ ଏହି ନବଜାତକ ଶିଶୁଟିକୁ ବେଆଇନ ଭାବେ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ପରେ ଶିଶୁ ସୁରକ୍ଷା ୟୁନିଟ, ପୋଲିସ ଓ ଚାଇଲ୍ଡ ଲାଇନ କର୍ମଚାରୀମାନେ କବିସୂର୍ଯ୍ୟନଗର ଯାଇ ପୋଷ୍ୟ ଭାବେ ଗ୍ରହଣ କରିଥିବା ଦମ୍ପତିଙ୍କୁ ଠାବ କରିବାକୁ ଉଦ୍ୟମ କରିଥିଲେ । ଏହି ଦମ୍ପତି ବ୍ରହ୍ମପୁରରେ ରହୁଥିବା ଜଣାପଡିବା ପରେ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଶୁଭଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କରାଯିବା ପରେ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। କମିଟିର ନିର୍ଦ୍ଦେଶ ଅନୁସାରେ ନବଜାତକକୁ ପୋଷ୍ୟ ସନ୍ତାନ କେନ୍ଦ୍ରରେ ରଖାଯାଇଛି । ତେବେ ଏଭଳି ବେଆଇନ କାର୍ଯ୍ୟ କରିଥିବା ଉଭୟ ଦମ୍ପତିଙ୍କ ଉପରେ ପ୍ରଶାସନ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଛି ।

# ସିଡିଏମ୍‌ଓ ଭାବେ ଡା. ସୁଶାନ୍ତ ନେଲେ ଦାୟିତ୍ୱ

ବ୍ରହ୍ମପୁର, ୨୧।୬(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲାର ନୂତନ ଜିଲା ଚିକିତ୍ସା ଅଧିକାରୀ ଭାବେ ଡ଼ା.ସୁଶାନ୍ତ କୁମାର ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ଦାୟିତ୍ୱରେ ଥିବା ଡା. ଭବାନୀ ଶଙ୍କର ମିଶ୍ର ନୂତନ ଜିଲା ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଡା. ନାୟକ ନିଦାନ ବିଭାଗର ବିଶେଷଜ୍ଞ ରୂପେ ଭୁବନେଶରରେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରଥମ ଦିନରେ କାର୍ଯ୍ୟଭାର ଗ୍ରହଣ ପରେ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ଅସୁବିଧାକୁ ପ୍ରାଥମିକତା ଦେବାକୁ ସେ କହିଛନ୍ତି।



ଡା. ଭବାନୀ ଶଙ୍କର ମିଶ୍ର ନୂତନ ଜିଲା ଚିକିତ୍ସା ଅଧିକାରୀଙ୍କୁ ସ୍ୱାଗତ କରୁଛନ୍ତି।

# ଜିଡିପିରେ ସେବା କ୍ଷେତ୍ରର ଯୋଗଦାନ ୫୫%


ଭୁବନେଶ୍ୱର,୨୧।୬

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଉପଭୋକ୍ତାମାନେ ଅଧିକରୁ ଅଧିକ ସମୟ ଟେକ୍ନୋଲୋଜି ଭିତ୍ତିକ ସେବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଦୈନନ୍ଦିନ ଜୀବନର ମୌଳିକ ଆବଶ୍ୟକତାଠାରୁ ଆରମ୍ଭକରି ମେଡିକାଲ ଓ ପରିବହନ ଭଳି ସେବାକୁ ମଧ୍ୟ ସବୁ ବର୍ଗର ଗ୍ରାହକ ଟୋକ୍ନେଲୋଜି ଜରିଆରେ ପୂରଣ କରୁଛନ୍ତି। ଫଳରେ ଧୀରେ ଧୀରେ ସେବା କ୍ଷେତ୍ରର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ସେବା କ୍ଷେତ୍ରରେ ଅଭିବୃଦ୍ଧିକୁ ଆକଳନ କରାଯାଉଥିଲାବେଳେ ଗତ ଆର୍ଥିକ ବର୍ଷରେ ଏହା ଉଲ୍ଲେଖନୀୟ ଭାବେ ଦେଶର ଆର୍ଥିକ ବ୍ୟବସ୍ଥାରେ ଯୋଗଦାନ ଦେଇଛି। ଭାରତର ଜିଡିପିରେ ଏହାର ଯୋଗଦାନ ୫୫%ରୁ ଅଧିକ ରହିଛି। ଯଦି ଆମେ ବର୍ତ୍ତମାନ ସ୍ଥିତିକୁ ଦେଖିବା ତେବେ ଏନ୍‌ଏସ୍‌ଇ ୫୦୦ ଇଣ୍ଡେକ୍ସର ପ୍ରଫିଟ ପୁଲ୍‌ରେ ଏହାର ଭୂମିକା ଯଥେଷ୍ଟ ରହିଛି। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଏହା ହସ୍ପିଟାଲ ସେବା, ଡାକ୍ତରଙ୍କ ଉପଲବ୍ଧତା, ଚିକିତ୍ସା କ୍ଷମତା ଆଦିରେ ଦକ୍ଷ ରୂପେ ଯୋଗଦାନ ଦେଉଛି। ଏପରିକି ଏକ ନିରନ୍ତର ପରିବର୍ତ୍ତନ ଓ ସେବାଗୁଡ଼ିକୁ ବର୍ତ୍ତମାନ କର୍ପୋରେଟ ଭାରତର ପ୍ରମୁଖ ଲାଭକାରୀ କ୍ଷେତ୍ରରେ ପରିଣତ କରାଇଛି। ଦେଶର ଆର୍ଥିକ କ୍ଷମତାରେ ଏହା ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଅଭିବ୍ୟକ୍ତ କରୁଛି। ବର୍ତ୍ତମାନ ସମୟରେ ସେବା କ୍ଷେତ୍ର ନିଫ୍ଟି ୫୦୦ ଇଣ୍ଡେକ୍ସ ପିଏଟି ପୁଲ୍‌ରେ ୫୩% ଯୋଗଦାନ ଦେଉଛି। ଏ ସମ୍ପର୍କରେ ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ବରିଷ୍ଠ ଇକ୍ୱିଟି ଫଣ୍ଡ୍ ମ୍ୟାନେଜର ସଚିନ ରେଲେକର କହିଛନ୍ତି, ଟେକ୍ନୋଲୋଜି ଉତ୍ପାଦକତା ଓ


ସଚିନ ରେଲେକର

ପହଞ୍ଚ ବୃଦ୍ଧି କରିଛି। ବର୍ତ୍ତମାନ ସମୟରେ ଟେକ୍ନୋଲୋଜି କେବଳ ଏକ ସକ୍ଷମକାରୀ ହୋଇ ରହିନାହିଁ ବରଂ ଏହା ବିଜ୍‌ନେସ୍ ମଡେଲରେ ମଧ୍ୟ ପରିଣତ ହୋଇଛି। ଏପରିକି ଟେକ୍ନୋଲୋଜି ଜରିଆରେ ଫୁଡ୍ ଡେଲିଭରି, ହୋମ୍ ଡେଲିଭରି ଓ ଫ୍ଲାଇଟ କନେକ୍ଟିଭିଟି ଭଳି ଅନେକ ପ୍ରକାର ସେବା ସହଜ, ସୁଗମ ଓ ପହଞ୍ଚଯୋଗ୍ୟ ହୋଇପାରିଛି। ଅପରପକ୍ଷରେ ଟେଲିକମ୍, କୁଇକ୍ କମର୍ସ, ଲଜିଷ୍ଟିକ୍ସ, ସ୍ୱାସ୍ଥ୍ୟସେବା, ହସ୍ପିଟାଲ ଓ ବ୍ୟାଙ୍କିଙ୍ଗ୍ ଭଳି କ୍ଷେତ୍ର ବର୍ଦ୍ଧିତ ରୂପେ ଆୟର ଇଞ୍ଜିନରେ ପରିଣତ ହୋଇଛି। ଏପରିକି ଗୁରୁତ୍ୱପୂର୍ଣ୍ଣ ଭାବେ ସେବା କ୍ଷେତ୍ର ନିବେଶକଙ୍କ ପାଇଁ ଅଭିବୃଦ୍ଧିକୁ ଅନୁସରଣ କରିବା ସହ ସ୍ଥିରତା ଓ ଉଚ୍ଚମାନର ବ୍ୟବସାୟ ହାସଲ କରିବାର ଏକ ସୁଯୋଗରେ ପରିଣତ ହୋଇଛି। ଭାରତରେ ଆୟ ବଢ଼ିବା ସହ ମହତ୍ୱାକାଂକ୍ଷୀ, ଟେକ୍ନୋଲୋଜିଭିତ୍ତିକ ଓ ସୁଗମତାଚାଳିତ ସେବାଗୁଡ଼ିକ ପାଇଁ ଚାହିଦା ବଢ଼ିଛି। ଭାରତର ଆର୍ଥିକ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି, ଯାହାର କେନ୍ଦ୍ରରେ ଏକ ଶକ୍ତିଶାଳୀ ତଥାପି ନୀରବ ଶକ୍ତି ଅନ୍ତର୍ନିହିତ ରହିଛି। ଏହି ନୀରବ ଶକ୍ତି ହେଉଛି ସେବା କ୍ଷେତ୍ର, ଯାହା ଆଧୁନିକ ଜୀବନର ମୂଳ ସ୍ତମ୍ଭ ପାଲଟିଛି। ବିଶେଷକରି ଏହି କ୍ଷେତ୍ର ନିରନ୍ତର ଭାବେ ଅତୁଳନୀୟ ସୁବିଧା ଓ ସୁଲଭତା ପ୍ରଦାନ କରୁଛି। ଡିଜିଟାଲ ପେମେଣ୍ଟରେ ୟୁପିଆଇର ବୈପ୍ଲବିକ ପ୍ରଭାବଠାରୁ ଆରମ୍ଭକରି ସୁଲଭ ଡାଟାର ଉପଲବ୍ଧତା ପର୍ଯ୍ୟନ୍ତ ସେବା କ୍ଷେତ୍ର ଆମର ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡିତ ରହିଛି। ଯେବେକି ଟେକ୍ନୋଲୋଜି ଓ ଆନୁଷ୍ଠାନିକରଣ (ଫର୍ମାଲାଇଜେଶନ) ଏହି ସେବା କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛି। ଏହା ହେଉଛି ସେବା କ୍ଷେତ୍ରର କାହାଣୀ ଯାହା ନୀରବତାର ସହ ଭାରତର ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଲେଖୁଛି। ଭାରତର ଆର୍ଥିକ ସ୍ଥିରତା ଓ ଉଦ୍ଭାବନା ବହୁମାତ୍ରାରେ ସେବାଗୁଡ଼ିକ ଦ୍ୱାରା ପରିଚାଳିତ ହେଉଛି। ମେକ୍ ଇନ୍ ଇଣ୍ଡିଆ ଭଳି ସରକାରୀ ନୀତିଗୁଡ଼ିକ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସେବାଗୁଡ଼ିକୁ ଲାଭାନ୍ୱିତ କରୁଛି।

# ଏମ୍‌ଆଇପିଏସ୍‌କୁ ଶିକ୍ଷା ଉତ୍କର୍ଷ ପୁରସ୍କାର



ନୂଆଦିଲ୍ଲୀର ଲୀଲା କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ଉତ୍ସବରେ ମିଟ୍ସ ଗ୍ରୁପ୍ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

ରାୟଗଡ଼ା,୨୧।୬(ଆଶିଷ ରଞ୍ଜନ ପଣ୍ଡା)

ମିଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍ (ଏମ୍‌ଆଇପିଏସ୍)କୁ ଆଉ ଏକ ଜାତୀୟ ସମ୍ମାନ 'ଶିକ୍ଷା ଉତ୍କର୍ଷ ପୁରସ୍କାର' ମିଳିଛି। ଶନିବାର ନୂଆଦିଲ୍ଲୀର ଲୀଲା କନ୍‌ଭେନସନ୍ ସେଣ୍ଟର ଠାରେ ଆୟୋଜିତ ସମ୍ମାନ ଉତ୍ସବରେ 'ଉତ୍କୃଷ୍ଟ କୃଷି ପ୍ରତିଷ୍ଠାନ' ପୁରସ୍କାରରେ ରାୟଗଡ଼ାର ଏମ୍‌ଆଇପିଏସ୍‌କୁ ସମ୍ମାନିତ କରାଯାଇଛି। ଦ ହୋଷ୍ଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇକୋନୋମିକ୍ ଟାଇମ୍ସ, ପାଳନ ପରିବର୍ତ୍ତନଶୀଳ ନେତା ଏବଂ ପୁନଃ ପରିଭାଷିତ ଅନୁଷ୍ଠାନଗୁଡ଼ିକ ଭାରତୀୟ ଶିକ୍ଷାର ଦୃଶ୍ୟ। କୃଷି ଶିକ୍ଷାରେ ଅଗ୍ରଣୀ ଭୂମିକା ନେଇଥିବା ରାୟଗଡ଼ା ଏମ୍‌ଆଇପିଏସ୍ ମାନ୍ୟତା ଅତ୍ୟାଧୁନିକ ପାଠ୍ୟକ୍ରମ, କ୍ଷେତ୍ର-ଆଧାରିତ ଶିକ୍ଷା ଏବଂ ସ୍ଥାୟୀ କୃଷି ପ୍ରଯୁକ୍ତିବିଦ୍ୟା ନବସୃଜନ ମାଧ୍ୟମରେ ଆଦିବାସୀ ଏବଂ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଏହି ଅନୁଷ୍ଠାନ ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ନୂଆଦିଲ୍ଲୀରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମିଟ୍ସ ଗ୍ରୁପ୍ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ଏମ୍‌ଆଇପିଏସ୍ ଡିନ୍ ଡ.ଶାନ୍ତନୁ ମହାନ୍ତି ଓ ମିଟ୍ସର ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉକ୍ତ ପୁରସ୍କାର ପାଇବା ପରେ ମିଟ୍ସ ଉପାଧ୍ୟକ୍ଷ ପଣ୍ଡା କହିଛନ୍ତି, ଏହି ଜାତୀୟ ପୁରସ୍କାର ଆମର ଏମ୍‌ଆଇପିଏସ୍‌ର ପାରମ୍ପରିକ କୃଷି ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ମିଶ୍ରଣକରି ଏକ ସ୍ଥିର ଏବଂ ଉତ୍ପାଦନକ୍ଷମ କୃଷି ଇକୋସିଷ୍ଟମ୍ ଗଠନ କରିବା ଦୃଷ୍ଟିକୋଣର ଏକ ପ୍ରମାଣ ବୋଲି କହିଛନ୍ତି।

# ୨୫ରେ ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ

ଭୁବନେଶ୍ୱର,୨୧।୬

ହୋଟେଲ ଆଣ୍ଡ ରେସ୍ତୋରାଁ ଆସୋସିଏସନ୍ ଅଫ ଓଡ଼ିଶା (ଏଚ୍‌ଆର୍‌ଏଓ/ହାରୋ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ (ଓଟିସି) ଆସନ୍ତା ବୁଧବାର ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜନ ହେବାକୁ ଯାଉଛି। ବିଶେଷକରି ଚଳିତ ସଂସ୍କରଣର 'ବିକଶିତ ଓଡ଼ିଶାକୁ ଭାରତୀୟ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରାଇବା' ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ପରିପ୍ରେକ୍ଷୀରେ ହାରୋ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ହାରୋର ସଦସ୍ୟମାନେ ଯୋଗ ଦେଇ ୬ଷ୍ଠ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭର ଆଭିମୁଖ୍ୟ ସାଙ୍ଗକୁ ଆଗାମୀ ଦିନରେ ଶିଳ୍ପର ବିକାଶ ପାଇଁ ଏକ ରୋଡ୍‌ମ୍ୟାପ୍ ଉଭୟ ରାଜ୍ୟ ସରକାର ଓ ହାରୋ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ବିଶେଷକରି ନିବେଶ ଓ ନିଯୁକ୍ତି ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସହିତ ଶିଳ୍ପର ଆବଶ୍ୟକତା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ୨୦୨୫ ଜୁନ୍ ୨୫ରେ ହେବାକୁ ଥିବା ଏହି ଦିନିକିଆ ଓଟିସି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବହୁ ବକ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏପରିକି ଭ୍ରମଣ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞ ଓ ଅଭିଜ୍ଞ ବ୍ୟକ୍ତିବିଶେଷମାନେ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ରହିବେ। ଅପରପକ୍ଷରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ଏହାର ଭିତ୍ତିଭୂମିର ଉନ୍ନତି ସହ ଏହାକୁ କିଭଳି ଆକର୍ଷଣୀୟ କରିବା ସେ ନେଇ ଆଲୋଚନା ସହ ଆବଶ୍ୟକ ଦିଗଗୁଡ଼ିକ ଉପରେ ଚର୍ଚ୍ଚା କରାଯିବ। ସେହିପରି ଓଡ଼ିଶାର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ କିଭଳି ଅଧିକ ହୋଟେଲ ଓ ରିସୋର୍ଟ ନିର୍ମାଣ ସହ ରୋଜଗାର ସୃଷ୍ଟି ତଥା ବିଦେଶ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକର୍ଷିତ କରିବା ଭଳି ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା ହେବ।

# ବଜାରରେ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସ

ଭୁବନେଶ୍ୱର,୨୧।୬(ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରିମିୟମ ବାଇକ୍ ବ୍ରାଣ୍ଡ ତଥା କେଟିଏମ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ 'କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଆର୍‌ଏମ୍ ମୋଟର୍ସ ସମ୍ବଲପୁର ଶୋ'ରୁମ୍ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ବାଇକର୍ସ ଗ୍ରୁପ୍‌ର ସଦସ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏମ୍ ମୋଟର୍ସ ସମ୍ବଲପୁରର ମ୍ୟାନେଜର ଗୁରୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସରେ ସମସ୍ତ ପ୍ରକାର ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ଫିଚର ଓ ଶକ୍ତିଶାଳୀ ଇଞ୍ଜିନ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଏହି ମଡେଲରେ ଏକ ବୃହତ୍ ତୈଳଟାଙ୍କି ( ଫୁଏଲ ଟ୍ୟାଙ୍କ ୧୪.୫ ଲି) ଏବଂ ଓଜନ (ୱେଟ ୧୭୭ କେ.ଜି/କେ) ଓ ଗ୍ରାଉଣ୍ଡ କ୍ଲିଅରାନ୍ସ ୨୦୦ ଏମ୍‌ଏମ୍ ସାଙ୍ଗକୁ ୩୭୩ ସିସି ଇଞ୍ଜିନରେ ଏହି ମଡେଲ ପରିଚାଳିତ ହେଉଛି।


ଅଲ୍ ନ୍ୟୁ କେଟିଏମ୍ ୩୬୦ ଆଡ୍‌ଭେଞ୍ଚର ଏକ୍ସର ଅନାବରଣ ଉତ୍ସବରେ ବାଇକର୍ସ ଗ୍ରୁପ୍‌ର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ- ବି. ଶଙ୍କର)

# ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୧।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପରିସରରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ 'ପାପା ଭୁଲ୍‌ତେ ନେହିଁ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି 'ପାପା ହୈନା ଡିଜିଟାଲ ପ୍ରପର୍ଟି ଅଧୀନରେ' ପାପା ଭୁଲ୍‌ତେ ନେହିଁ ଅଭିଯାନକୁ ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ଡିଜିଟାଲ ବିଜ୍ଞାପନ ସିନେମା,ଯେଉଁଥିରେ ପିତୃତ୍ୱର ଶାନ୍ତ, ଦୃଢ଼ତା ଓ ଦୀର୍ଘସ୍ଥାୟୀ ପ୍ରତିଶ୍ରୁତି ଉପସ୍ଥାପନ କରାଯାଇଛି। ସେହିଭଳି ନିତିଦିନିଆ ଆଦର, ଶୃଙ୍ଖଳା ଓ ସହନଶୀଳତା ସହ ଏହି ସିନେମା ସେହି ବାପାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନେ ଅନେକ ଭୂମିକା ତୁଲାଇଥାନ୍ତି। କିନ୍ତୁ ନିଜ ପ୍ରିୟଜନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେବେ ଭୁଲନ୍ତି ନାହିଁ। ଏହି ସିନେମାରେ ଡାକ୍ତର, ଚାଷୀ, ଅଗ୍ନିଶମ ଅଧିକାରୀ ଓ ଶିକ୍ଷକଙ୍କୁ ବାପା ଭୂମିକାରେ ଦେଖାଯାଇଛି, ଯେଉଁମାନେ ନିଜ ପେସା ସହ ଜଣେ ବାପା ଭଳି ଭୂମିକାରେ ଦର୍ଶାଯାଇଛି।

## ରାଜ୍ୟ

# ଭାଲୁଟାଲରେ ବ୍ୟାପିଲା ଝାଡ଼ାବାନ୍ତି, ୨୨ ଅସୁସ୍ଥ

## ୩ ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି

ବରଗଡ଼,୨୧।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୈନାତୋରା ପଞ୍ଚାୟତ ଅନ୍ତର୍ଗତ ଭାଲୁଟାଲ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏପର୍ଯ୍ୟନ୍ତ ଏଥିରେ ଗ୍ରାମର ୨୨ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ ୨ଜଣଙ୍କ ଚିକିତ୍ସା ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ବେଳେ ବାକି ୧୭ଜଣ ଘରେ ରହି ଚିକିତ୍ସିତ ହେଉଥିବା ସୂଚନା ମିଳିଛି। କେଉଁ କାରଣରୁ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମକୁ ପହଞ୍ଚି ଗ୍ରାମରେ ରହିଥିବା ନଳକୂଅ ପାଣିର ନମୁନା ସହିତ ଅସୁସ୍ଥଙ୍କ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଇଣ୍ଟିଗ୍ରେଟେଡ୍ ପବ୍ଲିକ ହେଲଥ୍ ଲାବରେଟୋରୀ(ଆଇପିଏଚ୍‌ଏଲ୍)କୁ ପଠାଇଛି। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣାପଡ଼ିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. କୁବେର ଚନ୍ଦ୍ର ମହାନ୍ତ କହିଛନ୍ତି।

ସୂଚନା ଅନୁଯାୟୀ, ଉପରୋକ୍ତ ଗ୍ରାମରେ ଶୁକ୍ରବାର ରାତିରୁ ଜଣେ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ସେମାନେ ପ୍ରଥମେ ଚିକିତ୍ସା ପାଇଁ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ୧୭ଜଣ ଘରକୁ ଫେରିଥିବାବେଳେ ୩ଜଣଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ସେହିପରି ଅନ୍ୟ ୨ଜଣ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଗ୍ରାମର ନଳକୂଅ ପାଣି ଯୋଗୁ ଏହା ବ୍ୟାପିଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଝାଡ଼ାବାନ୍ତି ବ୍ୟାପୁଥିବା ଖବର ପାଇ ଶନିବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉକ୍ତ ଗ୍ରାମକୁ ପହଞ୍ଚିଥିଲେ ଏବଂ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ଆଶା, ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଝାଡ଼ାବାନ୍ତି ନିରାକରଣ ସଚେତନତା କରିବା ସହିତ ଲୋକଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ପ୍ରକାଶଥାଉ କି, ଗତ କିଛିଦିନ ତଳେ ପାଇକମାଳ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିଲା। ତାହା ଏବେ ସେଠାରେ ନିୟନ୍ତ୍ରଣାଧୀନ ଥିବା ବେଳେ ସମସ୍ତ ଅସୁସ୍ଥ ଚିକିତ୍ସା ପରେ ଘରକୁ ଫେରିଛନ୍ତି।


ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଅସୁସ୍ଥମାନେ ଚିକିତ୍ସାଧୀନ ଅଛନ୍ତି।

# ପିତଳ ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ହିଞ୍ଜିଳିକାଟୁ, ୨୧।୬(ଦ୍ୱିତୀକୃଷ୍ଣ ପଣ୍ଡା):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପିତଳ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ସରପଞ୍ଚ ରାମରାଘବ ପାତ୍ର ଓ ପିତଳ ଭାଜପା ମଣ୍ଡଳ ସଭାପତି ବିଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାରେ ଶନିବାର ହିଞ୍ଜିଳି ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହିଞ୍ଜିଳି ଥାନା ପିତଳ ଗ୍ରାମର ଦିଲୀପ ବେହେରା (୩୭), ନବଜୀବନ ବେହେରା (୨୩), ଗାଙ୍ଗପୁର ଥାନା ପଳାସପଲ୍ଲୀ ଗ୍ରାମର ଆଲୋକ କୁମାର ସ୍ୱାଇଁ (୨୦) ଓ ଧରାକୋଟ ଥାନା ଶରଧାପୁର ଗ୍ରାମର ବିକାଶ ପ୍ରଧାନ (୨୩)। ଗିରଫ ଯୁବକମାନଙ୍କଠାରୁ ୩ଟି ଠେଙ୍ଗା, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ବାଇକ (ଓଡି୦୭ଏନ ୭୨୪୦) ଜବତ କରାଯାଇଛି। ଗିରଫ ଯୁବକଙ୍କୁ ଶନିବାର ଶେରଗଡ଼ କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପିତଳ ଗ୍ରାମ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ପିତଳ ସରପଞ୍ଚ ଓ ଭାଜପା ନେତା ପ୍ରଧାନଙ୍କ ଉପରେ ୮ରୁ ଊର୍ଦ୍ଧ୍ୱ ଲୋକ ଅତର୍କିତ ଆକ୍ରମଣ କରିଥିଲେ। ସେମାନେ ଗୁରୁତର ଆହତ ହୋଇଥିଲେ। ସରପଞ୍ଚଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।


No.O-318

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526



**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
Advertisement No. I-OSACS-TI-OST-30/2024/642 Date: 18.06.2025

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/ AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

**Sd./- Project Director**


**2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)**
**National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com**
OIPR-10009/11/0050/2526


# ପୃଥିବୀର ଫୁସ୍‌ଫୁସ୍ ବଞ୍ଚାଇବାର ପ୍ରୟାସ ହେଉ

## ଆଜି ବିଶ୍ୱ ବୃଷ୍ଟିପୁଷ୍ଟ ଅରଣ୍ୟ ଦିବସ

ମନୁଷ୍ୟ ସମାଜ ଓ ପରିବେଶ ପାଇଁ ବନ ବା ଜଙ୍ଗଲର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ ଅମ୍ଳଜାନ ଯୋଗାଇବା ସହ ଭଲ ବର୍ଷା ହେବାରେ ସାହାଯ୍ୟ କରିଥାଏ। ଏଥିସହିତ ଜଙ୍ଗଲରେ ଅନେକ ପ୍ରକାର ଔଷଧୀୟ ବୃକ୍ଷଲତା ଭରି ରହିଛି। ପଶୁପକ୍ଷୀଙ୍କ ଆବାସସ୍ଥଳୀ ହେଉଛି ଅରଣ୍ୟ। ହେଲେ ଏବେ ଜଙ୍ଗଲକ୍ଷୟ ଚିନ୍ତାର କାରଣ ପାଲଟିଛି। କଳକାରଖାନା ପ୍ରତିଷ୍ଠା, ଭିତ୍ତିଭୂମି ବିଶେଷକରି ନିର୍ମାଣ ପ୍ରକଳ୍ପର ଦ୍ରୁତ ବୃଦ୍ଧି ପାଇଁ ବହୁ ସ୍ଥାନରେ ଜଙ୍ଗଲକୁ କାଟି ଦିଆଯାଉଛି। ଫଳରେ ଏହାର ପ୍ରଭାବ ପରିବେଶ, ପରିସଂସ୍ଥାନ ସହ ମାନବ ସମାଜ ଓ ପ୍ରାଣୀ ଜଗତ ଉପରେ ଗଭୀର ଭାବେ ପଡୁଛି। ଏପରିକି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ଏହା ପ୍ରଭାବିତ କରିଚାଲିଛି। ମଣିଷ ଓ ଜୀବଜନ୍ତୁ ତିଷ୍ଠିବା ଲାଗି ବୃଷ୍ଟିପୁଷ୍ଟ ଅରଣ୍ୟର ଭୂମିକା ଯଥେଷ୍ଟ ରହିଛି। ଏହାର ସୁରକ୍ଷା ସକାଶେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୨୨ ତାରିଖକୁ 'ବିଶ୍ୱ ବୃଷ୍ଟିପୁଷ୍ଟ ଅରଣ୍ୟ ଦିବସ' (WORLD RAIN FOREST DAY) ଭାବରେ ପାଳନ କରାଯାଇଆସୁଅଛି। ପ୍ରାୟତଃ ଏହି ଅଞ୍ଚଳରେ ବର୍ଷାର ପରିମାଣ ସର୍ବାଧିକ ରହିଥିବାରୁ ଅରଣ୍ୟ ବଢ଼ିବା ଦିଗରେ ବିଶେଷ ସହାୟକ ହୋଇଥାଏ।

ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜଙ୍ଗଲ ଓ ଖାଦ୍ୟ'। ଏହି ଅବସରରେ ବୃଷ୍ଟିପୁଷ୍ଟ ଅରଣ୍ୟକୁ ସୁରକ୍ଷା ସେବା ଲାଗି ଲୋକମାନଙ୍କୁ ସଚେତନ କରାଯାଏ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ଏହାର ଭୂମିକା ମଧ୍ୟ ରହିଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣକୁ ଏହା ସନ୍ତୁଳିତ ରଖିଥାଏ। ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ପରିବେଶରେ ପରିବର୍ତ୍ତନ ଘଟି ସମଗ୍ର ପରିସଂସ୍ଥା ଏବେ ଦ୍ରୁତଗତିରେ ନଷ୍ଟ ହେଉଛି। ଏବେଠାରୁ ଏ ବିଷୟରେ ସର୍ବାଧିକ ଗୁରୁତ୍ୱ ଦିଆ ନ ଗଲେ ଜୈବବିବିଧତା, ଜଳବାୟୁ ବ୍ୟବସ୍ଥା ଏବଂ ମାନବ ତିଷ୍ଠିରହିବା ଉପରେ ନକାରାତ୍ମକ ପ୍ରଭାବ ପକାଇବ। କାରଣ ବୃଷ୍ଟିପୁଷ୍ଟ ଅଞ୍ଚଳର ଆକାର କମିଗଲେ ବର୍ଷା କମିଯିବ ଓ ତାହା ମଣିଷର ଖାଦ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମ ଗ୍ରହର ଫୁସଫୁସ୍ ଭାବେ ପ୍ରତୀୟମାନ ହେଉଥିବା ବୃଷ୍ଟିପୁଷ୍ଟ ଅରଣ୍ୟକୁ କିଭଳି ସୁରକ୍ଷିତ ରଖିହେବ ସେହି ଦିଗରେ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।



Happy 18th Marriage Anniversary



**Satrughna & Pusparekha**

Subhaavinandan From: Tutu Nana, Minu Bhauja, Prakash Nana, Buli Nani.

ଧ-୧୦୨୪



**ଯୁବ ଅଧ୍ୟାପକଙ୍କ ସମାଜ ବିଜ୍ଞାନରେ Ph.D.**



ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ସମାଜ ବିଜ୍ଞାନ ଅଧ୍ୟାପକ ଶ୍ରୀ ରାହୁଲ ମହାନ୍ତି ସମାଜ ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ Ph.D. ପ୍ରାପ୍ତ ହୋଇଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର Prof. Dr. ତନୟା ମହାନ୍ତିଙ୍କ ଅଧୀନରେ "REHABILITATION OF SURRENDERED NAXALITES: A STUDY IN ODISHA" ବିଷୟରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର Prof. Dr. P.G. Nagaraju Gandemeda ଓ Prof. Dr. Ajailiu Niumai, Centre of the Study of Social Exclusion, Inclusive Policy, University of Hyderabadଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ମହାନ୍ତି ପୁରୀନିବାସୀ ଅବସରପ୍ରାପ୍ତ ପୋଲିସ S.P. ସନ୍ତୋଷ କୁମାର ମହାନ୍ତି, ମାତା ସୁଜାତା ମହାନ୍ତିଙ୍କର କନିଷ୍ଠ ପୁତ୍ର ଅଟନ୍ତି ଓ BJB College, Pondychery University ଓ ଦିଲ୍ଲୀରେ ଅଧ୍ୟୟନ କରିଛନ୍ତି। ତାଙ୍କର ଗବେଷଣାର ଶ୍ରେୟ ମହାପ୍ରଭୁ ଜଗନ୍ନାଥ, ଶ୍ରୀମା' ଓ ଶ୍ରୀଅରବିନ୍ଦ ଓ ବାପା ମା'ଙ୍କୁ ଦିଅନ୍ତି। ଏହାଛଡ଼ା ଏହି ଗବେଷଣାରେ ଅକୁଣ୍ଠ ସହଯୋଗ ପାଇଁ Prof. Dr. Nabanita Rath, Dr. Prof. Rabindra Garadaଙ୍କ ପାଖରେ କୃତଜ୍ଞତା ଜଣାଇଛନ୍ତି। ଏହାଛଡ଼ା, ଗବେଷଣାର ମୁଖ୍ୟ ଶ୍ରେୟ ଶ୍ରୀ M. Akhaya I.P.S. Former D.G. Odisha ଯେ କି ମୂଳରୁ ପ୍ରୋତ୍ସାହିତ କରିବା ସଙ୍ଗେସଙ୍ଗେ ଗବେଷଣାରେ ଅନବରତ ଦିଗ୍‌ଦର୍ଶନ ଦେଇଛନ୍ତି। ଶ୍ରୀ ସଞ୍ଜୀବ ପଣ୍ଡା IPS, Ex Director, Intelligence, Odishaଙ୍କ ଅକୁଣ୍ଠ ସହଯୋଗ ଓ ଅନବରତ ଦିଗ୍‌ଦର୍ଶନ ଦେଇଛନ୍ତି। ଏହି ଦୁଇଜଣ ବରିଷ୍ଠ I.P.S.ଙ୍କ ନିକଟରେ ସେ କୃତଜ୍ଞତା ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟର Deptt. of Sociologyର ସମସ୍ତ Faculty ଓ ବନ୍ଧୁମାନଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି।

ଧ-୭୬୦୬୪


# ଶ୍ରୀଲଙ୍କା-ବାଂଲାଦେଶ ପ୍ରଥମ ଟେଷ୍ଟ ଡ୍ର'

## ଶାନ୍ତୋଙ୍କ କ୍ରମାଗତ ଶତକ

**ଗାଲେ,୨୧।୬**

ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ଶନିବାର ଡ୍ର' ଭାବେ ଶେଷ ହୋଇଛି। ପ୍ରଥମ ଇନିଂସରେ ବାଂଲାଦେଶ ୪୯୫ ରନ କରିଥିବା ବେଳେ ଶ୍ରୀଲଙ୍କା ୪୮୫ ରନ କରିଥିଲା। ଫଳରେ ୧୦ ରନରେ ଆଗୁଆ ରହିଥିବା ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୨୮୫ ରନ କରିଥିବା ବେଳେ ପାଳି ଘୋଷଣା କରିଥିଲା। ଏଥିଯୋଗୁ ୨୯୬ ସ୍କୋର ନେଇ ଓହ୍ଲାଇଥିବା ଘରୋଇ ଶ୍ରୀଲଙ୍କା ପଞ୍ଚମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୭୨ ରନ କରିଥିଲା। ଫଳରେ ମାଚ୍‌କୁ ଡ୍ର' ଘୋଷିତ କରାଯାଇଥିଲା। ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିବା ନଜମୁଲ ହୋସେନ ଶାନ୍ତୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜରିଆରେ ଭେଟେରାନ ଆଞ୍ଜେଲୋ ମାଥ୍ୟୁ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କଲମ୍ବୋଠାରେ ଆସନ୍ତା ୨୫ ତାରିଖରୁ ଖେଳାଯିବ।

ଶନିବାର ତଥା ମ୍ୟାଚ୍‌ର ପଞ୍ଚମ ଦିନ ବାଂଲାଦେଶ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର (୧୭୭/୩)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ରହିଥିବା ବ୍ୟାଟର ମୁଶଫିକର ରହିମ ୪୯ ରନ କରି ଆଉଟ୍ ହୋଇଥିବା ବେଳେ ଶାଣ୍ଟୋ ୧୨୫ ରନ କରି ଅପରାଜିତ ରହିଥିଲେ। ଦୁହେଁ ଚତୁର୍ଥ ଉଇକେଟ ପାଇଁ ୧୦୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଟନ ଦାସ ୭, ଜାକର ଅଲୀ ୨ ରନ କରିଥିଲେ। ଦଳୀୟ ସ୍କୋର ୨୮୫/୬ ହୋଇଥିବା ବେଳେ ବାଂଲାଦେଶ ପକ୍ଷରୁ ଇନିଂସ ସମାପ୍ତ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ଥାରିନ୍ଦୁ ରତନାୟକେ ୩ ଉଇକେଟ ନେଇଥିଲେ। ଫଳରେ ଘରୋଇ ଶ୍ରୀଲଙ୍କା ଆଗରେ ୨୯୬ ରନର ଟାର୍ଗେଟ ଛିଡ଼ା ହୋଇଥିଲା। ଜବାବରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୭୨ ରନ କରିଥିଲା। ଦଳ ପକ୍ଷରୁ ପଥୁମ ନିଶଙ୍କ ୨୪, ଲାହିରୁ ଉଡାରା ୯, ଦୀନେଶ ଚଣ୍ଡିମାଲ ୬ ଓ କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳୁଥିବା ମାଥ୍ୟୁସ ୮ ରନ କରି ଆଉଟ୍ ହୋଇଥିଲେ। କାମିଣ୍ଡୁ ମେଣ୍ଡିସ ଓ ଅଧିନାୟକ ଧନଞ୍ଜୟ ଡି ସିଲଭା ୧୨ ଲେଖାଏ ରନ କରି ଅପରାଜିତ ରହିଥିଲେ। ବିଜୟ ଦଳ ପକ୍ଷରୁ ତାଇଜୁଲ ଇସଲାମ ୩ ଓ ନୟିମ ହାସନ ଗୋଟିଏ ଉଇକେଟ ନେଇଥିଲେ।



ହୋସେନ ଶାନ୍ତୋ

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୪୯୫।
ଶ୍ରୀଲଙ୍କା ପ୍ରଥମ ଇନିଂସ: ୪୮୫।
ବାଂଲାଦେଶ ଦ୍ୱିତୀୟ ଇନିଂସ: ୨୮୫/୬ (ନଜମୁଲ ହୋସେନ ଶାନ୍ତୋ-୧୨୫*, ଶଦମାନ ଇସଲାମ-୭୬, ମୁଶଫିକର ରହିମ-୪୯, ଥାରିନ୍ଦୁ ରତନାୟକେ-୩/୧୦୨)।
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୭୨/୪ (ପଥୁମ ନିଶଙ୍କ-୨୪, କାମିଣ୍ଡୁ ମେଡିସ-୧୨, ଧନଞ୍ଜୟ ଡି ସିଲଭା-୧୨, ତାଜୁଲ ସ୍ଲାମ-୩/୧୬)।

# ଭାରତୀୟ ମହିଳା ରେସ୍‌ଲର ଜିତିଲେ ଟିମ୍ ଟାଇଟଲ

## ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍

**ଭୁଙ୍ଗ ତାଉ (ଭିଏତ୍‌ନାମ), ୨୧।୬ (ପି.ଟି.)**

ଭାରତୀୟ ମହିଳା ରେସ୍‌ଲରମାନେ ଏଠାରେ ଚାଲିଥିବା ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଦଳଗତ ଟାଇଟଲ ହାସଲ କରିଛନ୍ତି। ସେମାନେ ପ୍ରତ୍ୟେକ ୧୦ କାଟେଗୋରୀରେ ପଦକ ଜିତିବାରେ ସଫଳ ରହିଥିଲେ। ତନ୍ମଧ୍ୟରେ ୪ ସ୍ୱର୍ଣ୍ଣ ଓ ୫ ରୌପ୍ୟ ରହିଛି। ପ୍ରିୟାଂଶୀ ପ୍ରଜାପତ (୫୦କେଜି), ରୀନା (୫୫କେଜି), ସୃଷ୍ଟି (୬୮କେଜି) ଓ ପ୍ରିୟା (୭୬କେଜି) ପୋଡିୟମର ଟପ୍‌ରେ ରହିଥିଲେ। ଶୁକ୍ରବାର ଅନ୍ୟ ୫ ମହିଳା ରେସ୍‌ଲର ସ୍ୱର୍ଣ୍ଣ ପଦକ ବାଉଟ୍ ଲଢ଼ିଥିଲେ ହେଁ ରନରଅପ୍ ହୋଇଥିଲେ। ସେମାନେ ହେଲେ ନେହା ଶର୍ମା (୫୭କେଜି), ତନ୍ୱି (୫୯କେଜି), ପ୍ରଗତି (୬୨କେଜି), ଶିଖା (୬୫କେଜି) ଓ ଜ୍ୟୋତି ବରୱାଲ (୭୨କେଜି)। ଗ୍ରୀକୋ-ରୋମାନ ଷ୍ଟାଇଲରେ ସୁମିତ ୬୩ କେଜିରେ ସ୍ୱର୍ଣ୍ଣ ଜିତିଥିବାବେଳେ ନୀତିଶ (୯୭କେଜି) ଓ ଅଙ୍କିତ ଗୁଲିଆ (୭୨କେଜି) ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୁରୁଷ ଫ୍ରି-ଷ୍ଟାଇଲ ଇଭେଣ୍ଟରେ ଭିକି ୯୭କେଜି କାଟେଗୋରୀରେ ସ୍ୱର୍ଣ୍ଣ ଜିତିଥିବା ବେଳେ ନିଖିଲ (୬୧କେଜି), ସୁଜିତ କାଲ୍‌କାଲ୍(୬୫କେଜି), ଜୟଦୀପ (୭୪କେଜି), ଚନ୍ଦରମୋହନ (୭୯କେଜି) ଓ ସଚିନ (୯୨କେଜି) ପ୍ରମୁଖ ସ୍ୱର୍ଣ୍ଣ ମୁକାବିଲାରେ ଅଛନ୍ତି।



# ଯୋଗ ଦିବସ ପାଳନ କଲେ ମାଣ୍ଡବ୍ୟ



**ନୂଆଦିଲ୍ଲୀ, ୨୧।୬ (ପି.ଟି.)**

କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବିଭିନ୍ନ ଆସନ ସହ ଶନିବାର ୧୫୦୦ ଅଂଶଗ୍ରହଣକାରୀଙ୍କ ସହ ୧୧ତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରିଛନ୍ତି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମସ୍ଥିତ ସାଇକ୍ଲିଂ ଭେଲୋଡ୍ରୋମ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଅଭିନେତ୍ରୀ ରକୁଲପ୍ରୀତ ସିଂ ଓ ଜ୍ୟାକି ଭଗନାନିଙ୍କୁ 'ଫିଟ୍ ଇଣ୍ଡିଆ ଆଇକନ୍' ଭାବେ ଘୋଷଣା କରାଯାଇଥିଲା। ଏହି ଇଭେଣ୍ଟରେ କେତେଜଣ କ୍ରୀଡ଼ାବିତ୍ ଉପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା। ସେମାନଙ୍କ ମଧ୍ୟରେ ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ଏବଂ ଭାରତର ପୂର୍ବତନ ହକି ଅଧିନାୟିକା ରାଣୀ ରାମପାଲ ଅନ୍ୟତମ। ଅନ୍ୟ ଜଣେ ସେଲିବ୍ରିଟୀ ମଧୁରିମା ତୁଲୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

Wanted bride for a brahmin A.I. Engineer(5'7", 28years, 12 lakh PA) Father- Journalist, Mother- Govt. Officer. Contact: 9438618405, 9668535250. D- 958

ତେଲି ଜାତିର Chartered Accountant ପୁଅ ପାଇଁ ଉତ୍ତମ କନ୍ୟା ଆବଶ୍ୟକ। Mob. No.- 9438298983, 9437920196. D-75626

Beautiful Khandayat Girl 24+, 5'4", B.Tech Serving Software Engineer, Bhubaneswar. "SUNASANSAR". 9937512659. D-76277

Punjabi Khatri Boy 1991, 5'11", B.Tech, reputed Job in Tata Steel Odisha requires homely girl (9914687015). D-1019

Seeking Bride for 26-year-old, 5'6", Kumbhar Boy, Govt. Teacher. Looking for well-Educated/Teacher bride from same community. WhatsApp: 7849064080. D-1018

**GROOM WANTED**

ବୟସ 27 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-1017

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ-48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944



**REAL ESTATE**

**SALE**

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950


ଭୁବନେଶ୍ୱରରୁ ପୁରୀକୁ ଯାଉଥିବା ପ୍ରସ୍ତାବିତ ୮ ଲାଇନ୍ ରାସ୍ତାକୁ ଲାଗି **per sqft. 349/-** ଜାଗା ବିକ୍ରି ହେବ। କିଣିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। **Mobile- 8917204109, 9777783962.** D-1021

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

For sale- Prime Plot, Centrally located, free hold Residential Plot, 7643sft. 72ft. frontage with 20ft. wide front and rear roads having Sewerage line, electricity, near Old Station Square, Bhubaneswar- 751006. Contact: 09861129953. D- 960

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276



FOR RENT

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

**LEASE**

**WANTED- A OPEN LAND 1 TO 3 Acres of Land on purchase or lease at PANIKOILI (Jajpur) touching to NH for Tile/ Marvel store. Contact: 7809525452.** D- 76466



Healthcare

Newly open health benefits SPA by expert therapist. Contact- 8280961126. D-76924

Positively health benefits SPA expert female therapist homely atmosphere. 8658088274. D-974

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open Jyoti SPA positively health benefits (expert therapist). 8458067955. D-76923

**AFFIDAVIT**

By virtue of an affidavit sworn before Executive Magistrate, Puri by A.No.- 3428 on dated- 30.05.2025, I, Sri Hemanta Kumar Naik, S/o. Late Gangadhar Naik of Bali Sahi, Saradadevi Road, P.S.- Sea Beach, Puri-752001, declare that I have changed my name from Hemanta Kumar Nayak to Hemanta Kumar Naik. Henceforth, I shall be known as Hemanta Kumar Naik, S/o. Late Gangadhar Naik for all future purposes. D-1020

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

Before the Executive Magistrate, Nayagarh, vide SL No.- 8/2, dtd. 05.05.25. Before my marriage I was known as Samita Patra, D/o- Banamali Patra. After marriage to Chittaranjan Nayak, Vill- Dwaragaon, P.O.- Dihagaon, P.S.- Daspalla, Dist.- Nayagarh I shall be known as Samita Nayak, W/o- Chittaranjan Nayak for all purposes. D-1031

By virtue of an affidavit sworn before Notary Public, Prasant Kumar Ray, Bhubaneswar, date- 11.06.2025, I, Bharat Nayak, Address: At- Salia Sahi Nilachakra Nagar, Jayadev Vihar, P.O.-R.R.L, P.S.- Nayapalli declare that I have changed my daughter's Name from Rasmita Patra to Rashmita Nayak. Henceforth, She shall be known as Rashmita Nayak for all purposes
Applicant Name
Bharat Nayak D-1032

By virtue of an affidavit sworn before Executive Magistrate, Rourkela, dated 21.5.25, I, Laxmi Gouda, permanent Resident of Bhagaban Rice Mill, Contractor Pada, Phulbani, Kandhamal, Odisha declared that I have changed my name from Runu Gouda to Laxmi Gouda. Henceforth, I shall be known as Laxmi Gouda for all purpose.
Laxmi Gouda
D-1026

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Rourkela, dated 15.5.25, I, Pravati Gouda permanent Resident of Harijan Sahi, Phulbani Sahi, Phulbani, Kandhamal, Odisha declared that I have changed my name from Sweety Gouda to Pravati Gouda. Henceforth, I shall be known as Pravati Gouda for all purpose.
Pravati Gouda
D-1027

By virtue of an affidavit before the Court of Executive Magistrate, Rayagada, I, Mohan Kumar Sahu, S/o- Kumadan Sahu, At/P.O.-Seriguma, Via- J K Pur, P.S.- Kalyansinghpur, Dist.- Rayagada, PIN-765017 do hereby declare that I have changed my former name from Manoja Kumar Sahukar to Mohan Kumar Sahu by this affidavit DR No.- 559, dt.20.06.2025. Henceforth, I shall be known as Mohan Kumar Sahu of Aadhaar No.- xxxx xxxx 0263 for all future purposes.
Mohan Kumar Sahu
Deponent
D-1029

By virtue of an affidavit sworn before Executive Magistrate, Rayagada, dated 31st May 2025, I, Pradeep Kumar Gouda, Address: Roit Colony 8th Lane, Rayagada declare that I have changed the name of my daughter from Arapita Gouda to Arpita Gouda. Henceforth, She shall be known as Arpita Gouda for all purposes. D-1028



**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଦାଶରଥି ମହାପାତ୍ର**
(ପୂର୍ବତନ ପ୍ରଧାନ ଶିକ୍ଷକ)
ଆବିର୍ଭାବ: ୧୦.୦୬.୧୯୩୮ ତିରୋଧାନ: ୧୨.୦୬.୨୦୨୫
ଗୋଳାପୋଖରୀ, ତିହିଡ଼ି, ଭଦ୍ରକ

ତୁମର ଆଦର୍ଶ, ଦୂରଦୃଷ୍ଟି, କର୍ମ ପ୍ରବଣତା, ସହିଷ୍ଣୁତା, ଆତ୍ମୀୟତା, ବିଶ୍ୱାସନୀୟତା, ସାହସିକତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ନିଷ୍କପଟ ବ୍ୟକ୍ତିତ୍ୱ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆମ୍ଭମାନଙ୍କ ଉପରେ ତୁମର ଆଶିର୍ବାଦ ସବୁବେଳେ ରହିଥାଉ।

**ଶୋକସନ୍ତପ୍ତ:**
ମହାପାତ୍ର ପରିବାରବର୍ଗ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ।

ଧ-୭୬୮୩୪

**ଦଶାହ ଉପଲକ୍ଷେ**




**୰ଦ୍ରୌପଦୀ ବେହେରା**
ସ୍ଥାନ: ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୪
ତିରୋଧାନ: ୧୩।୦୬।୨୦୨୫

ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁତ୍ର- ସନ୍ତୋଷ ବେହେରା, ପୁତ୍ରବଧୂ- ଶାନ୍ତି ବେହେରା, ନାତି- ଜାକେଶ ବେହେରା, ନାତୁଣୀ- ସାଗରିକା, ସ୍ୱାଗତିକା, ପ୍ରିୟାଂଶୀ ଏବଂ ପରିବାରବର୍ଗ

ଧ-୧୦୧୫

ଅନନ୍ତ ପଥର ଯାତ୍ରୀ
**ଶ୍ରୀ ବିଧୁ ଭୂଷଣ ମିଶ୍ରଙ୍କର**
ପାର୍ଥିବ ଅବର୍ତ୍ତମାନର
ପ୍ରଥମ ବାର୍ଷିକୀ ଅବସର ରେ .....



ସ୍ୱର୍ଗବାସ: ୦୩.୦୭.୨୦୨୪

ଭଲ ମଣିଷଟିଏ ତୁମେ, ତୁମର ବିଲୟ ନାହିଁ। ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ଥିତି ଓ ଗତି ପରି ତୁମର ପ୍ରାଣବନ୍ତ ଓ ଶାଶ୍ୱତ ସ୍ମୃତି, ଚିରନ୍ତନ ଆମ ସମସ୍ତଙ୍କର ହୃଦୟରେ ସ୍ପନ୍ଦିତ।

"ଶେଫାଳି ଝରଇ ଭୋର ଶିଶିରରେ
ମନ ଝୁରେ ନିତି ପ୍ରତି
ମାନବତା ଝୁରେ ଆକୁଳେ ଗୋପନେ
ହୃଦେ ଜାଳି ମଧୁସ୍ମୃତି।"

ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ସବୁବେଳେ ରହିଥାଅ
**ବନ୍ଧୁ ଓ ପରିବାର ବର୍ଗ**

ଧ-୧୦୧୨



# ଏକାଡେମିକ୍ ଗ୍ୟାପ୍

**ଭଲ ପାଠ ପଢ଼ି କ୍ୟାରିୟରେ ସଫଳତା ହାସଲ କରିବାକୁ ପ୍ରତ୍ୟେକ ଛାତ୍ରୀଛାତ୍ର ଚାହାନ୍ତି। ଆଉ ଏଥିପାଇଁ କାହା କାହାକୁ ବି ନେବାକୁ ହୋଇଥାଏ ଏକାଡେମିକ୍ ଗ୍ୟାପ୍। ଯେଉଁମାନେ ଆତ୍ମବିଶ୍ୱାସ ରଖି ଏହି ସମୟର ସଦୁପଯୋଗ କରନ୍ତି, ସେମାନଙ୍କ ପାଇଁ ସଫଳତାର ମାର୍ଗ ହୋଇଯାଏ ଅଧିକ ସରଳ ଓ ସହଜ...**

ପ୍ଲସ୍ ୨ ପଢ଼ିବା ପରେ କିମ୍ବା ହାୟରଷ୍ଟଡି ପାଇଁ ଅନେକ ଛାତ୍ରୀଛାତ୍ର ଏକାଡେମିକ୍ ଗ୍ୟାପ୍ ନେଇଥାନ୍ତି। ବିଭିନ୍ନ ପ୍ରଫେଶନାଲ୍ କୋର୍ସ ଏଣ୍ଟ୍ରାନ୍ସ ଭଲ କରିବା ଲାଗି ଏହି ସମୟରେ ସେମାନେ କୋଚିଂ ନେଇ ହେଉ ଅବା ଘରେ ପଢ଼ି ନିଜକୁ ପ୍ରସ୍ତୁତ କରନ୍ତି। ତେବେ ଏକାଡେମିକ୍ ଗ୍ୟାପ୍ ନେଉଥିଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...

**ସଠିକ୍ ଯୋଜନା:** ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ପାଠ ପଢ଼ିବା ପରେ ଗ୍ୟାପ୍ ନେଇ ପୁଣିଥରେ ଆଗକୁ ପଢ଼ିବା ଏକ ସହଜ କାର୍ଯ୍ୟ ନୁହେଁ। ହେଲେ ସଫଳ କ୍ୟାରିୟର ଗଠନ ପାଇଁ ଏକ ଭଲ ସଂସ୍ଥାରେ ନିଜ ପସନ୍ଦର ପାଠ ପଢ଼ିବା ଲାଗି ପ୍ରଥମେ ଏଣ୍ଟ୍ରାନ୍ସରେ ଭଲ ପ୍ରଦର୍ଶନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଏଭଳି ଲକ୍ଷ୍ୟ ରଖି ଏକାଡେମିକ୍ ଗ୍ୟାପ୍ ନେବାକୁ ଚାହୁଁଛନ୍ତି ତେବେ କେଉଁ କୋର୍ସ କରିବେ, ସେଥିପାଇଁ କେଉଁଠି କୋଚିଂ ନେବେ, ଘରେ ପ୍ରସ୍ତୁତି କରିବାକୁ ଚାହୁଁଥିଲେ ବହି ଏବଂ ଆବଶ୍ୟକ ପାଠ୍ୟସାମଗ୍ରୀ କେଉଁଠୁ ଆଣିବେ ଆଦି ଭଲ ଭାବେ ପ୍ଲାନିଂ କରିବା ନିହାତି ଆବଶ୍ୟକ।

**ମାନସିକସ୍ତରରେ ଦୃଢ଼ ହୁଅନ୍ତୁ:** ଏତେବର୍ଷ ପଢ଼ା ପରେ ଗ୍ୟାପ୍ ମିଳିଲେ ସ୍କୁଲ, କଲେଜ ଯିବାର ଟେନ୍‌ସନ୍ ନ ଥିବାରୁ ଅନେକେ ପ୍ରଥମେ କିଛି ଦିନ ଆରାମ କରିବା, ବୁଲାବୁଲି କରିବା ଏବଂ ସାରା ବର୍ଷ ପଢ଼ିବା ଭାବି ଅବହେଳା କରିବସନ୍ତି। ହେଲେ ଏପରି ଆଦୌ ନ କରି ପ୍ରଥମରୁ ଭଲ ଭାବେ ପଢ଼ା ଆରମ୍ଭ କରନ୍ତୁ। ଆଦୌ ସମୟ ନଷ୍ଟ ନ କରି ନିଜକୁ ମାନସିକ ସ୍ତରରେ ଦୃଢ଼ କରି ଉଦ୍ୟମ କଲେ ଲକ୍ଷ୍ୟ ହାସଲ କରିବା ସହଜ ହୋଇପାରିବ।

**ଟାଇମ୍ ଟେବୁଲ୍ କରନ୍ତୁ:** ପ୍ରତିଦିନ କେଉଁସବୁ ବିଷୟ ପଢ଼ିବେ ଏବଂ କେତେ ସମୟ ପଢ଼ିବେ, ସେଥିପାଇଁ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପୂର୍ବରୁ ଏ କ୍ଷେତ୍ରରେ ସଫଳତା ପାଇଥିବା ସିନିୟରମାନଙ୍କଠାରୁ ସେମାନଙ୍କ ପ୍ରସ୍ତୁତି କରିବାର ଟିପ୍ସ ଗ୍ରହଣ କରନ୍ତୁ। ଆବଶ୍ୟକସ୍ଥଳେ ଏକ୍ସପର୍ଟଙ୍କ ସହାୟତା ନେଲେ ଅଧିକ ଉପକୃତ ହୋଇପାରିବେ। ଧ୍ୟାନରେ ରଖନ୍ତୁ, ଆଦୌ ଅଳସୁଆ ନ ହୋଇ ପ୍ରତିଦିନ ପଢ଼ିବାର ଅଭ୍ୟାସ ରଖନ୍ତୁ, ଦେଖିବେ ସଫଳତା ନିଶ୍ଚୟ ମିଳିବ।

**ମିନି ଟେଷ୍ଟ ଦିଅନ୍ତୁ:** ଯାହା ପଢ଼ୁଛନ୍ତି, ତାହା କେତେ ମନେରହିଲା ଜାଣିବା ପାଇଁ ସପ୍ତାହରେ ଅନ୍ତତଃ ଥରେ ଏକ ମିନି ଟେଷ୍ଟ ଦିଅନ୍ତୁ। ପୂର୍ବବର୍ଷଗୁଡ଼ିକର ପ୍ରଶ୍ନପତ୍ର ବା ୱାର୍କଶିଟ୍ ସଂଗ୍ରହ କରି ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ ଚେଷ୍ଟା କରନ୍ତୁ।

**କରନ୍ତୁ ସ୍କିଲ୍ ଡେଭଲପ୍:** ଗ୍ୟାପ୍ ସମୟରେ ନିଜ ପ୍ରସ୍ତୁତି ଠିକ୍ ଭାବେ କରିବା ସହ ନିଜର ପବ୍ଲିକ୍ ସ୍ପିକିଂ, ରାଇଟିଂ, ସ୍ପିଡ୍ ଟାଇପିଂ ଆଦି ସ୍କିଲ୍ ମଧ୍ୟ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ, ଯାହା ଆପଣଙ୍କୁ ଭବିଷ୍ୟତରେ କ୍ୟାରିୟର ଗ୍ରୋଥ୍ ପାଇଁ ବହୁତ କାମରେ ଆସିପାରିବ।

**ଅନ୍ୟ କଥାରେ ପ୍ରଭାବିତ ହୁଅନ୍ତୁ ନାହିଁ:** ଏକାଡେମିକ୍ ଗ୍ୟାପ୍ ନେଉଥିବା ଛାତ୍ରୀଛାତ୍ରଙ୍କୁ ଅନେକେ ବିରୋଧ କରନ୍ତି ଏବଂ ଅଯଥା ବର୍ଷଟିଏ ନଷ୍ଟ କାହିଁକି କରୁଛ, ତୁମ ସାଙ୍ଗସାଥୀ ଆଗକୁ ପଢ଼ିଯିବେ ତୁମେ ପଛରେ ରହିଯିବ, ବର୍ଷେ ଗ୍ୟାପ୍ ନେଲେ କ'ଣ ଏଣ୍ଟ୍ରାନ୍ସ ଭଲ ହୋଇଯିବ? ଏଭଳି ଅନେକ କଥା କୁହନ୍ତି। ହେଲେ ଏଭଳି କଥାର ନକାରାତ୍ମକ ପ୍ରଭାବ ଯେପରି ମନରେ ନ ପଡ଼େ ଅବା ଗ୍ୟାପ୍ ନେଇ ଭୁଲ୍ କରିଦେଲି ଭଳି ଭାବନା ମନକୁ ନ ଆସେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ। ଅନ୍ୟ କଥାରେ ପ୍ରଭାବିତ ନ ହୋଇ ନିଜ ଲକ୍ଷ୍ୟ ଉପରେ ଫୋକସ୍ କରନ୍ତୁ ଏବଂ କିପରି ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସଫଳତା ପାଇବାକୁ ଏକ ବୋଝ ଭାବେ ଗ୍ରହଣ ନ କରି ନିଜ ମନକୁ ସ୍ଥିର ରଖି ପ୍ରଚେଷ୍ଟା ଜାରି ରଖିଲେ ସଫଳ ହୋଇପାରିବେ।






## କ'ଣ କୁହନ୍ତି ଏମାନେ...



**ଭୂମିକା ଦାସ**(ଡାକ୍ତରୀ ଛାତ୍ରୀ, ଭୁବନେଶ୍ୱର)- ସଫଳ କ୍ୟାରିୟର ଗଢିବା ଲକ୍ଷ୍ୟ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ମନରେ ଥାଏ। ଯେଉଁଥିପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ ବି କରିବାକୁ ହୋଇଥାଏ। ପାଠ ପଢି ଡାକ୍ତର ହେବାର ସ୍ୱପ୍ନ ପିଲା ବେଳୁ ଦେଖିଆସିଛି। ତେଣୁ ଏଣ୍ଟ୍ରାନ୍ସ ଭଲରେ କ୍ଲିଅର କରିବା ଉଦ୍ଦେଶ୍ୟରେ ଏକ ବର୍ଷ ଗ୍ୟାପ୍ ନେଇ କୋଚିଂ ନେଲି। ଅଭିଭାବକ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ସପୋର୍ଟ କରିଥିଲେ। ତେଣୁ ବର୍ଷସାରା ଆଦୌ ଅବହେଳା ନ କରି ଭଲ ଭାବେ ପ୍ରଚେଷ୍ଟା କରି ଉତୀର୍ଣ୍ଣ ହୋଇପାରଥିବାରୁ ଖୁସି ଅଛି। ମୋ ମତରେ ନିଜ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ପଡିଲେ ଏକାଡେମିକ୍ ଗ୍ୟାପ୍ ନେବାରେ କୌଣସି ଅସୁବିଧା ନାହିଁ।



**ଓମ୍ ନାରାୟଣ ମହାନ୍ତି**( ଇଂଜିନିୟରିଂ ଛାତ୍ର, ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)- ଏକାଡେମିକ୍ ଗ୍ୟାପ୍ ନେବା କେତେଦୂର ଉପକାରୀ ତାହା ଜଣେ ବିଦ୍ୟାର୍ଥୀର ମାନସିକତା ଉପରେ ନିର୍ଭର କରେ। କାରଣ ଏହି ସମୟର ସଦୁପଯୋଗ କରି ଦୃଢ ମନ ରଖି ଉଦ୍ୟମ କରିପାରିଲେ ଜଣେ ନିଶ୍ଚୟ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ସେଥିରେ ସନ୍ଦେହ ନାହିଁ। ମୋତେ ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ଭାବେ ନିଜ ପରିଚୟ ଦେବାକୁ ବହୁତ ଇଛା। ଆଉ ଏଥିପାଇଁ ଏଣ୍ଟ୍ରାନ୍ସରେ ଖୁବ୍ ଭଲ କରିବାକୁ ଯଥେଷ୍ଟ କରିଥିଲି। ଯଦିଓ ଭଲ ରେଜଲ୍ଟ ହୋଇଥିଲା ଏବଂ ଏନ୍ଆଇଟିରେ ସିଟ୍ ମିଳୁଥିଲା କିନ୍ତୁ ଆଇଆଇଟି ପାଇଁ ଏକ ବର୍ଷ ଗ୍ୟାପ୍ ନେଇ ପୁଣିଥରେ ଚେଷ୍ଟା କରିବାକୁ ସ୍ଥିର କଲି। ଅନେକେ ଖୁବ୍ ବିରୋଧ କରିଥିଲେ ବି ମାଆବାପା ଉଭୟଙ୍କ ସହଯୋଗ ରହିଥିଲା। ତେଣୁ କାହା କଥାରେ ପ୍ରଭାବିତ ନ ହୋଇ କିମ୍ବା କୌଣସି ନକରାତ୍ମକ ଚିନ୍ତା ନ କରି ଆତ୍ମବିଶ୍ୱାସ ରଖି ଉଦ୍ୟମ ଜାରି ରଖିଲି ଏବଂ ଆଇଆଇଟିରେ ପଢିବାର ସୁଯୋଗ ପାଇଲି।





## ଏ ସପ୍ତାହର ପ୍ରଶ୍ନ

୧– ନାର୍ଟନ ହ୍ରଦ.............. ଦୁଇ ଦେଶର ସୀମାକୁ ଲାଗିଛି ?
୨– ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ ନାମକ ସରକାରୀ ଏଜେନ୍ସି ................ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି ?
୩– ରେଡ୍ ପ୍ଲାନେଟ୍ ........ ଗ୍ରହକୁ କୁହାଯାଏ ?
୪– ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ ପୁସ୍ତକ .......... ଲେଖିଛନ୍ତି ?
୫– ନିକଟରେ ......... ଦେଶରେ ସମଲିଙ୍ଗୀ ବିବାହକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି ?

## ଗତ ଥରର ଉତ୍ତର

୧ ଇସ୍ରାଏଲ୍
୨ କ୍ୟାପ୍‌ଜେମିନି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍
୩ ମିନିଷ୍ଟ୍ରି ଅଫ୍ ମାଇକ୍ରୋ, ସ୍ମଲ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍
୪ ଗୁଆଟେମାଲା
୫ କେରଳ

## ଉତ୍ତରଦାତା



ସତ୍ୟଦର୍ଶୀ ପଣ୍ଡା
ଜଗତ୍‌ସିଂହପୁର



ଶେଖ୍ ୟାକୁବ୍
ଗୋପ



ଛବିଲାଲ୍ ଭାଟି
କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

### ଯୁବ ପ୍ରତିଭା

## କାଚ ବୋତଲରେ ବିସ୍ମୟ କାରିଗରି

ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଏବଂ ଏକାଗ୍ରତା ସଫଳତା ଆଣେ– ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସେ। ଖଡ଼ି, ସାବୁନ, ପେନ୍‌ସିଲ, ପଥର, କାଠ, ଚାଉଳ, ମୁଗ, ଧାନରେ ସୂକ୍ଷ୍ମ ଖୋଦେଇ କରି ଜୀବନ୍ତ ପ୍ରତିମୂର୍ତ୍ତି ନିର୍ମାଣ କରି ଜଣେ ସଫଳ କାରିଗର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଗୋପୀନାଥପୁର ହାଟ ବଜାରରେ ରହୁଥିବା ମାତା ଏଲ୍. ଆପ୍ପଲା ଏବଂ ବାପା ଏଲ୍. ଏରେୟାଙ୍କ ପୁଅ ଏଲ୍. ଈଶ୍ୱର ରାଓ।



ତାଙ୍କ ପରିବାରରେ କେହି କଳାକାର ନାହାନ୍ତି। ହେଲେ ତୁଳସୀ ଦୁଇପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା ପିଲାବେଳୁ। ଖେଳକୁଦ କରିବା ବୟସରେ ସେ ମାଟିରେ ଗଣେଶ, ସରସ୍ୱତୀ, ଦୁର୍ଗା ପ୍ରତିମୂର୍ତ୍ତି ଗଢ଼ି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସମୟ ପାଇଲେ ଚକ୍‌ଖଡ଼ିଟିଏ ଧରି କାନ୍ଥବାଡ଼, ଚଟାଣରେ ଚିତ୍ର ଆଙ୍କି ବସୁଥିବା ଈଶ୍ୱରଙ୍କ ବୟସ ବଢ଼ିବା ସହ ଏହା ତାଙ୍କ ପେସାରେ ପରିଣତ ହୋଇଥିଲା। ପ୍ରଥମେ କାର୍ଡବୋର୍ଡ, ୱାଲ୍ ପେଣ୍ଟିଂରେ ବିଭିନ୍ନ ଦେବଦେବୀ, ପଶୁପକ୍ଷୀ, ପ୍ରାକୃତିକ ଦୃଶ୍ୟ ଅଙ୍କନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ସ୍ନାତକ ପଢ଼ା ପରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ରାଜ୍ୟ ହସ୍ତଶିଳ୍ପ ତାଲିମ ପ୍ରତିଷ୍ଠାନରେ ୪ବର୍ଷ ପଥର ଖୋଦେଇ ଉପରେ ପ୍ରଶିକ୍ଷଣ ନେଲେ। ସେ ଚକ୍‌ଖଡ଼ି, ସାବୁନ, ପେନ୍‌ସିଲ, ଖଣ୍ଡ ହଳଦୀ, ପଥର, ବ୍ୟାଟେରିରେ ସୁନ୍ଦର ସୂକ୍ଷ୍ମ କଳା ପରିବେଷଣରେ ସିଦ୍ଧହସ୍ତ ହୋଇ ପାରିଛନ୍ତି। ଲୋକେ ବ୍ୟବହାର କରି ଫିଙ୍ଗି ଦେଉଥିବା କାଚ ବୋତଲକୁ ସେ ବର୍ଷସାରା ସଂଗ୍ରହ କରିଥା'ନ୍ତି। ବୋତଲର ମୁହଁ ସରୁ ହୋଇଥିବା ବେଳେ ଅତି ନିଖୁଣ ଭାବେ ଏହା ଭିତରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରନ୍ତି। ଏହାରି ମଧ୍ୟରେ ସେ ଶିବ, ଗଣେଶ, ଦୁର୍ଗା, ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି, ତାଜମହଲ, କୋଣାର୍କ ଚକ୍ର, ଶିବ ମନ୍ଦିର, ଶ୍ରୀମନ୍ଦିର, ଅଶୋକ ସ୍ତମ୍ଭ, ବିଶ୍ୱକପ୍, ଜାତୀୟ ପତାକା ପ୍ରଭୃତି ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ତେବେ ୨୦୧୫ ମସିହାରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବକଳେବର ପ୍ରସ୍ତୁତି ଚାଲିଥିବା ବେଳେ ଏପଟେ ଈଶ୍ୱର କାଚବୋତଲ ଭିତରେ କାଠ ସାହାଯ୍ୟରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଗଢ଼ି ନିଜ ସୂକ୍ଷ୍ମ କାରିଗରିର ପରିଚୟ ଦେଇ ବେଶ୍ ପ୍ରଶଂସା ସାଉଁଟିଥିଲେ। ରଥଯାତ୍ରା, ହକି, ଫୁଟବଲ ମହାକୁମ୍ଭ, ଅଲିମ୍ପିକ୍ସ, କ୍ରିକେଟ୍ ବିଶ୍ୱକପ୍, ଆଇପିଏଲ, ବିଭିନ୍ନ ମହାପୁରୁଷଙ୍କ ଜୟନ୍ତୀ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପ୍ରଭୃତି ଉତ୍ସବରେ ସୂକ୍ଷ୍ମ କାରିଗରି ମାଧ୍ୟମରେ ଶୁଭେଚ୍ଛା ଜଣାଇ ଚର୍ଚ୍ଚାରେ ରହିଥା'ନ୍ତି।

ପ୍ରତ୍ୟେକ ହିନ୍ଦୁ ପର୍ବପର୍ବାଣି ଯଥା ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜାରେ ଇକୋ ଫ୍ରେଣ୍ଡଲି ମୂର୍ତ୍ତି ଗଢ଼ି ପିଲାଙ୍କୁ ମାଗଣାରେ ବଣ୍ଟନ କରନ୍ତି। ରଥଯାତ୍ରା ସମୟରେ ଦିଆସିଲି କାଠି, ସୂତା, ଅଦରକାରୀ କାଗଜକୁ ବ୍ୟବହାର କରି ଅତି ସୂକ୍ଷ୍ମରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ସହ ରଥ ପ୍ରସ୍ତୁତ କରି ରଥଯାତ୍ରା ଶୁଭେଚ୍ଛା ଜଣାଇଥା'ନ୍ତି। ପେନ୍‌ସିଲରେ ଖୁବ୍ ସୂକ୍ଷ୍ମ ଭାବେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି, ଆଇପିଏଲ୍, ହକି ମହାକୁମ୍ଭର ଚାମ୍ପିୟନ ଟ୍ରଫି ହେଉ ଅବା ଅଦରକାରୀ କାଗଜକୁ ବ୍ୟବହାର କରି ୧୦୮ଟି ଛୋଟ ବଡ଼ ରଥ ପ୍ରସ୍ତୁତ କରି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଏଭଳି ବିଭିନ୍ନ ନିଆରା କଳାକୃତି ପାଇଁ ତାଙ୍କ ନାଁରେ ରହିଛି ମିରାକିଲ୍ ୱାର୍ଲ୍ଡ ରେକର୍ଡ, ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଓଣ୍ଡର ବୁକ୍ ଅଫ୍ ରେକର୍ଡ, ଅନ୍‌ଲାଇନ୍ ୱାର୍ଲ୍ଡ ରେକର୍ଡ, ନେପାଳ ବୁକ୍ ଅଫ୍ ରେକର୍ଡ, ଜିନିଅସ୍ ଇଣ୍ଡିଆନ୍ ଆଚିଭର୍ସ ଆୱାର୍ଡ ଭଳି ଅନେକ ରେକର୍ଡ ଏବଂ ଆୱାର୍ଡ। ଏହା ବ୍ୟତୀତ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି।

ସେ ଜଣେ ଯୁବ ସାମାଜିକ କର୍ମୀ ମଧ୍ୟ। ନିଜ କଳା ମାଧ୍ୟମରେ ସଚେତନତାର ବାର୍ତ୍ତା ମଧ୍ୟ ଦେଇଥା'ନ୍ତି। ସଡ଼କ ଦୁର୍ଘଟଣା ବଢ଼ୁଛି। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ, କାର ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା ପ୍ରଭୃତି ସେ କଳାକୃତି ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଅନ୍ତି। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ନାଁରେ ତାଙ୍କର ଅନୁଷ୍ଠାନ ଅଛି। ଯେଉଁଠି ସେ ଛୋଟ ପିଲାଙ୍କୁ ମାଗଣାରେ ଚିତ୍ରକଳା ସହ ସୂକ୍ଷ୍ମ କଳାର ପ୍ରଶିକ୍ଷଣ ଦିଅନ୍ତି। ବର୍ତ୍ତମାନ ସୁଦ୍ଧା ସେ ବିଭିନ୍ନ ସାଇଜର କାଚବୋତଲର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କଳାକୃତି କରିଥିବା ବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ପଥର, କାଷ୍ଠମୂର୍ତ୍ତି ଗଢ଼ି ନିଜ ଘରକୁ ସଂଗ୍ରହାଳୟ ଭାବେ ସଜାଇଛନ୍ତି। ଭବିଷ୍ୟତରେ ଏହି କଳାକୁ ସେ ଦେଶ ବିଦେଶରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

– ପ୍ରଭାତ ପାଣିଗ୍ରାହୀ

### ୟୁଥ୍ ଆଲର୍ଟ

## ଏକ୍ସପାୟର୍ଡ ମେଡିସିନ୍ ଖାଉଥିଲେ...

**ଅନେକେ ଔଷଧର ଡେଟ୍ ନ ଦେଖି ଖାଇନିଅନ୍ତି। କେହି କେହି ଡେଟ୍ ଏକ୍ସପାୟର୍ଡ ହୋଇଥିଲେ ସୁଦ୍ଧା ଔଷଧ ଖାଇଥାନ୍ତି। କାରଣ ସେମାନଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ଏହାଦ୍ୱାରା କେବଳ ଔଷଧର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇଥାଏ। ହେଲେ ଏଭଳି ଔଷଧ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

❖ପ୍ରତ୍ୟେକ ଔଷଧ ଉପରେ ଏହାର ଏକ୍ସପାୟରି ଡେଟ୍ ଲେଖାଥାଏ, ଯାହା ଏହାକୁ ପ୍ରସ୍ତୁତ କରୁଥିବା କମ୍ପାନି ନିର୍ଦ୍ଧାରଣ କରିଥାଏ। ଔଷଧ କିଣିବା ପୂର୍ବରୁ ଏବଂ ଘରେ ପୂର୍ବରୁ ରହିଯାଇଥିବା ଔଷଧ ଖାଇବା ପୂର୍ବରୁ ଏହାକୁ ପଢ଼ିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏକ୍ସପାୟରି ଡେଟ୍ ପରେ ଔଷଧର ପ୍ରଭାବ କମିଯିବା ସହ ଏଥିରେ ବିଭିନ୍ନ ରାସାୟନିକ ପ୍ରତିକ୍ରିୟା ଆରମ୍ଭ ହୋଇ ଯାଇଥାଏ। ଫଳରେ ଏହାକୁ ଖାଇଲେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।



❖ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏକ୍ସପାୟର ହେବା ପରେ ଔଷଧ ଶୀଘ୍ର ବିଷାକ୍ତ ହୋଇପଡ଼େ ତା' ନୁହେଁ, କିନ୍ତୁ ଧୀରେ ଧୀରେ ଏହାର ଉପକାରୀ ତତ୍ତ୍ୱ ନଷ୍ଟ ହେବା ଆରମ୍ଭ ହୋଇଯାଏ। କେବେକେବେ ଏହା ପ୍ରଦୂଷିତ ହୋଇଯାଏ। ବିଶେଷକରି ଆଣ୍ଟିବାୟୋଟିକ୍, ହାର୍ଟ ଏବଂ ସୁଗାର ମେଡିସିନ୍ ଏକ୍ସପାୟର ଡେଟ୍ ପରେ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ।

❖ଡେଟ୍ ଏକ୍ସପାୟର ହେବା ପରେ ଔଷଧର ପ୍ରଭାବ କମିଯାଉଥିବାରୁ ଏହାକୁ ଖାଇଲେ ପ୍ରଥମତଃ ରୋଗ ଭଲ ହୋଇ ନ ଥାଏ। ଦ୍ୱିତୀୟରେ ଏହାର ନକାରାତ୍ମକ ପ୍ରଭାବରେ ଅନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ଏମିତିକି କେତେକ କ୍ଷେତ୍ରରେ ଏହା ବିଷାକ୍ତ ହୋଇଯିବା ଦ୍ୱାରା ଶରୀରକୁ ଅଧିକ କ୍ଷତି ପହଞ୍ଚାଇ ମୃତ୍ୟୁମୁଖରେ ପକାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

❖ଛୋଟ ପିଲା, ବୟସ୍କ ଲୋକଙ୍କ ପାଇଁ ଏକ୍ସପାୟର୍ଡ ମେଡିସିନ୍ ଅଧିକ କ୍ଷତିକାରକ ହୋଇଥାଏ।

❖ଯଦି ଭୁଲ୍‌ବଶତଃ ଏକ୍ସପାୟର ମେଡିସିନ୍ ଖାଇବା ପରେ ବାନ୍ତି, ମୁଣ୍ଡ ବୁଲାଇବା, ଆଲର୍ଜି, ନିଃଶ୍ୱାସ ନେବାରେ ଅସୁବିଧା ଦେଖାଦିଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।

❖ତେଣୁ ମନେରଖନ୍ତୁ, ଔଷଧ କିଣିବା କିମ୍ବା ଖାଇବା ବେଳେ ଡେଟ୍ ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ସୁରକ୍ଷା ଦୃଷ୍ଟିରୁ ଘରେ ପୂର୍ବରୁ ଥିବା ଏକ୍ସପାୟର୍ଡ ଔଷଧକୁ ଫିଙ୍ଗି ଦିଅନ୍ତୁ।



# ପନ୍ତଙ୍କ ଶତକ: ଭାରତ ୪୭୧

**ପ୍ରଥମ ଟେଷ୍ଟ**

ଲିଡ୍ସ,୨୧ା୬

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୪୭୧ ରନରେ ଅଲଆଉଟ୍ ହୋଇଯାଇଛି। ପ୍ରଥମ ଦିନ ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଶୁବମନ ଗିଲ ଶତକ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନରେ ରିଷଭ ପନ୍ତ ଶତକ ପୂରଣ କରିଛନ୍ତି। ଜବାବରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଦ୍ୱିତୀୟ ଦିନର ଚା' ପାନ ବିରତି ସୁଦ୍ଧା ୧ ଉଇକେଟ ହରାଇ ୧୦୭ ରନ କରିଛି। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ଏକମାତ୍ର ଉଇକେଟ ନେଇଛନ୍ତି। ରିପୋର୍ଟ ଲେଖା ହେଲା ବେଳକୁ ବେନ ଡକେଟ ୫୩ ଓ ଓଲି ପୋପ ୪୮ ରନରେ ବ୍ୟାଟିଂ କରୁଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ଇଂଲଣ୍ଡ ହାତରେ ୯ ଉଇକେଟ ସୁରକ୍ଷିତ ରଖିଥିବା ବେଳେ ୩୬୪ ରନ ପଛରେ ରହିଛି।

ଶନିବାର ତଥା ମ୍ୟାଚ୍‌ର ଦ୍ୱିତୀୟ ଦିନ ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଗିଲ ଓ ପନ୍ତ ଆଟାକିଂ ବ୍ୟାଟିଂ କରିଥିଲେ। ଦୁହେଁ ଚତୁର୍ଥ ଉଇକେଟ ପାଇଁ ୨୦୯ ରନର ଭାଗୀଦାରି କରିଥିଲେ। ଦିନର ପ୍ରଥମ ବ୍ୟାଟର ଭାବେ ଗିଲ ୧୯ ଚୌକା ଓ ୧ ଛକା ସହିତ ୧୪୭ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଭାରତୀୟ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୪୩୦ ରନରେ ଚତୁର୍ଥ ଉଇକେଟ ହରାଇଥିବା ଭାରତ ପରବର୍ତ୍ତୀ ୬ ଉଇକେଟରେ ମାତ୍ର ୪୧ ରନ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାୟର ଖାତା ଖୋଲିପାରି ନ ଥିଲେ। ପନ୍ତ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ।



ଶତକ ହାସଲ ପରେ ରିଷଭ ପନ୍ତ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସପ୍ତମ ଶତକ ଥିଲା। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିବା ବେଳେ ରବୀନ୍ଦ୍ର ଜାଡେଜା ୧୧, ଶାର୍ଦ୍ଦୁଳ ଠାକୁର ୧, ପ୍ରସିଦ୍ଧ କ୍ରିଷ୍ଣା ୧, ବୁମରା ବିନା ରନରେ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋଶ ଟଙ୍ଗ ୪ ଲେଖାଏ ଏବଂ ବ୍ରାଇଡନ କାର୍ସ ଓ ଶୋଏବ ବସୀର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧/ ଅଲଆଉଟ୍ (ଶୁବମନ ଗିଲ-୧୪୭, ରିଷଭ ପନ୍ତ-୧୩୪, ଯଶସ୍ୱୀ ଜୟସ୍ୱାଲ-୧୦୧, ଲୋକେଶ ରାହୁଲ-୪୨, ବେନ ଷ୍ଟୋକ୍ସ-୪/୬୬, ଜୋଶ ଟଙ୍ଗ-୪/୮୬)।

ଇଂଲଣ୍ଡ ପ୍ରଥମ ଇନିଂସ: ୨୪ ଓଭରରେ ୧୦୭/୧ (ବେନ ଡକେଟ-୫୩*, ଓଲି ପୋପ-୪୮*, ଯଶପ୍ରୀତ ବୁମରା-୧/୨୩)।

## ଧୋନୀଙ୍କୁ ପଛରେ ପକାଇଲେ ପନ୍ତ

ଟେଷ୍ଟ କ୍ରିକେଟ ଇତିହାସରେ ଭାରତୀୟ ଉଇକେଟକିପର ବ୍ୟାଟର ଭାବେ ସର୍ବାଧିକ ସଂଖ୍ୟକ ଶତକ କରିବାରେ ରିଷଭ ପନ୍ତ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅତିକ୍ରମ କରିଛନ୍ତି। ପନ୍ତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଛକା ମାରି ଶତକ ପୂରଣ କରିଥିଲେ। ସେ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ। ଏହା ତାଙ୍କ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଥିଲା। ଭାରତ ପାଇଁ ୯୦ ଟେଷ୍ଟ ଖେଳିଥିବା ଧୋନୀ ୬ ଶତକ ଓ ୩୩ ଅର୍ଦ୍ଧଶତକ ସହ ୪,୮୭୬ ରନ୍ କରିଥିଲେ। ସେ ଏବେ ବି ଭାରତ ପାଇଁ ଟେଷ୍ଟରେ ସର୍ବାଧିକ ରନ କରିଥିବା ଉଇକେଟକିପର ବ୍ୟାଟର ହୋଇ ରହିଛନ୍ତି। ଶତକୀୟ ଇନିଂସ ଅବସରରେ ପନ୍ତ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ ପୂରଣ କରିଛନ୍ତି। ଭାରତ ପାଇଁ ସର୍ବାଧିକ ଟେଷ୍ଟ ଶତକ କରିଥିବା ଉଇକେଟକିପର ବ୍ୟାଟରଙ୍କ ତାଲିକାରେ ରିଦ୍ଧିମାନ ଶାହା, ସୟଦ କିରମାନି ଓ ପାରୁଖ ଇଞ୍ଜିନିୟର ଦୁଇଟି ଲେଖାଏ ଶତକ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି।

# ନୀରଜଙ୍କୁ ଡାଇମଣ୍ଡ ଲିଗ୍ ଟାଇଟଲ



ନୀରଜ ଚୋପ୍ରା

ପ୍ୟାରିସ, ୨୧ା୬ (ପି.ଟି.)

ଅଲିମ୍ପିକ ପଦକ ବିଜେତା ଭାରତୀୟ ଜାଭେଲିନ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା ଦୁଇ ବର୍ଷରେ ପ୍ରଥମ ଥର ଡାଇମଣ୍ଡ ଲିଗ୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ସେ ଯଦିଓ ୯୦ ମିଟର ଅଙ୍କ ସ୍ପର୍ଶ କରିପାରି ନାହାନ୍ତି ଏଠାରେ ୮୮.୧୬ ମିଟର ପ୍ରଥମ ରାଉଣ୍ଡ ଥ୍ରୋରେ ତାଙ୍କ ଜର୍ମାନ ପ୍ରତିଦ୍ୱନ୍ଦ୍ୱୀ ଜୁଲିଆନ ୱେବରଙ୍କୁ ପଛରେ ପକାଇ ଦେଇଛନ୍ତି। ଇଭେଣ୍ଟରେ ବିଶ୍ୱର ବହୁ ଷ୍ଟାର ଜାଭେଲିନ୍ ଥ୍ରୋୟର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୫ଜଣ ୯୦ମିଟର କ୍ଲବର ଥିଲେ। ଚୋପ୍ରାଙ୍କ ଦ୍ୱିତୀୟ ଥ୍ରୋ ୮୫.୧୦ମିଟର ରହିଥିଲା। ତାଙ୍କର ପରବର୍ତ୍ତୀ ତିନୋଟି ଥ୍ରୋ ଫାଉଲ ରହିଥିଲା। ତାଙ୍କର ୬ଷ୍ଠ ତଥା ଫାଇନାଲ ପ୍ରୟାସ ୮୨.୮୯ ମିଟର ରହିଥିଲା। ୱେବର ତାଙ୍କର ୮୭.୮୮ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବ୍ରାଜିଲର ଲୁଇଜ୍ ମୌରିସିଓ ଡା ସିଲ୍‌ଭା ତାଙ୍କ ତୃତୀୟ ରାଉଣ୍ଡ ପ୍ରୟାସ ୮୬.୬୨ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୀରଜ ତାଙ୍କ ଗତ ଡାଇମଣ୍ଡ ଲିଗ୍ ଟାଇଟଲ ୨୦୨୩ ଜୁନ୍‌ରେ ଲାଉସାନେଠାରେ ହାସଲ କରିଥିଲେ। ଏହାପରେ ସେ ଭାଗ ନେଇଥିବା ୬ଟି ଡାଇମଣ୍ଡ ଲିଗ୍‌ରେ ଦ୍ୱିତୀୟରେ ରହିଥିଲେ। ଏହି ମର୍ଯ୍ୟାଦାପୂର୍ଣ୍ଣ ସିରିଜର ପ୍ୟାରିସ ଲିଗ୍‌ରେ ଏହା ହେଉଛି ତାଙ୍କର ପ୍ରଥମ ବିଜୟ। ସେ ଶେଷ ଥର ଜୁନିୟର ବିଶ୍ୱ ଚାମ୍ପିୟନ ହିସାବରେ ୨୦୧୭ରେ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଭାଗ ନେଇଥିଲେ। ସେତେବେଳେ ସେ ୮୪.୭୬ ମିଟର ଥ୍ରୋ ସହ ୫ମ ସ୍ଥାନ ଅଧିକାର କରିଥିଲେ। ହରିୟାଣାର ଏହି ଆଥ୍‌ଲେଟ ଏଠାରେ ପ୍ରତିଯୋଗିତା ଶେଷରେ ବ୍ରଡକାଷ୍ଟରଙ୍କୁ ତାଙ୍କର ଏକ ସାକ୍ଷାତ୍କାରରେ କହିଛନ୍ତି, ଶୁକ୍ରବାର ରାତିରେ ତାଙ୍କ ରନ୍ ଅପ୍ ବହୁତ୍ ଦ୍ରୁତ ଥିଲା। ସେ ତାଙ୍କ ଗତିକୁ ନିୟନ୍ତ୍ରଣ କରିପାରୁ ନ ଥିଲେ। କିନ୍ତୁ ଫଳାଫଳ ଏବଂ ପ୍ରଥମ ସ୍ଥାନକୁ ନେଇ ସେ ବହୁତ ଖୁସି।

## ୫ମ ଟେଷ୍ଟରେ ଖେଳିପାରନ୍ତି ଉଡ୍

ଲଣ୍ଡନ, ୨୧ା୬ (ପି.ଟି.)

ଆଘାତପ୍ରାପ୍ତ ଇଂଲଣ୍ଡ ଫାଷ୍ଟ ବୋଲର ମାର୍କ ଉଡ୍ ଜୁଲାଇ ୩୧ରୁ ଓଭାଲଠାରେ ହେବାକୁ ଥିବା ୫ମ ତଥା ଫାଇନାଲ ଟେଷ୍ଟ ବେଳକୁ ଫିଟ୍ ହୋଇଯାଇଥିବେ ଏବଂ ସିଲେକ୍ସନ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଆଣ୍ଠୁରେ ଅସ୍ତ୍ରୋପଚାର ପରେ ଉଡ୍ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଚାମ୍ପିୟନ୍ସ ଟ୍ରଫି ବେଳେ ଏହି ୩୫ ବର୍ଷୀୟ କ୍ରିକେଟର ବାମ ଆଣ୍ଠୁରେ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା। ମାର୍ଚ୍ଚରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା।

# ଓଡ଼ିଶାର ସାତ୍ତ୍ୱିକ ଚାମ୍ପିୟନ

**୯ ବର୍ଷରୁ କମ୍ ଜାତୀୟ ଓପନ ଚେସ୍**

ଭୁବନେଶ୍ୱର,୨୧ା୬(ଅନାଦି କର)

ଅଲ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍) ଆନୁକୂଲ୍ୟରେ ହରିୟାଣା ଚେସ୍ ଆସୋସିଏଶନ (ଏଚ୍‌ସିଏ) ଦ୍ୱାରା ଆୟୋଜିତ ୯ ବର୍ଷରୁ କମ୍ ଜାତୀୟ ଓପନ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ଗତ ୧୫ ତାରିଖରୁ ଚାଲିଥିବା ଏହି ୧୧ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସାତ୍ତ୍ୱିକ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରି ଏହି ସଫଳତା ପାଇଛନ୍ତି। ତାଙ୍କ ପଛକୁ କର୍ନାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା ଓ ତେଲଙ୍ଗାନାର ଦ୍ୱିଭିଥ ରେଡ୍ଡୀ ଆଦୁଲା ଯଥାକ୍ରମେ ୯.୫ ଓ ୮.୫ ସ୍କୋର ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ମୋଟ ଉପରେ ୩୧୮ ଖେଳାଳି ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଓଡ଼ିଆ ଖେଳାଳି ସିଦ୍ଧାର୍ଥ ମଲିକ ୭ ଓ ଅଦ୍ୱିକ ଆଦିତ୍ୟ ସ୍ୱାଇଁ ୬ ପଏଣ୍ଟ ସହ ଯଥାକ୍ରମେ ୭୩ତମ ଓ ୧୦୦ତମ ସ୍ଥାନରେ ରହିଥିଲେ। ସାତ୍ତ୍ୱିକଙ୍କୁ ଏଭଳି ଉପଲବ୍ଧି ପାଇଁ ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଟ୍ଟ, କାର୍ଯ୍ୟକାରୀ ପରିଷଦ ସଦସ୍ୟ ରିତେଶ ରଥ, ପନମିନି ସିଂ, ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ ସାତ୍ତ୍ୱିକ ସ୍ୱାଇଁ

## ଛତିଶଗଡ଼ ପାଇଁ ଖେଳିବେ ସରୱତେ

ମୁମ୍ବାଇ,୨୧ା୬

ଭେଟେରାନ ସ୍ପିନ ଅଲରାଉଣ୍ଡର ଆଦିତ୍ୟ ସରୱତେ ଆଗାମୀ ଘରୋଇ ସିଜନ ପୂର୍ବରୁ କେରଳ ଦଳରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଚଳିତବର୍ଷ ଛତିଶଗଡ଼ ପାଇଁ ଖେଳିବେ। ସେ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦାବି କରିଥିଲେ ଏବଂ ଆମେ ତାଙ୍କୁ ଦେଇଛୁ ବୋଲି କେରଳ କ୍ରିକେଟ ଆସୋସିଏଶନ (କେସିଏ) ସମ୍ପାଦକ ବିନୋଦ କୁମାର କହିଛନ୍ତି। ୩୫ ବର୍ଷୀୟ ସରୱତେ କ୍ୟାରିୟରରେ ପ୍ରାୟତଃ ବିଦର୍ଭ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ଗତବର୍ଷ ସେ କେରଳ ପାଇଁ ଖେଳିଥିଲେ। ସେ ଗତ ରଣଜୀ ସିଜନରେ ୨୭୪ ରନ କରିବା ସହ ୩୪ ଉଇକେଟ ନେଇଥିଲେ। ସରୱତେଙ୍କ ପ୍ରତିନିଧିତ୍ୱରେ ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ ରଣଜୀ ଚାମ୍ପିୟନ ହୋଇଥିଲା।

### ଜାଫର ବିଦର୍ଭରେ ଯୋଗଦେଇପାରନ୍ତି

ପୂର୍ବତନ ଭାରତୀୟ କ୍ରିକେଟର ୱାଶିମ ଜାଫର ବ୍ୟାଟିଂ ପରାମର୍ଶଦାତା ଭାବେ ବିଦର୍ଭ ଦଳରେ ଯୋଗଦେଇପାରନ୍ତି। ସେ ଉସ୍ମାନ ଘନିଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍‌ରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଗତ ସିଜନରେ ଘନିଙ୍କ ନେତୃତ୍ୱରେ ବିଦର୍ଭ ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା।




# କଟକ 'ଏ'-ଭୁବନେଶ୍ୱର 'ଏ' ଫାଇନାଲ

ଭୁବନେଶ୍ୱର , ୨୧ା୬ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ (ଦିନିକିଆ ଫର୍ମାଟ)ର ଫାଇନାଲ ଭୁବନେଶ୍ୱର 'ଏ' ଓ କଟକ 'ଏ' ମଧ୍ୟରେ ଖେଳାଯିବ। ଶନିବାର ସେମିଫାଇନାଲ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ଏ' ଡି/ଏଲ୍ ପଦ୍ଧତିରେ ୬ ରନରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ଏହି ମ୍ୟାଚରେ ଭୁବନେଶ୍ୱର 'ଏ' ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ୩୩.୫ ଓଭରରେ ୧୨୧ ରନ କରି ଅଲ ଆଉଟ ହୋଇଯାଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ୩୫ (୬୩ ବଲ୍) ରନ ଓ ଆୟୁଷ କୁମାର ଚାନ୍ଦ ୩୦(୪୩ ବଲ୍) ରନ କରିଥିଲେ। ସୁନ୍ଦରଗଡ଼ ତରଫରୁ ଓମ୍ ବେହେରା ୨୦ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିବା ବେଳେ ନୀଲ ନିତେଶ ମହାନ୍ତି ୨୫ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ଼ ଦଳ ବର୍ଷା ପାଇଁ ଖେଳ ସ୍ଥଗିତ ହେବା ବେଳକୁ ୨୨.୨ ଓଭରରେ ୫ଉଇକେଟ ହରାଇ ୬୫ ରନ କରିଥିଲା। ଭୁବନେଶ୍ୱର 'ଏ' ତରଫରୁ ଚମତ୍କାର ବୋଲିଂ କରି ପ୍ରଜ୍ଞାନ କୁମାର ପତ୍ରୀ ୬ ଓଭରରେ ୧ ମେଡେନ ସହ ୧୫ ରନ ଦେଇ ୩ ଉଇକେଟ ନେଇଥିଲେ। ଚନ୍ଦ୍ରାଂଶୁ ବାଘେଲ ୧୩ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଜ୍ଞାନ କୁମାର ପତ୍ରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କଟକ 'ଏ' ଓ ଭୁବନେଶ୍ୱର 'ବି' ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ବର୍ଷା ଯୋଗୁ ସମ୍ଭବପର ହୋଇ ନ ଥିଲା। ନକ୍‌ଆଉଟ ପର୍ଯ୍ୟାୟରେ କ୍ୱାଲିଫିକେଶନ ନିୟମାନୁସାରେ ଲିଗ୍ ପର୍ଯ୍ୟାୟରେ ତୁଳନାତ୍ମକ ଭାବେ ଅଧିକ ପଏଣ୍ଟ ଅର୍ଜନ କରିଥିବା କଟକ 'ଏ' ଫାଇନାଲକୁ ଉନ୍ନୀତ ହୋଇଥିଲା।



ପ୍ରଜ୍ଞାନ କୁମାର ପତ୍ରୀ



ଓମ୍ ବେହେରା

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

## ବେଲଜିୟମଠାରୁ ହାରିଲା ଭାରତ

ଆଣ୍ଟୱେର୍ପ (ବେଲଜିୟମ), ୨୧ା୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳର ଖରାପ ପ୍ରଦର୍ଶନ ଜାରି ରହିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ ନିକଟରୁ ସେମାନେ ୫-୧ ଗୋଲରେ ହାରିଯାଇଛନ୍ତି। ୟୁରୋପିଆନ ଲିଗ୍‌ରେ ଦଳର ଏହା ହେଉଛି କ୍ରମାଗତ ୫ମ ପରାଜୟ। ପୂର୍ବରୁ ଲଣ୍ଡନଠାରେ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ବିପକ୍ଷରେ ଦଳ ଦୁଇଟି ଲେଖାଏ ମ୍ୟାଚରେ ହାରି ସାରିଛି। ଶନିବାର ମ୍ୟାଚରେ ଦୀପିକା ଖେଳର ୬ଷ୍ଠ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଭାରତକୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ହେଲେନ ବ୍ରାସେଉର (୩୭ତମ ଓ ୫୫ତମ ମିନିଟ), ଲୁସି ବ୍ରେଇନ୍ (୪୧ତମ), ଆମ୍ବ୍ରେ ବାଲେଙ୍ଗହିନ୍ (୫୪ତମ) ଓ ଚାର୍ଲୋଟ ଏଙ୍ଗେଲବର୍ଟ (୫୮ତମ)ଙ୍କ ଗୋଲ ବଳରେ ମ୍ୟାଚକୁ ସହଜରେ ଜିତି ନେଇଥିଲା।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ